

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୦ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 10 APRIL 2025
Vol.No. 36 ■ No.94 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ପାଣ୍ଡିଆନଙ୍କୁ କ୍ଲିନଚିଟ୍ ଦେଇ ବରିଷ୍ଠଙ୍କୁ ନାଲିଆଖି ଦେଖାଇଲେ ନବୀନ



ଭୁବନେଶ୍ୱର, ୯/୪ (ନି.ପ୍ର): ପୁଣିଥରେ ଭିକେ. ପାଣ୍ଡିଆନଙ୍କ ସପକ୍ଷରେ ବାହାରିଲେ ନବୀନ ପଟ୍ଟନାୟକ। ବୁଧବାର ନବୀନ ଗଣମାଧ୍ୟମ ଆଗରେ ନିଜର ପ୍ରତିକ୍ରୀୟା ରଖି ଘଟଣା ସମ୍ପର୍କରେ ଏବଂ ପାଣ୍ଡିଆନଙ୍କ ସପକ୍ଷରେ ବୟାନ ଦେଇଛନ୍ତି। ନବୀନ କହିଛନ୍ତି, "ମୁଁ ଏଠାରେ କହିବାକୁ ଚାହୁଁଛି ଯେ ଦଳୀୟ ସଦସ୍ୟଙ୍କ ଦ୍ୱାରା ହୋଟେଲରେ ହେଉଥିବା କୌଣସି ବଡ଼ ବୈଠକକୁ ମୁଁ ବିରୋଧ କରେ। ସେମାନଙ୍କର ଦଳୀୟ କାର୍ଯ୍ୟାଳୟ 'ଶଙ୍ଖ ଭବନ' ଅଛି, ଯାହା ଏକ ବଡ଼ ସ୍ଥାନ ଯେଉଁଠାରେ ସେମାନଙ୍କୁ କୁହାଯାଇଛି ଯେ ସେମାନେ ସେମାନଙ୍କର ବୈଠକ କରିବା ଉଚିତ ଏବଂ ସେମାନେ ତାହା କରିବା ଉଚିତ। ମୁଁ ଏଠାରେ ସ୍ପଷ୍ଟ ଭାବରେ କହିବାକୁ ଚାହୁଁଛି ଯେ ପୂର୍ବତନ ବିଧାୟକ ପ୍ରବତ ତ୍ରିପାଠିଙ୍କୁ କିଛି ବର୍ଷ ପୂର୍ବରୁ ବିଜେଡିରୁ ବହିଷ୍କାର କରାଯାଇଥିଲା କାରଣ ସେ ଚିଟ୍-ଫଣ୍ଡ ମାମଲାରେ ଅଭିଯୁକ୍ତ ଥିଲେ ଏବଂ କିଛି ବର୍ଷ ଜେଲରେ ବିତାଇଛନ୍ତି। ମୁଁ ପୁଣି ଥରେ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ସେ ଦଳର ନୁହଁନ୍ତି। ମୁଁ ଏହା ମଧ୍ୟ ସ୍ପଷ୍ଟ ଭାବରେ କହିବାକୁ ଚାହୁଁଛି ଯେ କାର୍ତ୍ତିକେୟନ ପାଣ୍ଡିଆନ ଅତୀତରେ କେବଳ ରାଜ୍ୟ ପାଇଁ ନୁହେଁ ବରଂ ଦଳ ପାଇଁ ବହୁତ ଭଲ କାମ କରିଛନ୍ତି। ତେଣୁ, ତାଙ୍କୁ କୌଣସି ବିଷୟରେ ସମାଲୋଚନା କିମ୍ବା ଦୋଷ ଦିଆଯିବା ଉଚିତ୍ ନୁହେଁ। ଏହା ସହିତ, ସେ ୧୦ ମାସରୁ ଅଧିକ ସମୟ ପୂର୍ବରୁ ଦଳ ଛାଡିଥିଲେ ଏବଂ ଦଳର କୌଣସି କାର୍ଯ୍ୟରେ ସାମିଲ ନାହାଁନ୍ତି।"ରାଜ୍ୟ ସଭାରେ ୱକ୍ଫ ବିଲ୍‌କୁ ନେଇ ବିଜେଡି ଶେଷ ମୁହୂର୍ତ୍ତରେ ରଖିଥିବା ନିଜର ଆଭିମୁଖ୍ୟ ପାଇଁ ଦଳ ଭିତରେ ଦ୍ୱନ୍ଦ ସୃଷ୍ଟି କରିଛି। ଦଳର ଅନେକ ନେତା ଖୋଲାଖୋଲି ଏହାକୁ ବିରୋଧ କରୁଥିବା ବେଳେ ଗଣମାଧ୍ୟମ ଆଗରେ ମଧ୍ୟ ନାନା ମନ୍ତବ୍ୟ ଦେଇଥିଲେ। ଏହାରି ମଧ୍ୟରେ ରାଜ୍ୟ ସଭା ଏମପି ଦେବାଶିଷ ସାମନ୍ତରାୟଙ୍କ ସହିତ ଅନେକ ନେତା ପାଣ୍ଡିଆନଙ୍କୁ ଏଥିପାଇଁ ଟାର୍ଗେଟ କରିଥିଲେ। ଏହାପରେ କିଛି ଯୁବନେତା ପାଣ୍ଡିଆନଙ୍କ ସପକ୍ଷରେ ମଧ୍ୟ ଆସିଥିଲେ। ଏହାପରେ ଦୁଇ ପକ୍ଷଙ୍କ ମଧ୍ୟେ ନାନା କଥା ସବୁ କୁହାଯାଇଥିଲା। ଏପରିକି ବରିଷ୍ଠ ଏବଂ ଯୁବନେତାମାନେ ମଧ୍ୟ ଯାଇ ନବୀନଙ୍କୁ ଭେଟିଥିଲେ। ବୁଧବାର ନବୀନ ଗଣମାଧ୍ୟମ ଆଗରେ ନିଜର ପ୍ରତିକ୍ରୀୟା ରଖି ଘଟଣା ସମ୍ପର୍କରେ ଏବଂ ପାଣ୍ଡିଆନଙ୍କ ସପକ୍ଷରେ ବୟାନ ଦେଇଛନ୍ତି।

## ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଦିଲ୍ଲୀରେ ଭେଟିଲେ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୦୯/୪ : ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭେଟିଛନ୍ତି। ନର୍ଥ ବ୍ଲକ୍‌ରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଯାଇ ମୁଖ୍ୟମନ୍ତ୍ରୀ ଶାହାଙ୍କୁ ଭେଟିଛନ୍ତି। ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକଙ୍କ ସହ ଯାଇ ମୁଖ୍ୟମନ୍ତ୍ରୀ ଏହି ସାକ୍ଷାତ କରିଛନ୍ତି। ଆଇନଶୃଙ୍ଖଳା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇ ଦେଶର ବହୁ ଶିଳ୍ପ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି। ମଙ୍ଗଳବାର ରାଜ୍ୟରେ ପୁଞ୍ଜିନିବେଶ ନେଇ ୧୩ କମ୍ପାନୀ ସହ ମୁଖ୍ୟମନ୍ତ୍ରୀ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ବିଭିନ୍ନ କମ୍ପାନୀ ସହ ହୋଇଥିବା ଏହି ଚୁକ୍ତି ୧,୦୩,୦୯୦ କୋଟି ଟଙ୍କାର ପୁଞ୍ଜି ଆକର୍ଷିତ କରିଥିବାବେଳେ ୯୫,୯୧୫ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଗସ୍ତର ଦ୍ୱିତୀୟ ଦିନରେ ଓଡ଼ିଶା

## ରେପୋ ରେଟ୍ ୦.୨୫ ପ୍ରତିଶତ ହ୍ରାସ କରି ୬ ପ୍ରତିଶତ କଲା ଆରବିଆଇ

ନୂଆଦିଲ୍ଲୀ, ୯/୪ (ନି.ପ୍ର): ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ରେପୋ ରେଟ୍‌ରେ ୦.୨୫ ପ୍ରତିଶତ ହ୍ରାସ କରିଛି । ଆରବିଆଇ ରେପୋ ରେଟ୍ ହ୍ରାସ କରି ୬ ପ୍ରତିଶତ କରିଛି, ଯାହା ପୂର୍ବରୁ ୬.୨୫ ପ୍ରତିଶତ ଥିଲା । ଆରବିଆଇ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଆର୍ଥିକ ବୃଦ୍ଧି ଦର ୬.୭ ପ୍ରତିଶତରୁ ହ୍ରାସ କରି ୬.୫ ପ୍ରତିଶତ କରିଥିଲା । ରିଜର୍ଭ ବ୍ୟାଙ୍କ ଏହି ନିଷ୍ପତିରେ ଆଗାମୀ ଦିନରେ ଲୋନର ଦର ଶସ୍ତା ହୋଇପାରେ । ଏହାଦ୍ୱାରା ଇଏମଆଇ ବି ହ୍ରାସ ପାଇବ । ଆରବିଆଇ ଗଭର୍ଣ୍ଣର ସଂଜୟ ମଲହୋତ୍ରା ବୁଧବାର ନୂଆ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ମୌଦ୍ରିକ ନୀତି କମିଟିର ତିନି ଦିବସୀୟ ସମୀକ୍ଷା ବୈଠକ ପରେ ଏହି ସୂଚନା ଦେଇଛନ୍ତି । ମଲହୋତ୍ରା କହିଛନ୍ତି ଯେ, ମୌଦ୍ରିକ ନୀତି କମିଟି ସର୍ବସମ୍ମତିରୁ ନୀତିଗତ ଦର ରେପୋ ରେଟ୍‌କୁ ତତ୍କାଳ ପ୍ରଭାବରେ ୨୫ ଆଧାର ଅଙ୍କ ଅର୍ଥାତ୍ ୦.୨୫ ପ୍ରତିଶତରୁ ହ୍ରାସ କରି ୬ ପ୍ରତିଶତ କରିବା ପାଇଁ ମତଦାନ କରିଛି ।

## ନୂଆ ମୁଖ୍ୟ ସୂଚନା କମିଶନର ହେଲେ ମନୋଜ ପରିଡ଼ା



ଭୁବନେଶ୍ୱର, ୯/୪ (ନି.ପ୍ର): ମନୋଜ ପରିଡ଼ା ହେଲେ ରାଜ୍ୟର ନୂଆ ମୁଖ୍ୟ ସୂଚନା କମିଶନର। । ଏବେ ଇନସୁରାନ୍ସ ଅମ୍ବୁଡସ୍ ମ୍ୟାନ ପଦରେ ଅଛନ୍ତି ମନୋଜ କୁମାର ପରିଡ଼ା । ପୂର୍ବରୁ ପୁଡୁଚେରୀର ମୁଖ୍ୟ ଶାସନ ସଚିବ ଥିଲେ ମନୋଜ ପରିଡ଼ା । ସେହିପରି ଅବସରପ୍ରାପ୍ତ ଓଟଏସ ପ୍ରାଣବିନ୍ଦୁ ଆଚାର୍ଯ୍ୟ ସଦସ୍ୟ ହୋଇଛନ୍ତି । ହାଇକୋର୍ଟର ବରିଷ୍ଠ ଆଇନଜୀବୀ କଳ୍ପନା ପଟ୍ଟନାୟକ ଓ ଅବସରପ୍ରାପ୍ତ ଓଇଏ ପବିତ୍ର ମଣ୍ଡଳ ମଧ୍ୟ ସଦସ୍ୟ ହୋଇଛନ୍ତି । ଓଟିଭିକୁ ନୂଆ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ାଙ୍କ ସୂଚନା ଦେଇ କହିଛନ୍ତି ଯେ, ଜଞ୍ଜଓ ଗଣତନ୍ତ୍ରର ଏକ ବଳିଷ୍ଠ ଅଙ୍ଗ, ସଦୁପଯୋଗ ଦରକାର । ଏହା କିପରି ଭାବେ ଲୋକଙ୍କ ପାଖରେ ପହଞ୍ଚିବ ଚେଷ୍ଟା କରିବି । ପ୍ରଶାସକ ଭାବେ ଯେଉଁ ଅଭିଜ୍ଞତା ପାଇଛି ,କାର୍ଯ୍ୟରେ ଲଗାଇବି । ଭଲ ସାମ୍ବିଧାନିକ ବ୍ୟବସ୍ଥା, ଉପଯୋଗ ପାଇଁ ଚେଷ୍ଟା କରିବି । ଯଦି କିଛି ପେଣ୍ଡିଂ ଥିବ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି ।

## ରାଜ୍ୟରେ ବଦଳିଲା ପାଗ: ତାତିରୁ ଆଶ୍ୱସ୍ତି, ୧୩ ଜିଲ୍ଲାକୁ ୟେଲୋ ଆଲର୍ଟ

ଭୁବନେଶ୍ୱର, ୯/୪ (ନି.ପ୍ର): ରାଜ୍ୟରେ ବଦଳିଲା ପାଗ, ତାତିରୁ ଆଶ୍ୱସ୍ତି ଆଣିଲା କାଳବୈଶାଖୀ । ସୁଦୃଶ୍ୟ ଲଘୁଚାପ ପ୍ରଭାବରେ ଆସନ୍ତାକାଲି ଓ ୧୧ ତାରିଖରେ ବର୍ଷା ସମ୍ଭାବନା ରହଛି । ଆସନ୍ତା ୨୪ ଘଣ୍ଟାରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର । ସେପଟେ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ବିଜୁଳି ସହିତ ବର୍ଷା ପବନ ହୋଇଛି । ଏଥିପାଇଁ ଆଜି ୧୩ ଜିଲ୍ଲାକୁ ଜାରି ହୋଇଛି ୟେଲୋ ଆଲର୍ଟ । ଉପକୂଳ ଓଡ଼ିଶା ସମେତ ମୟୂରଭଂଜ, କେନ୍ଦୁଝର, ସୁନ୍ଦରଗଡ଼ ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଏବଂ ପବନ ସମ୍ଭାବନା ରହିଛି। ଆସନ୍ତାକାଲି ପାଇଁ ୯ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର । ୧୩ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ରହିବ। ଏପଟେ ପଶ୍ଚିମ ଓଡ଼ିଶାରେ ଜାରି ରହିଛି ଗ୍ରୀଷ୍ମପ୍ରବାହ । ୪୦ ଡିଗ୍ରୀ ପାଖାପାଖି ରହୁଛି ପ୍ରାୟ ସହରର ତାପମାତ୍ରା । ବୌଦ୍ଧ ଜିଲ୍ଲାରେ ଲଗାତାର ସର୍ବୋଚ୍ଚ ତାପମାତ୍ରା ରେକର୍ଡ ହେଉଛି । ବିଶେଷକରି କନ୍ଧମାଳ ଅଞ୍ଚଳରେ ଅଧିକ ଖରା ହେଉଛି । ସେହପରି ଚଳିତ ବର୍ଷ ଏପ୍ରିଲରୁ ଜୁନ୍ ମଧ୍ୟରେ ଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି । ▶▶ପୃଷ୍ଠା ୭

## ଶାନ୍ତି ବାର୍ତ୍ତା ପାଇଁ ସୁସ୍ଥ ପରିବେଶ ସୃଷ୍ଟି କରାଯାଉ: ନକ୍ସଲ

ମାଲକାନଗିରି, ୯/୪ (ନି.ପ୍ର): ପଶ୍ଚିମ ବସ୍ତର ଡିଭିଜନାଲ କମିଟିର ସଚିବ ରୁପେଶ ପ୍ରେସ୍ ବିବୃତ୍ତିରେ ପୁଣି ଶାନ୍ତି ବାର୍ତ୍ତାକୁ ନେଇ ପ୍ରୟାସ ଆରମ୍ଭ କରାଯାଉ ବୋଲି ଅନୁରୋଧ କରିଛି। ଆମର କେନ୍ଦ୍ରୀୟ କମିଟି ମେମ୍ବର ଏବଂ ଷ୍ଟେଟ କମିଟି ମେମ୍ବରମାନେ ଏବେ ସୁରକ୍ଷିତ ନଥିବାରୁ ସରକାରଙ୍କର ସମସ୍ତ ବିଷୟରେ ଉଚିତ ଜବାବ ଦେଇପାରୁ ନାହୁଁ। ସୁରକ୍ଷା ଦୃଷ୍ଟିରୁ କେବଳ ଖବରକାଗଜ ପଢି କିମ୍ବା ଖବର ଦେଖି ସରକାରଙ୍କର ସମସ୍ତ ପଦକ୍ଷେପ ଉପରେ ନଜର ରଖାଯାଉଛି ବୋଲି କୁହାଯାଇଛି। ଆମେ ଶାନ୍ତି ବାର୍ତ୍ତା ପାଇଁ ପ୍ରସ୍ତୁତ ଅଛୁ। କିନ୍ତୁ କଗାର ନାମରେ ଚାଲିଥିବା ହତ୍ୟାକାଣ୍ଡକୁ ବନ୍ଦ କରାଯାଉ। ଶାନ୍ତି ବାର୍ତ୍ତା ପାଇଁ ସୁସ୍ଥ ପରିବେଶ ସୃଷ୍ଟି କରାଯାଉ। ଏଥିପାଇଁ ଆମର ସମସ୍ତ କମ୍ରେଡମାନଙ୍କୁ ମଧ୍ୟ ଆମେ ସୂଚନା ଦେଇ ସାରିଛୁ। ▶▶ପୃଷ୍ଠା ୭

## ଜୟପୁର ସିରିଏଲ ବିସ୍ଫୋରଣ ମାମଲା: ୪ଜଣ ଦୋଷୀ ଆଜୀବନ କାରାଦଣ୍ଡରେ ଦଣ୍ଡିତ

ନୂଆଦିଲ୍ଲୀ, ୦୯/୪ : ଜୟପୁର ସିରିଏଲ ବିସ୍ଫୋରଣ ମାମଲାରେ ୪ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ । ଜୟପୁରର ସ୍ୱତନ୍ତ୍ର କୋର୍ଟ ସୈଫୁର ରହମାନ, ମହମ୍ମଦ ସୈଫ, ମହମ୍ମଦ ସରୱାର ଆଜମୀ ଏବଂ ଶାହବାଜ ଅହମ୍ମଦକୁ ଦୋଷୀ ସାବ୍ୟସ୍ତ କରି ମଙ୍ଗଳବାର ଏହି ଦଣ୍ଡ ଘୋଷଣା କରିଛନ୍ତି । କୋର୍ଟ ୬୦୦ ପୃଷ୍ଠାରେ ତାଙ୍କର ରାୟ ପ୍ରଦାନ କରିଛନ୍ତି । ଗତ ୨୦୦୮ ମସିହା ମେ' ୧୩ରେ ଜୟପୁରରେ ଗୋଟିଏ ପରେ ସିରିଜ ବିସ୍ଫୋରଣ ଘଟଣା ଘଟିଥିଲା । ଗୋଟିଏ ପରେ ଗୋଟିଏ ଆଠଟି ବୋମା ବିସ୍ଫୋରଣରେ ଚାଲି ଯାଇଥିଲା ନିରୀହ ଜୀବନ । ତେବେ ଚାନ୍ଦପୋଲ ବଜାରର ଏକ ମନ୍ଦିର ନିକଟରେ ଏକ ବୋମାକୁ ନିଷ୍କ୍ରିୟ କରାଯାଇଥିଲା । ସମଗ୍ର ଦେଶକୁ ଥରାଇ ଦେଇଥିବା ଏହି ସିରିଏଲ ବିସ୍ଫୋରଣରେ ୭୧ ଜଣ ପ୍ରାଣ ହରାଇଥିଲେ ଓ ୧୮୫ ଜଣ ଆହତ ହୋଇଥିଲେ । ଜୟପୁର ବୋମା ବିସ୍ଫୋରଣ ସହିତ ଜଡ଼ିତ ୮ଟି ଭିନ୍ନଭିନ୍ନ ମାମଲାରେ ଏହି ଚାରି ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ପରେ, ରାଜସ୍ଥାନ ହାଇକୋର୍ଟ ମାର୍ଚ୍ଚ ୨୦୨୩ରେ ସମସ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ତେବେ ଉକ୍ତ ଅଫୁଟା ବୋମା ସେମାନଙ୍କୁ ପୁଣି ଜେଲ୍ ଭିତରକୁ ଟାଣି ନେଇଛି । ୧୭ ବର୍ଷ ପୁରୁଣା ଏହି ମାମଲାରେ, ସରକାରୀ ଓକିଲ ୧୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ ଏବଂ ପ୍ରାୟ ୧୨୦୦ ଦସ୍ତାବିଜ କୋର୍ଟରେ ଉପସ୍ଥାପନ କରିଥିଲେ ।

## ଭାରତ ଆସିବ ୨୬/୧୧ ମାଷ୍ଟର ମାଇଣ୍ଡ: ତହବୁରର ପ୍ରତ୍ୟର୍ପଣକୁ ନେଇ ତଦାରଖ କରିବେ ଡୋଭାଲ

ନୂଆଦିଲ୍ଲୀ, ୦୯/୪ : ଭାରତ ଆସିବ ୨୬/୧୧ ମାଷ୍ଟର ମାଇଣ୍ଡ ତହବୁର ରାଣା । ମୁମ୍ବାଇ ଆତଙ୍କୀ ହମଲାର ଅନ୍ୟତମ ଅଭିଯୁକ୍ତ ତହବୁର ରାଣାକୁ ଭାରତ ଆଣିବ ଏନଆଇଏ ଟିମ୍ । ତହବୁରର ପ୍ରତ୍ୟର୍ପଣକୁ ନେଇ ତଦାରଖ କରିବେ ଅଜିତ୍ ଡୋଭାଲ । ତହବୁର ଭାରତ ଆସିଲେ ମୁମ୍ବାଇ କିମ୍ବା ଦିଲ୍ଲୀର ଜେଲରେ ରହିପାରେ । ଏନେଇ ସବୁ ପ୍ରସ୍ତୁତି ସରିଥିବା ଜଣାପଡିଛି । ପୂର୍ବରୁ ଭାରତକୁ ପ୍ରତ୍ୟର୍ପଣ ବିରୋଧରେ ସେ କରିଥିବା ଆବେଦନକୁ ଖାରଜ



କରିଥିଲେ ଆମେରିକା ସୁପ୍ରିମକୋର୍ଟ। ଭାରତକୁ ପ୍ରତ୍ୟର୍ପଣରେ ସ୍ଥଗିତାଦେଶ ଦେବାକୁ ମନା କରିଦେଇଥିଲେ ଆମେରିକାର ସର୍ବୋଚ୍ଚ ଅଦାଲତ। ଏହା ପୂର୍ବରୁ ଫେବୃଆରୀରେ ତହବୁର ପକ୍ଷରୁ ଆମେରିକା ସୁପ୍ରିମକୋର୍ଟରେ ▶▶ପୃଷ୍ଠା ୭

## ଉଗ୍ର ହେଉଛି ଟାରିଫ୍ ଯୁଦ୍ଧ: ଆମେରିକା ଉପରେ ଚୀନର ୮୪ ପ୍ରତିଶତ ପାଲଟା ଶୁଳ୍କ

ନୂଆଦିଲ୍ଲୀ,୯।୪: ବୁଧବାର କାର୍ଯ୍ୟକାରୀ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଦ୍ୟତମ ପାରସ୍ପରିକ ଶୁଳ୍କ ପ୍ରତି ଜବାବରେ ଚାଇନା ୮୪% ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଛି। ଆମେରିକା ରାଷ୍ଟ୍ରପତି ଏପ୍ରିଲ ୨ ରେ ନୂତନତମ ଶୁଳ୍କ ଘୋଷଣା କରିଥିଲେ। ଘୋଷଣା କରିଥିଲେ ଯେ ଆମେରିକା ଏବେ ଏହାର ପ୍ରାୟ ସମସ୍ତ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ସର୍ବନିମ୍ନ ୧୦% ଟିକସ ଲଗାଇବ। ଅନେକ ଦେଶ ଏବଂ ଅଞ୍ଚଳ ଉପରେ ଟ୍ରମ୍ପଙ୍କ ଉଚ୍ଚ ଆମଦାନୀ ଟିକସ ହାର ବୁଧବାର ମଧ୍ୟରାତ୍ରିରୁ କାର୍ଯ୍ୟକାରୀ ହୋଇଛି। ଡୋନାଲ୍ଡ ଟ୍ରମ୍ପ ଚାଇନା ସାମଗ୍ରୀ ଉପରେ ୧୦୪ ପ୍ରତିଶତ ଶୁଳ୍କ ଲାଗୁ କରିବା ପରେ, ବେଜିଂ 'ପ୍ରତି ଜବାବରେ' ଟାରିଫ୍ ଘୋଷଣା କରିଥିଲା ଏବଂ କହିଥିଲା ଯେ




ଏହା ଆମେରିକା ପ୍ରଶାସନର "ଟ୍ୟାକ୍ସ ବ୍ଲାକମେଲ୍" ଆଗରେ ମୁଣ୍ଡ ନୁଆଁଇବ ନାହିଁ। ଚାଇନା ମଧ୍ୟ ଘୋଷଣା କରିଥିଲା ଯେ ଏହା ଆମେରିକୀୟ ସାମଗ୍ରୀ ଉପରେ ୩୪ ପ୍ରତିଶତ ଶୁଳ୍କ ଲାଗୁ କରୁଛି ଯାହା ଆମେରିକା ଏବଂ ଚାଇନା ମଧ୍ୟରେ ବାଣିଜ୍ୟିକ ଉତ୍ତେଜନାକୁ ବୃଦ୍ଧି କରିଛି। ଟ୍ରମ୍ପ ବିଦେଶୀ ଦେଶଗୁଡ଼ିକୁ ଆମେରିକୀୟ ଉତ୍ପାଦ ଉପରେ କଠୋର ଶୁଳ୍କ ଲାଗୁ କରିବା ଏବଂ ଆମେରିକା ଅର୍ଥନୀତିକୁ "ଲୁଣ୍ଠନ" କରିବାର ଅଭିଯୋଗ କରିଛନ୍ତି। ଚୀନର ବାଣିଜ୍ୟ ମନ୍ତ୍ରଣାଳୟ ମଧ୍ୟ ୧୨ଟି ଆମେରିକୀୟ ପ୍ରତିଷ୍ଠାନକୁ ଏହାର ରପ୍ତାନି ନିୟନ୍ତ୍ରଣ ତାଲିକାରେ ରଖି ଆମେରିକାକୁ ଜବାବ ଦେଇଛି। ଏହା ସହିତ, ୬ଟି ଆମେରିକୀୟ କମ୍ପାନୀକୁ 'ଅବିଶ୍ୱସନୀୟ ସଂସ୍ଥା' ତାଲିକାରେ ସାମିଲ କରାଯାଇଛି।

## ଡେରିରେ ଚେତିଲା ଖଣି ବିଭାଗ: ଖଣି ସ୍ଥଳକୁ ଗଲେ ନିଜେ ଖଣି ଉପନିର୍ଦ୍ଦେଶକ



ଭୁବନେଶ୍ୱର, ୯/୪ (ନି.ପ୍ର): ଖବର ପ୍ରସାରଣ ପରେ ଚେତିଲା ଖଣି ବିଭାଗ । ଗ୍ରାଉଣ୍ଡ ଜିରୋରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ଖଣି ନିର୍ଦ୍ଦେଶକ । ଖଣି ଉପ ନିର୍ଦ୍ଦେଶକ ବିମ୍ବାଧର ସେଠୀଙ୍କ ନେତୃତ୍ୱରେ ୯ ଜଣିଆ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି । ତେଲେନ୍‌ଡିହି, ରତନସରା ସହ ଅନ୍ୟ ବେଆଇନ ଖଣି ଉପରେ ତଦନ୍ତ କରୁଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଖଣି ନିର୍ଦ୍ଦେଶକ। ଆଜି ବୋଗରାକଛା, ଜାମକାନି ରିଜର୍ଭ ଫରେଷ୍ଟ ଅଞ୍ଚଳକୁ ଯାଇ ଖୋଳତାଡ଼ କରିବେ ଉପନିର୍ଦ୍ଦେଶକ। ତଦନ୍ତ କରିବା ପରେ ଖଣି ନିର୍ଦ୍ଦେଶକଙ୍କୁ ରିପୋର୍ଟ ଦେବେ । ବର୍ଷ ବର୍ଷ ଧରି ମାଫିଆମାନେ ଜଙ୍ଗଲ ଭିତରେ ଖଣି ଖୋଳି ହଜାର ହଜାର ଟନ୍ କୋଇଲା ଚୋରା ଚାଲାଣ କରି ଆସୁଛନ୍ତି। ସେପଟେ ଖଣିଜ ଲୁଟ୍‌କୁ ନେଇ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି । ୩ ଦିନ ମଧ୍ୟରେ ଚୋରା ଖଣି ଠାବ କରି ଅଞ୍ଚଳର ସମସ୍ତ କୋଲ ୱାସେରି ଓ କୋଇଲା ଡିପୋକୁ ଯାଞ୍ଚ କରି ଷ୍ଟକର ହିସାବ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଖଣି ଚୋରି ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି ସୁନ୍ଦରଗଡ଼ ବିଧାୟକ। ପ୍ରଥମ ଥର ପାଇଁ ମୁହଁ ▶▶ପୃଷ୍ଠା ୭

# ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସ୍ୱତନ୍ତ୍ର ଅଧିବେଶନ

ଭଦ୍ରକ,୦୯/୪ (ନି.ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସ୍ୱତନ୍ତ୍ର ଅଧିବେଶନ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସ ଠାରେ କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମଂଚାସୀନ ଥିଲେ ଉପସଭାପତି ହରମୋହନ କୁଅଁର, ଶାନ୍ତନୁ କୁମାର ରାଉତ, ଡ଼ଃ ଗୋଲକ ବିହାରୀ ସାହୁ, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ ଓ ହିସାବ ସମୀକ୍ଷକ ମୁକ୍ତିକାନ୍ତ ମହାପାତ୍ର । ସଂଘର ବର୍ଷୀୟାନ ସଦସ୍ୟ ଦିବଂଗତ ଉମାକାନ୍ତ ମହାନ୍ତିଙ୍କ ଆତ୍ମାର ସଦ୍‌ଗତି କାମନା ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା ସହ ବହୁ ସଦସ୍ୟ ତାଙ୍କର ସ୍ମୃତି ଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଯୁଗ୍ମ ସଂପାଦକ ବାଦଲ କିଶୋର ମହାପାତ୍ର, ଉଦୟନାତ ମହାନ୍ତି, ପ୍ରଭାକର ମଲ୍ଲିକ ତାଙ୍କର ସ୍ମୃତି ଚାରଣ କରିଥିଲେ । । ସଂଘର ବାର୍ଷିକ ଉତ୍ସବ ଏପ୍ରିଲ ମାସ ୨୦ ତାରିଖରେ ସଂଘ କାର୍ଯ୍ୟାଳୟରେ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତିରେ ପାଳିତ ହେବ । ସଂଘର ସମସ୍ତ ସଦସ୍ୟ ସଦସ୍ୟା ବାର୍ଷିକ ଉତ୍ସବରେ ଯୋଗଦାନ ସହ ଆବଶ୍ୟକୀୟ ସାହାଯ୍ୟ ଓ ସହଯୋଗ ପାଇଁ ସାଧାରଣ ସଂପାଦକ ନିବେଦନ କରିଥିଲେ । ବାର୍ଷିକ ଉତ୍ସବରେ ସଂଘର ୮୦ ବର୍ଷୀୟ ଆଜୀବନ ସଦସ୍ୟ ସଦସ୍ୟା ଓ ବିଦ୍ୟାଳୟ ସ୍ତରର କାର୍ଯ୍ୟରତ ଉତ୍ସର୍ଗୀକୃତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଓ ବିଦ୍ୟାଳୟରେ ପରିଚାଳିତ ବାର୍ଷିକ ପରୀକ୍ଷା ୨୦୨୪ରେ କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଦାତାଙ୍କ ପ୍ରଦତ ଅର୍ଥ ରାଶିରେ ସ୍ମୃତି ସମ୍ମାନ ପୁରସ୍କାର ପ୍ରଦାନ କରାଯିବ। ନୂତନ ସଦସ୍ୟ ଅବସରପ୍ରାପ୍ତ ଆ ଳିକ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ସଂଗ୍ରାମ ସାହୁ ଓ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର କିଶୋର ଚନ୍ଦ୍ର ରାୟଙ୍କୁ ସ୍ୱାଗତ କରାଯିବା ପରେ ସେମାନେ ତାଙ୍କ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଦସ୍ୟ ରମେଶ ଚନ୍ଦ୍ର ଦାସ, ମଦନ ମୋହନ ନାୟକ, କାଶୀନାଥ ମହାପାତ୍ର, ରବୀନ୍ଦ୍ର ନାୟକ, କୈଳାଶ ଚନ୍ଦ୍ର ପଣ୍ଡା, ଡ଼. ମନୀନ୍ଦ୍ର ମହାନ୍ତି, ହିସାବ ସମୀକ୍ଷକ ଦୈତ୍ୟାରି ଦାସ, ସ୍ନେହଲତା ବେହେରା, ଗୀତାରାଣୀ ଆଇଚ, ଶାନ୍ତିଲତା ବାରିକ, ପ୍ରଶାନ୍ତ ଦେ, ବସନ୍ତ ଦେ, ହରେକୃଷ୍ଣ ସାହୁ, ଉପେନ୍ଦ୍ର ରାଉତ, ରମାକାନ୍ତ ନାୟକ, ଚନ୍ଦ୍ରମୋହନ ମହାନ୍ତି, ହରେକୃଷ୍ଣ ସାହୁ, ନିରଞ୍ଜନ ବିଶ୍ୱାଳ, ଅରୁଣ ମିତ୍ର, କିଶୋର ଧଳ, କାଶିନାଥ ପଣ୍ଡା, ବାମନ ରାଉତ, ସୁରେଶ ସାହୁ, ପ୍ରମୁଖ ବହୁ ସଦସ୍ୟ ଯୋଗଦାନ କରିଥିଲେ । ଅରବିନ୍ଦ ବସନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଆ ପକ୍ଷରେ ରକ୍ତଦାନ ଅଭିଯାନ ଶିବିର

ଚମ୍ପୁଆ,୦୯/୪(ନି।ପ୍ର): ଓଡିଆ ପକ୍ଷ ପାଳନର ଅଷ୍ଟମ ଦିବସରେ ଆଜି ଚମ୍ପୁଆ ପ୍ରଶାସନ ପକ୍ଷରୁ ରକ୍ତଦାନ ଅଭିଯାନ ଶିବିରର ଶୁଭାରମ୍ଭ ହୋଇ ଯାଇଛି । ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଅନୁଷ୍ଠିତ ଏହି ଶିବିରକୁ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ରକ୍ତଦାନ କରି ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଉପଖଣ୍ଡ ଚିକିତ୍ସା ଅଧୀକାରୀ ଡା. ଉମାକାନ୍ତ ସାହୁ, ରକ୍ତଭଣ୍ଡାର ଅଧିକାରୀ ଡା. ସ୍ମୃତିରଞ୍ଜନ ମଲ୍ଲିକ, ଶିବା ବେହେରା, ଭଗବତୀ ନାଏକ, ରକ୍ତିମା ପ୍ରଧାନ ପ୍ରମୁଖ କର୍ମଚାରୀ ଉପସ୍ଥିତ ରହି ଉକ୍ତ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ । ଆଜି ଏହି ଶିବିରରେ ମୋଟ ୧୮ ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିଲା । ଏହି ଅବସରରେ ସହକାରୀ ଜିଲ୍ଲାପାଳ ସମରେନ୍ଦ୍ର ଦାସ , ଫୁରଲାଇ ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସରେ ରକ୍ତଦାନ ଅଭିଯାନ ପାଳିତ

ସମ୍ବଲପୁର,୦୯/୪(ନି।ପ୍ର): ଓଡ଼ିଆ ପକ୍ଷ-୨୦୨୫ ପାଳନ ଉପଲକ୍ଷେ ଆଜି ସମ୍ବଲପୁର ଜିଲ୍ଲାରେ ରକ୍ତଦାନ ଅଭିଯାନ ଦିବସ ରେଡ଼କ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ପ୍ରାନ୍ତରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମ୍ବଲପୁର ବିଧାୟକଙ୍କ ଲୋକପ୍ରତିନିଧି ଯୋଗଦେଇ ରକ୍ତଦାତା ମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସ, ଶିକ୍ଷାର୍ଥୀ, ସ୍ଥାନୀୟ ଯୁବବର୍ଗ ଏବଂ ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ଭାବରେ ଆସି ରକ୍ତଦାନ କରିଥିଲେ। ସମୁଦାୟ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସ ମାନଙ୍କୁ ରକ୍ତଦାନର ମହତ୍ୱ ବିଷୟରେ ସଚେତନ କରଯାଇଥିଲା। ରକ୍ତଦାତାଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ମଧ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକ ରେ ରକ୍ତଦାନ ଅଭିଯାନ ଆୟୋଜିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ କହ୍ଲେଶ କର, ସହକାରୀ ଜିଲ୍ଲା କିକିତ୍ସା ଅଧିକାରୀ ଡ. ଅଲେଖ ମହାପାତ୍ର, ଡ. ଏସ.କେ ତିରିୟା, ଡ. ସୁଚିତ୍ରା ଏବଂ ସରକାରୀ ମହିଳା ମାବିଦ୍ୟାଳୟର ଅଧକ୍ଷା ଡ. ରାଜଶ୍ରୀ ବରାଳ, ଜିଲ୍ଲା ସଂଯୋଜକ (ରେଡକ୍ରସ, ଯୁବକ ସଂଘ) ପବିତ୍ର ମୋହନ ବେହେରା, ଜିଲ୍ଲା ପରାମର୍ଶଦାତା (ରେଡକ୍ରସ, ଯୁବକ ସଂଘ) ଡ. ଦୀପକ କୁମାର ଓଝା, ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ପଣ୍ଡା, ଏନଏସଏସ ସଦସ୍ୟା ସନ୍ଧ୍ୟା ସାହୁ, ସୁନିତା ନାଏକଙ୍କ ସମେତ ସହକାରୀ ଜିଲ୍ଲାପାଳ ରୋସେଲୀନା ତିର୍କୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ସଞ୍ଜୁକ୍ତା କୁଲ୍ଲୁ, ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପିଏମ ଶ୍ରୀ ଧାମରା ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବରେ ଯୋଗ ଦେଲେ ରାଜସ୍ୱ ମନ୍ତ୍ରୀ

ଭଦ୍ରକ,୦୯/୪(ନି।ପ୍ର): ଭଦ୍ରକ ଜିଲା ଧାମରାରେ ଥିବା ପିଏମ ଶ୍ରୀ ଧାମରାଇ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୫୩ତମ ବାର୍ଷିକୋତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଉପଲକ୍ଷେ ହୋଇଥିବା ସଭାକୁ ଓଡିଶା ବିଧାନସଭାର ମାନନୀୟା ବାଚସ୍ପତି ସୁରମା ପାଢୀ ଫିତାକାଟି ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ , ବିଶିଷ୍ଟ ଅତିଥି ଭାବେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ତଥା ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ, ସମ୍ମାନୀତ ବକ୍ତା ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଚଳଚିତ୍ର ନାୟକ ଶ୍ରୀତମ ଦାସ, ଏବଂ ଚଳଚିତ୍ର ନାୟିକା ପିଙ୍କି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଉଦଘାଟିକା ଭାବେ ବାଚସ୍ପତି ନିଜ ଭାଷଣରେ ଆଧୁନିକ ଭାରତ ର ପରିକଳ୍ପନା ୨୦୪୭ ସୁଦ୍ଧା ଭାରତ ବିଶ୍ୱଗୁରୁ ହେବାର ସମ୍ଭାବନାକୁ ଏଯୁଗର ଛାତ୍ରଛାତ୍ରୀ ମାନେ ଧର୍ମପଦ ହୋଇ ଆଗେଇ ନେବେ ବୋଲି ଆଶା ବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ସୁରେଶ ପୂଜାରୀ ମଧ୍ୟ ଧାମରା ଭଳି ଅଂଚଳରେ ଏଭଳି ଶିକ୍ଷାନୁଷ୍ଠାନ ଗଢିଥିବା ଜୟକୃଷ୍ଣ ଜେନାଙ୍କୁ ଭୂୟଶୀ ପ୍ରଶଂସା କରିଥିବା ବେଳେ ବିଶିଷ୍ଟ ଅତିଥି ମନମୋହନ ସାମଲ ଏଭଳି ଶିକ୍ଷାନୁଷ୍ଠାନ ପାଇଁ ରାଜ୍ୟ ସରକାର, ଅର୍ଥ ଠାରୁ ଶିକ୍ଷକ ଏବଂ ଭିତିଭୂମିର କୌଣସି ଅଭାବ ରଖିବେ ନାହିଁ ବୋଲି ନିଜର ବକ୍ତବ୍ୟ ରଖିଥିଲେ। ହୋଇଥିବା ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟୁନା ମହାଳିକ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଶ୍ରୀପତି ଦାସ ଅତିଥି ପରିଚୟ , ସହକାରୀ ଶିକ୍ଷୟତ୍ରୀ ମନୀଷା ମହାଳିକ ଅଭିଭାଷଣ ଦେଇଥିବା ବେଳେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ରାମଚନ୍ଦ୍ର ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଜୟକୃଷ୍ଣ ଜେନା, ଧାମରା ପଂଚାୟତ ସମିତିସଭ୍ୟ ପାପା ଜେନା,ଅଭିମନ୍ୟୁ ରାଉତ, ଧାମରା ସରପଂଚଙ୍କ ପ୍ରତିନିଧି ଅର୍ଜୁନୀ ମାଝୀ,ପଂଚସଖା ଶିକ୍ଷାସେତୁ ର ସଭାପତି ନରହରି ମଲିକ,ବିଦ୍ୟାଳୟ ପରିଚାଳନା କମିଟିର ବିକାଶ ଜେନା , ଜାଗୁଲା ପଂଚାୟତର ସମାଜସେବୀ ଟୁଲୁ ପ୍ରଧାନ ପ୍ରମୁଖ ମଂଚାସୀନ ରହିବା ସହ ନିଜ ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଏବଂ ଅନ୍ୟ ମାନଙ୍କ ଦ୍ୱାରା ସମସ୍ତ କ୍ଷେତ୍ରରେ ପାରଦର୍ଶିତା କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଚଳଚିତ୍ର ନାୟିକା ପିଙ୍କି ପ୍ରଧାନ ଙ୍କ ନୃତ୍ୟ ମଧ୍ୟ ଦର୍ଶକ ମାନଙ୍କୁ ମୋହିତ କରିଥିଲା। ହୋଇଥିବା କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଟୁନା ମହାଳିକ ,ଶ୍ରୀ ପତି ଦାସ, ରାମଚନ୍ଦ୍ର ମାରାଣ୍ଡି ,ମନୀଷା ମହାଳିକ, ଗିରିଜା ଶଙ୍କର ଆଚାର୍ଯ୍ୟ. ସନ୍ତୋଷ ଜେନା, ମୋନାଲିସା ଜେନା, ଶୁକୁମାରୀ ସିଂ, କୁସୁମଲତା ସେଠୀ. ସ୍ୱାତୀ ଶୁଭରେଖା ମହାନ୍ତି, ଚିରଞ୍ଜିବ ମଲିକ, ଅଜୟ ନାୟକ, ସୁଶୀଳା କର, ଜ୍ୟୋସ୍ନାପ୍ରଭା ସାହୁ, କନକଲତା ପଣ୍ଡା, କାହ୍ନୁ ଚରଣ ଟୁଡୁ, ମନୁ ମୁର୍ମୁ, ହୃଶିକେଶ, ଅଶୋକ କୁମାର ବିଶ୍ୱାଳ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁରୀରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ପୁରୀ,୦୯/୪ (ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସସୋମବାର ଦିନ ପାଳିତ ହୋଇଯାଇଛି । ଏହି ବର୍ଷ ପାଇଁ ବାର୍ତା ହେଉଛି ସୁସ୍ଥ ଅୟମାରମ୍ଭ, ଆଶାଦୀପ୍ତ ଭବିଷ୍ୟତ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରୂପାଭାନୁ ମିଶ୍ର ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ । ସେ ଉଦ୍‌ବୋଧନ ଦେଇ ଏହି ଦିବସଟି ପାଳନର ମୁଖ୍ୟ ଆଭିମୁଖ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସେ କହିଥଲେ ଯେ ସୁସ୍ଥ ସମାଜ ଗଠନ ପାଇଁ ମା' ଓ ଶିଶୁ ସ୍ୱାସ୍ଥ୍ୟ ପାଇଁ ସମସ୍ତଙ୍କର ଭୂମିକା ନିହାତି ଜରୁରୀ ଓ ଏଥି ନିମନ୍ତେ ସରକାରଙ୍କ ଠାରୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗର ଲାଭ ଉଠାଇବା ଉଚିତ । ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ମଧ ଉପସ୍ଥିତ ସମସ୍ତଙ୍କୁ କହିଥିଲେ ସମସ୍ତଙ୍କୁ ଉତମ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସବୁବେଳେ ତତ୍ପର । ତେବେ ସରକାରୀ ସ୍ତରରେ ଅନେକ ସଚେତନତା ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଥାଏ ତେଣୁ ସମସ୍ତେ ଏହିସବୁର ଫାଇଦା ଉଠାଇବା ଦରକାର । ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଡ. ବାସୁଦେବ ମହାପାତ୍ର ନିଜର ବକ୍ତବ୍ୟରେ କହିଥିଲେ ଯେ ଗର୍ଭବତୀ ମା' ଟିଏ ପାଇଁ ପରିବାରରେ ସମସ୍ତେ ଯତ୍ନବାନ ହେବା ସହ ଉପଯୁକ୍ତ ସମୟରେ ଡାକ୍ତର ପରାମର୍ଶ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଦରକାର । ଶିଶୁ ବିଭାଗର ବରିଷ୍ଠ ଡାକ୍ତର ସୂର୍ଯ୍ୟ ନାରାୟଣ ମିଶ୍ର କହିଥିଲେ ଯେ ଆଜିର ଶିଶୁ କାଲିର ଭବିଷ୍ୟତ ତେଣୁ ଶିଶୁକୁ କୁପୋଷଣରୁ ରକ୍ଷା କରିବା ନିହାତି ଦରକାର ତେଣୁ ଏଥି ନିମନ୍ତେ କେବେଳ ଯେ ସରକାରୀ ସୁବିଧା ଅଥବା ବଜାରରେ ମିଳୁଥିବା ପ୍ୟାକେଟ ଖାଦ୍ୟ ଉପରେ ନିର୍ଭର ନକରି ବରଂ ପ୍ରତ୍ୟକ ପରିବାର ଶିଶୁ ପାଇଁ ନିଜେ ଯତ୍ନବାନ ହେବ ଶିଶୁ ଉପଯୋଗୀ ପୁଷ୍ଟିକର ଖାଦ୍ୟ କରିବା ଦରକାର । ଏହି କାର୍ଯ୍ୟକ୍ରମରେ ଡାକ୍ତର ବିନୋଦ ବିହାରୀ ରଥ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ), ଡାକ୍ତର ଲଲାଟେନ୍ଦୁ ମିଶ୍ର ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା ରୋଗ), ଡ.ପବିତ୍ର ମୋହନ ମଲ୍ଲିକ ଅଧିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରମୁଖ ଉପସ୍ଥିତ ଥିଲେ । ରବୀନ୍ଦ୍ର କୁମାର ପ୍ରଧାନ ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଏବଂ ମନୋଜ କୁମାର ପଣ୍ଡା ଆସିଷ୍ଟାଂଟ ମ୍ୟାନେଜର (ଟ୍ରେନିଂ) କାର୍ଯ୍ୟକ୍ରମ ପରିଚଳନା କରିଥିଲେ । ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରର ପ୍ରିନସିପାଲ ନୟନା ସାମଲ, ଡିପିଏମ୍ ଟି ନାରାୟଣ ରାଓ, ସନ୍ଦୀପ ବରଣ ଓଝା ଆସିଷ୍ଟାଂଟ ପ୍ରୋଗ୍ରାମ ମ୍ୟାନେଜର ଓ ମନୋଜ କୁମାର ପଣ୍ଡା ଆସିଷ୍ଟାଂଟ ମ୍ୟାନେଜର (ଟ୍ରେନିଂ) ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରର ସମସ୍ତ ପ୍ରଶିକ୍ଷିକାମାନେ ମଧ କାର୍ଯ୍ୟକ୍ରମରେ ମଧ ଉପସ୍ଥିତ ଥଲେ । ପରିଶେଷରେ ବେଣୁଧର ନାୟକ ଅତିରକ୍ତ ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥଲେ ।

# ଅଙ୍ଗନୱାଡ଼ି ଗୃହ ନିର୍ମାଣ ସରିବ କେବେ : ଖୋଲା ଆକାଶ ତଳେ ପାଠ ପଢୁଛନ୍ତି ଛୁଆ

ଚମ୍ପୁଆ,୦୯/୪(ନି।ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଗମ୍ଭାରୀଆ ଗ୍ରାମର ପୋଡା ଗ୍ରାମ ଶିମିଳିକୁଦୁର ଠାରେ ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ର ଦୀର୍ଘ ସାତ ବର୍ଷ ହେବ ନିର୍ମାଣ ସରୁନି। ଫଳରେ କୁନି କୁନି ଛୁଆ ମାନେ ଖୋଲା ଆକାଶ ତଳେ ବସି ପାଠ ପଢୁଛନ୍ତି । ତେବେ ଖରା, ବର୍ଷା, ଶୀତ କାକରରେ ବର୍ଷ ବର୍ଷ ଧରି ଅଙ୍ଗନୱାଡ଼ି କର୍ମୀଙ୍କ ଘର ବାହାରେ ପିଲାମାନେ ପାଠ ପଢୁଛନ୍ତି । ବର୍ଷ ବର୍ଷ ବିତି ଚାଲିଥିଲେ ମଧ ଗୃହ କାର୍ଯ୍ୟ ଶେଷ କରିବା ନେଇ ପ୍ରଶାସନର ନିଦ ଭାଙ୍ଗୁ ନଥିବା ଆଶ୍ଚର୍ଯ୍ୟ ଚକିତ କରିଛି । ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ବଡନଇଁ ଗ୍ରାମ ପଂଚାୟତ ଅନ୍ତର୍ଗତ ଗମ୍ଭରିଆ ଗ୍ରାମର ପୋଡା ଗ୍ରାମ ଶିମିଳିକୁଦୁରୁ ମିନି ଅଙ୍ଗନୱାଡ଼ି କେନ୍ଦ୍ର। ଚମ୍ପୁଆ ପଂଚାୟତ ସମିତି ତରଫରୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମୀନା ଦାସଙ୍କ ସମୟରେ କାର୍ଯ୍ୟାଦେଶ ହୋଇ ଆର୍ଥିକ ବର୍ଷ ୨୦୧୮ - ୧୯ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ସାତ ବର୍ଷ ହେବ ଗୃହ ନିର୍ମାଣ ଚାଲିଥିଲେ ହେଁ କେବଳ ଛାତ ପକାଇ ପୂର୍ଣ୍ଣଛେଦ ପଡିଥିବା ଜଣାପଡିଛି । ଝରକା, କବାଟ ଠାରୁ ପ୍ଲାଷ୍ଟର ମେଜିଆ କାମ ଅଧୁରା ହୋଇ ପଡିରହିଛି। ଗୃହ ନିର୍ମାଣ ନେଇ ସୂଚନା ଫଳକ ଲିଭି ସାରିଥିବା ବେଳେ ଗୃହର ଚତୁର୍ପାଶ୍ୱ ଗଛ ଲତା ମାଡି ଯାଇଛି। ବର୍ଷ ବର୍ଷ ଧରି ଖୋଲା ମେଲାରେ ପିଲାମାନେ ପାଠ ପଢୁଥିବା ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଦୀର୍ଘଦିନ ହେବ ଏ ସମ୍ବନ୍ଧରେ ବ୍ଲକ କର୍ତୃପକ୍ଷଙ୍କୁ ଅବଗତ କରା ଯାଇଥିଲେ ହେଁ ଏ ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇନାହିଁ । ତୁରନ୍ତ ଏ ଦିଗରେ ସ୍ଥାନୀୟ ପ୍ରଶାସନ ଦୃଷ୍ଟିଦେଇ ତଥା ବ୍ଲକ କର୍ତୃପକ୍ଷ ଦୃଷ୍ଟି ଦେଇ ଅବିଳମ୍ବେ ଅଙ୍ଗନୱାଡ଼ି ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଶିମିଳିକୁଦୁରବାସୀ ଦାବୀ କରିଛନ୍ତି।

## ନାବାଳିକାକୁ ପ୍ରତାରଣା: ଅଭିଯୁକ୍ତ ଗିରଫ

ଜୟପୁର,୦୯/୪(ନି।ପ୍ର): ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ମହିଳା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ବୈପାରିଗୁଡ଼ା ପାଣ୍ଡିରପାଣି ଗ୍ରାମର ସୁରେନ୍ଦ୍ର ନାୟକ (୨୫) । ପୋଲିସ ସୂଚନା ଅନୁଯାଇ ଏକ ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ଶାରିରିକ ସମ୍ପର୍କ ରଖିବା ସହ ପରେ ପ୍ରତାରଣା କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା । ଅଭି ଯୋଗ ଆଧାରରେ ପୋଲିସ ୯୦/ ୨୪ ମାମଲା ରୁଜୁ କରିଥିଲା । ସେହି ଦିନ ଠାରୁ ଅଭିଯୁକ୍ତ ଫେରାର ଥିବା ବେଳେ ଆଜି ପାଣ୍ଡିରପାଣିରୁ ଗିରଫ କରି ସଂନ୍ଧ୍ୟା ୭ଟାରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ମହିଳା ପୋଲିସ ତରଫରୁ ସୁଚନା ଦିଆଯାଇଛି।

# ଆସନ୍ତା ୧୧ ତାରିଖ ପୂର୍ବାହ୍ନରେ ଆନ୍ତଃ ଜିଲ୍ଲା ପେନସନ୍ ଅଦାଲତ

ସମ୍ବଲପୁର,୦୯/୪(ନି।ପ୍ର): ଓଡିଶା ପ୍ରଧାନ ମହାଲେଖାକାର (ଏଜି) କାର୍ଯ୍ୟାଳୟ ଓ ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସହଯୋଗରେ ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୮ ଘଟିକା ସମୟରେ ଆନ୍ତଃ ଜିଲ୍ଲା ପେନସନ ଅଦାଲତ ସମ୍ବଲପୁର ତପସ୍ୱିନି ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ହେବ ।ଏହି ପେନସନ ଅଦାଲତରେ ସମ୍ବଲପୁର, ଝାରସୁଗୁଡା, ବରଗଡ଼ ଓ ଦେଓଗଡ଼ ଜିଲ୍ଲାର ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ବକେୟା ଅବସରକାଳୀନ ପ୍ରାପ୍ୟ ପେନସନ, ଗ୍ରାଚୁଇଟି, ଭବିଷ୍ୟନିଧି ଅର୍ଥ ପ୍ରଦାନ ପାଇଁ ଅଭିଯୋଗ ଶୁଣାଣି ଓ ସମାଧାନ ପାଇଁ ପଦକ୍ଷେପ ନିଆଯିବ । ଉକ୍ତ ଦିବସରେ ଏହି ଚାରୋଟି ଜିଲ୍ଲାର ପେନସନ ଅନୁମୋଦନ ଅଧିକାରୀମାନେ ଉପସ୍ଥିତ ରହିବାକୁ ଓଡିଶା ମହାଲେଖାକାର(ଏଜି) କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଅଛି । ଏହି ପେନସନ ଅଦାଲତରେ ଜିଲ୍ଲା ପ୍ରଶାସନ ଏବଂ ମହାଲେଖାକାର (ଏଜି) କାର୍ଯ୍ୟାଳୟ ଓ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ । ଅବସରପ୍ରାପ୍ତ କର୍ମଚାରୀ ଯେଉଁମାନଙ୍କର ଅବସରକାଳୀନ ପ୍ରାପ୍ୟ ବିଭିନ୍ନ କାରଣ ଯୋଗୁଁ ପାଇପାରିନାହାନ୍ତି ସେମାନେ ଚାହିଁଲେ ଆବଶକ୍ୟ କାଗଜପତ୍ର ସହ ଅଭିଯୋଗ ଶୁଣାଣିରେ ଭାଗ ନେଇ ପାରିବେ ।

## ଦେଶି ମଦ ଚାଲାଣ ବେଳେ ଚଢ଼ାଉ: ଜଣେ ଗିରଫ

ଜୟପୁର,୦୯/୪(ନି।ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବାକରି ଥାନା ଆଜି ଚଢାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ତରଗେଇ ଗ୍ରାମର କୁମ ଭୁମିଆ (୪୨) । ସୂଚନା ଅନୁଯାଇ ଦେଶି ମଦ ଚାଲାଣ ହେଉଥିବା ସୁଚନା ପାଇ ତରଗେଇ ଗ୍ରାମ ରାସ୍ତାରେ ଚଢାଉ କରିଛି । ଚଢାଉ କରି ୯ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତ କୁ ଆଜି ଦନି ୧୧ଟା ୩୦ ମିନିଟ ସମୟରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବାକାରି ଥାନା ଓଆଇସି ହିରଣ ସୁବ୍ରତ ସୁଚନା ଦେଇଛନ୍ତି ।

# ଜାରକା ହାଇସ୍କୁଲରେ ରୋଟାରୀ କ୍ଲବ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଧର୍ମଶାଳା,୦୯/୪(ନି।ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ହାଇସ୍କୁଲ ପରିସରରେ ଆଜି ରୋଟାରୀ କ୍ଲବ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାରକା ରୋଟାରୀ କ୍ଲବର ସଭାପତି ଆଡ଼ଭୋକେଟ ରାଜେନ୍ଦ୍ର କୁମାର ପଲେଇ ଓ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ସଦସ୍ୟମାନେ ଜାରକା ହାଇସ୍କୁଲକୁ ଯାଇ ସ୍କୁଲ ପରିସରକୁ ପରିଷ୍କାର ରଖିବା ସହ ଛାତ୍ରଛାତ୍ରୀମାନେ ବ୍ୟବହାର କରୁଥିବା ଶୌଚାଳୟକୁ ଜୀବାଣୁ ମୁକ୍ତ ରଖିବା ପାଇଁ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବିଦ୍ୟାଳୟରେ ଯୋଗାଇ ଦିଆଯାଉଥିବା ମଧାହ୍ନ ଭୋଜନ ଯଥା ସମୟରେ ବ୍ୟବସ୍ଥା କରିବା ସହିତ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ କହିଥିଲେ । ପରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରାଙ୍କ ଜରିଆରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ପ୍ରାଥମିକ ଚିକିତ୍ସା ଫାଷ୍ଟଏଡ୍‌ବକ୍ସ ଓ ଔଷଧୀୟ ଉପକରଣ ପ୍ରଦାନ କରିଥିଲେ ।

# କେନ୍ଦୁଝରରେ ଆରମ୍ଭ ହେଲା ଜାତୀୟ ହ୍ୟାଣ୍ଡବଲ ଚମ୍ପିଆନସିପ

କେଉଁଝର,୦୯/୪(ନି।ପ୍ର): କେନ୍ଦୁଝରରେ ଉଦଘାଟିତ ହୋଇଛି ୩୯ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ୍ ଚମ୍ପିଆନସିପ୍ ମ୍ୟାଚ୍ । ଦୀର୍ଘ ୪୫ ବର୍ଷ ପରେ କେନ୍ଦୁଝର ହ୍ୟାଣ୍ଡବଲ୍ ପଡ଼ିଆରେ ଆୟୋଜିତ ଏହି ଜାତୀୟସ୍ତରୀୟ ଚମ୍ପିଆନସିପ୍‌କୁ ତେଲକୋଇ ବିଧାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ରୂପେ ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସିନ୍ ର ଏକଜିକ୍ୟୁଟିଭ ଡାଇରେକ୍ଟର ଆନନ୍ଦେଶ୍ୱର ପାଣ୍ଡେ ଯୋଗଦେଇଥିଲେ । ଏଥିରେ ୨୬ଟି ରାଜ୍ୟର ୫ଶହ ଖେଳାଳୀ ଯୋଗ ଦେଉଥିବା ବେଳେ, ଚମ୍ପିଆନସିପ୍ ରେ ସମୁଦାୟ ୪୦ଟି ମ୍ୟାଚ୍ ଅନୁଷ୍ଠିତ ହେବ । ଆସନ୍ତା ୧୦ ତାରିଖରେ ଏହି ଜାତୀୟସ୍ତରୀୟ ଚମ୍ପିଆନସିପ୍ ମ୍ୟାଚ୍ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୧୨ତାରିଖରେ ଏହି ଜାତୀୟସ୍ତରୀୟ ଚମ୍ପିଆନସିପ୍ ର ଉଦଯାପନୀ ମ୍ୟାଚ୍ ଅନୁଷ୍ଠିତ ହେବ ।

# ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଖୋର୍ଦ୍ଧା,୦୯/୪(ନି।ପ୍ର): ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳରେ ଜିଲାସଂସ୍କୃତି ବିଭାଗ ପକ୍ଷରୁ ଗତ ୧ତାରିଖରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ପାଳନର ଆଜି ଅଷ୍ଟମ ଦିବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ମହାବିଦ୍ୟାଳୟ ଅଧ୍ୟାକ୍ଷା ବିଦୁଶ୍ରୀ ମିଶ୍ର ଏହାକୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଶୁଭେନ୍ଦୁ କୁମାର ମହାନ୍ତି, ପ୍ରାଧ୍ୟାପକ ପ୍ରିୟବ୍ରତ ମହାନ୍ତି, ପ୍ରାଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ବୈଶାଖ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଖୋର୍ଦ୍ଧା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସୌରଭ ସୁନ୍ଦର ରାୟ, ଅରୁଣ କୁମାର ସାହୁ, ଶ୍ରୀକାନ୍ତ କୁମାର ସାମାନ୍ତାସିଂହାର, ଝୁନୁଲତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ ଉପସ୍ଥିତ ରହି ରକ୍ତଦାନରେ ସହଯୋଗ ପ୍ରଦାନ କରିଥିଲେ । ଏହି ରକ୍ତଦାନ ଶିବିରରେ ୬୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଯୁବ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନେ ରକ୍ତଦାନ କରିଥିଲେ । ପ୍ରାଧ୍ୟାପକ ଗଦାଧର ସାହୁ, ଅଧାପକ ସୁବୋଧ କୁମାର ଜଗଦେବ, ଅଧାପିକା ଅଲିଭା ବେହୁରା ଶିବିର ପରିଚାଳନା କାଟିଥିଲେ ।

# କାଗଜକଳ ଶ୍ରମିକଙ୍କୁ ହତ୍ୟା ମାମଲାରେ ୨ ଅଭିଯୁକ୍ତ ଭାଇ ଗିରଫ: ଜଣେ ଫେରାର ଏବଂ ବହୁ ମାରଣାସ୍ତ୍ର ଜବତ

ଜୟପୁର,୦୯/୪(ନି।ପ୍ର): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ଅଂଚଳର ବନଗୁଡା ଗ୍ରାମ ନିକଟରେ ଗତମାସ ୩୦ ତାରିଖରେ ସେଓ୍ୱା କାଗଜକଳର ଠିକା ଶ୍ରମିକ କାଗଜକଳରୁ ନିଜ ଡ୍ୟୁଟିରୁ ସମାପ୍ତ କରିବା ପରେ ଅପରାହ୍ନ ୫ଟାରେ ନିଜ ଗ୍ରାମ ଫାମ୍ପୁଣିକୁ ବାଇକ ଯୋଗେ ଫେରୁଥିବା ବେଳେ ପୂର୍ବଶତୃତାକୁ ନେଇ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ହତ୍ୟା କରାଯାଇଥିଲା । ଏହି ମାମଲାରେ ସଦରଥାନା ପୁଲିସ ତଦନ୍ତ କରିବା ସହ ଦୁଇ ଅଭିଯୁକ୍ତ ଫାମ୍ପୁଣି ଗ୍ରାମର ନରେନ୍ଦ୍ର ହରିଜନ ଓରଫ ମୋଲୁ (୨୪) ଏବଂ ଭଗବାନ ହରିଜନ (୨୧) ଦୁଇ ଭାଇଙ୍କୁ ଗିରଫ କରିବା ସହ କୋର୍ଟ ଚାଲଣ କରାଯାଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଛନ୍ତି । ସେହିପରି ଅଭିଯୁକ୍ତ ମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ବାଇକ (ଓଡି୧୦ଡି-୭୨୫୩), ୩ଟି ଖଣ୍ଡା, ୧ ଟାଙ୍ଗିଆ, ଗୋଟିଏ ଲୁହା ପଂଚ ଏବଂ ଛୁରା ଜବତ କରିଛନ୍ତି । ସୂଚନାଅନୁଯାୟୀ, ଜୟପୁର ସଦରଥାନା ଫାମ୍ପୁଣି ଗ୍ରାମର ମୃତକ ପଦ୍ମନ ହରିଜନଙ୍କ ପରିବାର ସହ ପୁରିଆ ହରଜନ ଓରଫ ବାଗଙ୍କ ପରିବାର ସହ ପୁରୁଣା ଶତୃତା ରହିଥିଲା । ତେଣୁ ଉଭୟ ପରିବାର ମଧ୍ୟରେ ପୂର୍ବରୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ମୃତକ ପଦ୍ମନଙ୍କୁ ହତ୍ୟା କରିବା ନେଇ ଗିରଫ ଦୁଇ ଭାଇ ନରେନ୍ଦ୍ର ଓ ଭଗବାନ ନିଷ୍ପତି ନେଇଥିଲେ । ଏହିପରି ସେମାନଙ୍କ ଜଣେ ସାଙ୍ଗର ସହାୟତା ନେଇ ପୂର୍ବଦିନରୁ ହତ୍ୟା କରିବା ନେଇ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା । ପ୍ରତ୍ୟେକ ଦିନ ମୃତକ ପଦ୍ମନ ଠିକା ଶ୍ରମିକ ଭାବେ ଗାଗନାପୁର ସ୍ଥିତ ସେଓ୍ୱା କାଗଜକଳରେ କାର୍ଯ୍ୟ ଶେଷ ପରେ ଗାଗନାପୁର- ରାଣିପୁଟ ରାସ୍ତାଦେଇ ତାଙ୍କ ଗ୍ରାମ ଫାମ୍ପୁଣିକୁ ଫେରିଥାଆନ୍ତି । ଏହିପରି ବନଗୁଡା ନିକଟସ୍ଥ ପାଣି ଟାଙ୍କି ରହିଥିବା ପାହଡ ନିକଟରେ ନିଛାଟିଆ ରହୁଥିବା ଯୋଗୁଁ ଉକ୍ତ ରାସ୍ତାରେ ହତ୍ୟା କରିବା ନେଇ ଅଭିଯୁକ୍ତ ମାନେ ନିଷ୍ପତି ଗ୍ରହଣ କରିଥିଲେ। ହତ୍ୟାଦିନ ଅପରାହ୍ନ ୫ଟା ସମୟରେ ମୃତକ ନରେନ୍ଦ୍ର ନିଜ ବାଇକ ((ଓଡି ୧୦ୟୁ-୨୨୮୧) ଯୋଗେ କାଗଜକଳରୁ ବାହାରି ନିଜ ଗ୍ରାମକୁ ଉକ୍ତ ରାସ୍ତା ଦେଇ ବାହାରିଥିଲେ । ତାଙ୍କୁ ଗାଗନାପୁର ଛକରୁ ଜବତ ବାଇକ ଯୋଗେଇ ଅଭିଯୁକ୍ତ ଅଭିଯୁକ୍ତ ନରେନ୍ଦ୍ର ପିଛା କରିବା ସହ ପୂର୍ବରୁ ହତ୍ୟା ସ୍ଥାନ ବନଗୁଡା ପାହାଡ ନିକଟରେ ଅଭିଯୁକ୍ତ ଭଗବାନ ଏବଂ ତାଙ୍କ ସାଙ୍ଗ ଅପେକ୍ଷା କରିଥିଲେ । ସେହିପରି ପିଛା କରୁଥିବା ଅଭିଯୁକ୍ତ ନରେନ୍ଦ୍ର ଫୋନ ଯୋଗେ ଅପେକ୍ଷା କରିଥିବା ଦୁଇ ଅଭିଯୁକ୍ତଙ୍କୁ ସୂଚନା ଦେଉଥିଲେ । କିଛି ସମୟରେ ବାଇକ ଯୋଗେ ମୃତକ ଘଟଣାସ୍ଥଳରେ ପହଂଚିବା ବେଳେ ସାମ୍ନାରୁ ଅଭିଯୁକ୍ତ ଭଗବାନ ଏକ ଟାଙ୍ଗିଆରେ ହାଣିଥିଲେ । ତାଙ୍କ ଗୋଡରେ ମାଡ ହୋଇଥିଲା । କିନ୍ତୁ ଜୀବନ ବିକଳରେ ସେ ଦୌଡି ଚାଲିଯିବାକୁ ପ୍ରୟାସ କରୁଥିବା ବେଳେ । ସେଠାରେ ପିଛା କରୁଥିବା ଅଭିଯୁକ୍ତ ନରେନ୍ଦ୍ର ଏକ ଖଣ୍ଡା, ଭଗବାନ ଟାଙ୍ଗିଆ ଏବଂ ଅନ୍ୟଜଣେ ଅଭିଯୁକ୍ତ ଏକ ଖଣ୍ଡା ନେଇ ତାଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ସୂଚନାପାଇବା ପରେ ଘଟଣାସ୍ଥଳରେ ସଦରଥାନା ପୁଲିସ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ଏହିପରି ଏହାର ପରଦିନ ସନ୍ଧାନୀ କୁକୁର ଏବଂ ସାଇଂଟିଫିକ ଦଳର ସହାୟତାରେ ତଦନ୍ତ ବେଳେ କିଛି ମାରଣାସ୍ତ୍ର ଜବତ କରାଯାଇଥିଲା । ବିଭିନ୍ନ ସ୍ଥାନରେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ନେଇ ଚଢଉ ପରେ ପୁଲିସକୁ ସଫଳତା ମିଳିଛି ଏବଂ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇ ଅନ୍ୟଜଣେ ଫେରାର ଅଭିଯୁକ୍ତଙ୍କୁ ଗିରିଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଧାରାବାହିକ:

ଭାଗ-୪୮

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ। ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

**୧୪ଶ ଅଧ୍ୟାୟ**

**॥ ସୋମ ବଂଶ ॥**

ଏହି ବଂଶର ପ୍ରଖ୍ୟାତ ରାଜା ପୁରୁରବା ଆଦି ରାଜାମାନେ ଜନ୍ମ ଗ୍ରହଣ କରିଥିଲେ । ବ୍ରହ୍ମାଙ୍କର ପୁତ୍ର ଅତ୍ରୀଙ୍କ ନେତ୍ରରୁ ଅମୃତ ମୟ ସୋମ ବା ଚନ୍ଦ୍ର ଜାତ ହୋଇଥିଲେ । ବ୍ରହ୍ମା ତାଙ୍କୁ ବିପ୍ର , ଔଷଧ ଓ ନକ୍ଷତ୍ରମାନଙ୍କର ଅଧିପତି କରିଥିଲେ । ସେ ବୃହସ୍ପତିଙ୍କ ପତ୍ନୀ ତାରାଙ୍କୁ ବଳ ପୂର୍ବକ ହରଣ କରିନେବା ଫଳରେ ଦେବତାମାନେ ବୃହସ୍ପତିଙ୍କ ପକ୍ଷ ସମର୍ଥନ କରି ଚନ୍ଦ୍ରଙ୍କ ସହ ଯୁଦ୍ଧକରିବାକୁ ବାହାରିଲେ । ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ଏବଂ ବୃହସ୍ପତିଙ୍କ ମଧ୍ୟରେ ବିବାଦ ହେତୁ ଶୁକ୍ରାଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଅସୁରମାନେ ଚନ୍ଦ୍ରଙ୍କର ପକ୍ଷ ସମର୍ଥନ କଲେ । ଦେବତା ଓ ଅସୁର ଯୁଦ୍ଧ ନିମିତ୍ତ ପରସ୍ପର ସମ୍ମୁଖୀନ ହୋଇଥିବା ସମୟରେ ବ୍ରହ୍ମା ଚନ୍ଦ୍ରଙ୍କୁ ଡାକି ବହୁ ତିରସ୍କାର କଲେ ଓ ଗୁରୁପତ୍ନୀଙ୍କୁ ତୁରନ୍ତ ଫେରାଇ ଦେବାକୁ କହିଲେ । ବ୍ରହ୍ମାଙ୍କର କଥାମାନି ତାରାଙ୍କୁ ଫେରାଇ ଦେଲେ ମାତ୍ର ବୃହସ୍ପତି ଜାଣିଲେ ଯେ ତାରା ଗର୍ଭବତୀ । ଏଣୁ ସେ ତାଙ୍କୁ ଭ୍ରଷ୍ଟା ଅସତୀ କହି ଗାଳି ଦେଇଥିଲେ ହେଁ ଗର୍ଭବତୀ କାରଣରୁ ଅଭିଶାପ ଦେଲେନାହିଁ । ତାରା ଅତ୍ୟନ୍ତ ଲଜ୍ଜିତା ହୋଇ ରହି କିଛିକାଳପରେ ନିଜ ଗର୍ଭରୁ ଗୋଟିଏ ଅପୂର୍ବ ସୁନ୍ଦର ସୁବର୍ଣ୍ଣ ପ୍ରତିମା ଭଳି ପୁତ୍ର ପ୍ରସବ କଲେ । ଚନ୍ଦ୍ର ଓ ବୃହସ୍ପତି ଉଭୟ ସେହି ପୁତ୍ର ଜନକ ରୂପେ ନିଜକୁ ଦାବୀକଲେ । ଫଳରେ ଉଭୟଙ୍କ ମଧ୍ୟରେ ପୁନର୍ବାର ବିବାଦ ଉପୁଜିଲା । ମୁନି ଓ ଦେବତାମାନେ ଏ ପୁତ୍ର କାହାର ବୋଲି ତାରାଙ୍କୁ ପଚାରନ୍ତେ ସେ ଲଜ୍ଜା ବଶତଃ ମୁହଁକୁ ତଳକୁ ପୋତି ନିରବ ରହିଲେ । ମାତାଙ୍କର ଲଜ୍ଜା ଦେଖି ପୁତ୍ର କୁପିତ ହୋଇ କହିଲା ହେ ଦୁଷିଳେ, ଶୀଘ୍ର ସତ୍ୟ ପ୍ରକାଶ କରି କୁହ ମୁଁ କାହାର ପୁତ୍ର । ମୋତେ ଏ ଲଜ୍ଜା ବଡ ବାଧୁଛି । ମୁଁ ତୁମକୁ ଅଭିଶାପ ଦେବି । ପୁତ୍ର ଏପରି କହିବାର ଶୁଣି ବ୍ରାହ୍ମା ତାରାଙ୍କୁ ଏକାନ୍ତରେ ଡାକି ପଚାରନ୍ତେ ତାରା ଏହି ପୁତ୍ର ଚନ୍ଦ୍ରଙ୍କର ବୋଲି କହିଲେ । ଚନ୍ଦ୍ର ମହାନନ୍ଦରେ ପୁତ୍ରକୁ ଗ୍ରହଣ କଲେ । ସେହି ପୁତ୍ରର ଗଭୀର ବିଦ୍ଧି ଓ ନୀତିପୂର୍ଣ୍ଣ ବାକ୍ୟରେ ବ୍ରହ୍ମା ବୁଧ ବୋଲି ତାହାର ନାମକରଣ କଲେ । ଅନ୍ୟ ମତରେ ସେ ରୂପ ଗୁଣରେ ସମସ୍ତଙ୍କୁ ବୋଧ କରିବାରୁ ତାଙ୍କ ନାମ ବୁଧହେଲା । ବୁଧଙ୍କଠାରୁ ଇଳାଙ୍କ ଗର୍ଭରେ ପୁରୁରବା ଜନ୍ମ ଗ୍ରହଣ କରିଥିଲେ । ମିତ୍ରାବରୁଣଙ୍କ ଅଭିଶାପରେ ସ୍ୱର୍ଗ ଅପସରୀ ଉର୍ବଶୀ ମନୁଷ୍ୟ ଦେହପ୍ରାପ୍ତ ହୋଇଥିଲେ । ସେ ନାରଦଙ୍କଠାରୁ ପୁରୁରବାଙ୍କ ରୂପ ଓ ଗୁଣ ସମ୍ପର୍କରେ ଶୁଣି ଆକର୍ଷିତ ହୋଇ ତାଙ୍କ ନିକଟରେ ପ୍ରେମ ନିବେଦନ କଲେ । ପୁରୁରବା ମଧ ଉର୍ବଶୀଙ୍କ ରୂପମାଧୂର୍ଯ୍ୟରେ ମୁଗ୍ଧ ହୋଇ ତାଙ୍କ ସହ ବିହାର କଲେ । ଉର୍ବଶୀ ପୁରୁରବାଙ୍କ ଦାୟିତ୍ୱରେ ନିଜେ ସ୍ନେହରେ ପାଳିଥିବା ଦୁଇ ମେଷ ଶାବକକୁ ଅର୍ପଣ କରିଥିଲେ । ଉଭୟଙ୍କ ମଧ୍ୟରେ ସର୍ତ୍ତ ଥିଲା ଯେ, ପୁରୁରବା ଉର୍ବଶୀଙ୍କ ମେଷ ଶାବକୁ ଦ୍ୱୟକୁ ଯତ୍ନରେ ପାଳନ କରିବେ ଏବଂ ରମଣ ସମୟ ବ୍ୟତୀତ ଅନ୍ୟ ସମୟରେ ସେ ପୁରୁରବାଙ୍କୁ ଉଲଗ୍ନ ଅବସ୍ଥାରେ ଦେଖିବେ ନାହିଁ । ଏହାର ବ୍ୟତିକ୍ରମ ହେଲେ ସେ ପୁରୁରବାଙ୍କୁ ପରିତ୍ୟାଗ କରିବେ । ପୁରୁରବା ସର୍ତ୍ତରେ ରାଜି ହୋଇ ବହୁକାଳ ପର୍ଯ୍ୟନ୍ତ ଉର୍ବଶୀଙ୍କ ସହ ଆନନ୍ଦରେ କାଳଯାପନ କଲେ । ଦିନେ ଇନ୍ଦ୍ର ଗନ୍ଧର୍ବମାନଙ୍କୁ ଡାକି କହିଲେ ଉର୍ବଶୀ ବିନା ସ୍ୱର୍ଗ ଶୋଭା ପାଉନାହିଁ । ତୁମ୍ଭେମାନେ ଯାଇ ଉର୍ବଶୀଙ୍କୁ ସ୍ୱର୍ଗକୁ ଫେରାଇଆଣ । ଗନ୍ଧର୍ବମାନେ ଘୋର ଅନ୍ଧକାର ରାତ୍ରିରେ ମର୍ତ୍ତ୍ୟରେ ଥିବା ରାଜପୁରକୁ ଆସି ଉର୍ବଶୀ ପାଳିତ ମେଷଶାବକ ଦ୍ୱୟକୁ ଚୋରାଇ ନେଲେ । ସେମାନଙ୍କର ବୋବାଳିରେ ଉର୍ବଶୀଙ୍କର ନିଦ୍ରାଭଙ୍ଗ ହେବାରୁ ଦେଖିଲେ ମେଷଶାବକ ଦ୍ୱୟ ଅପହୃତ ହୋଇଛନ୍ତି । ସେ ପୁରୁରବାଙ୍କୁ ବହୁ କଟୁବାକ୍ୟ କରି ଭତ୍ସନା କଲେ । ତୁମେ ଅତ୍ୟନ୍ତ ହୀନ କାପୁରୁଷ, ବୃଥାରେ ବୀରତ୍ୱର ଅଭିମାନ କର । ତୁମେ ଦିନରେ ଅକ୍ଷମ ପୁରୁଷଙ୍କ ପରି ଓ ରାତ୍ରିରେ ନପୁନଶକ ରୂପେ ନିଦ୍ରା ଯାଉଛ । ତୁମେ ଥାଉ ଥାଉ ମୋର ସନ୍ତାନ ପ୍ରତୀମ ମେଷଶାବକ ଦ୍ୱୟକୁ ଚୋର ଚୋରେଇ ନେଇଗଲା । ତୁମର ବଳବୀର୍ଯ୍ୟକୁ ଧିକ୍ । ଉର୍ବଶୀଙ୍କ ଏ ବାକ୍ୟ ପୁରୁରବାଙ୍କୁ ଯନ୍ତ୍ରଣା ଦେବାରୁ ସେ ଉତକ୍ଷୀପ୍ତ ହୋଇ ସେହି ଉଲଗ୍ନ ଅବସ୍ଥାରେ ଶଯ୍ୟା ତ୍ୟାଗ ପୂର୍ବକ ଗନ୍ଧର୍ବମାନଙ୍କ ପଶ୍ଚାତଧାବନ କଲେ । ଏହା ଦେଖି ଗନ୍ଧର୍ବମାନେ ମେଷଶାବକକୁ ଛାଡିଦେଲେ । ପୁରୁରବା ମେଷଶାବକଙ୍କୁ ଧରି ଫେରି ଆସିଲେ ହେଁ ତାଙ୍କୁ ଉଲଗ୍ନ ଅବସ୍ଥାରେ ଦେଖି ଉର୍ବଶୀ ସର୍ତ୍ତାନୁସାରେ ଆଉ ମୁହୂର୍ତ୍ତେ ନରହି ତାଙ୍କୁ ଛାଡି ଚାଲିଗଲେ । ଉର୍ବଶୀଙ୍କ ବିରହରେ ପୁରୁରବା ଅତ୍ୟନ୍ତ ବ୍ୟଥିତ ଓ ଶୋକାକୁଳ ହୋଇ ଉନ୍ମତ୍ତ ତୁଲ୍ୟ ପୃଥିବୀରେ ଭ୍ରମଣ କରିବାକୁ ଲାଗିଲେ । ଦିନେ ହଠାତ୍ ସରସ୍ୱତୀ ନଦୀ ତୀରସ୍ଥ କୁରୁକ୍ଷେତ୍ରରେ ସଖୀମାନଙ୍କ ଗହଣରେ ଉର୍ବଶୀଙ୍କୁ ଦେଖି ଅତ୍ୟନ୍ତ ସ୍ନେହକାତର ଭାବେ ତାଙ୍କୁ ଛାଡି ନଯିବାକୁ ଉର୍ବଶୀଙ୍କୁ ପ୍ରାର୍ଥନା କରି କହିଲେ, ତୁମ ବୀରହରେ ମୋ ଶରୀର ଶୁଖିଗଲାଣି । ତୁମେ ଛାଡି ଚାଲିଗଲେ ଏ ଶରୀରକୁ ଶୃଗାଳ କୁକୁର ଭକ୍ଷଣ କରିବେ । ଉର୍ବଶୀ କହିଲେ ହେ ରାଜନ, ତୁମେ ପ୍ରଜାପାଳକ ପୁଣି ପୁରୁଷ, ଧୈର୍ଯ୍ୟ ଧର ଏ ଶରୀରକୁ ନଷ୍ଟ କରନାହିଁ । ସ୍ତ୍ରୀ ଜାତିର ହୃଦୟ ବ୍ୟାଘ୍ରପରି ନିଷ୍ଠୁର । ସେ କୌଣସି ଗୋଟାଏ ଲୋକକୁ ଭଜିନପାରେ । ସେ ସ୍ୱଭାବତଃ ନିର୍ଦ୍ଦୟ, କପଟୀ, କଠିନ ଓ ଦୁଃସାହସୀ । ସାମାନ୍ୟ ସୁଖ ନିମିତ୍ତ ନାରୀ ସ୍ୱାମୀ ଓ ଭ୍ରାତାକୁ ମଧ ବିନାଶ କରିପାରେ । ନିର୍ବୋଧ ପୁରୁଷକୁ କପଟ ସ୍ନେହରେ ବଶୀଭୂତ କରି ପରେ ପ୍ରତାରଣା କରେ ଏବଂ କାମଭୋଗ ନିମିତ୍ତ ନିତ୍ୟ ନୂତନ ସ୍ୱାମୀ କାମନା କରିଥାଏ । କେବଳ ପରିସ୍ଥିତିର ତାଡନାରେ ଏହି କାମନା ପ୍ରଚ୍ଛନ୍ନ ଭାବରେ ରହିଥାଏ । ଯାହାହେଉ ମୁଁ ତୁମର ଏହି ଅନାବିଳ ସ୍ନେହ ହେତୁ ଏକ ସମ୍ୱତ୍ସର ପରେ ତୁମ ସହିତ ପୁଣି ମିଳିତ ହେବି । ତୁମେ ଏବେ ଗନ୍ଧର୍ବମାନଙ୍କୁ ସ୍ତୁତି କର । ସେମାନେ ସନ୍ତୁଷ୍ଟ ହୋଇ ମୋତେ ତୁମକୁ ପ୍ରଦାନ କରିବେ । ପୁରୁରବା ଗନ୍ଧର୍ବମାନଙ୍କୁ ସ୍ତବରେ ସନ୍ତୁଷ୍ଟ କରି ସେମାନଙ୍କଠାରୁ ଏକ ଅଗ୍ନିପାତ୍ର ଲାଭକଲେ । ସେହି ଅଗ୍ନିରେ ହୋମ କଲେ ଉର୍ବଶୀଙ୍କୁ ପ୍ରାପ୍ତ ହେବ ବୋଲି ଗନ୍ଧର୍ବମାନେ କହିଲେ । ପୁରୁରବା ସେହି ଅଗ୍ନିକୁ ବୃକ୍ଷମୂଳରେ ସ୍ଥାପନ କରି ଗୃହ ପ୍ରତ୍ୟାବର୍ତ୍ତନ କଲେ ଓ ପ୍ରଜା ହିତକାର୍ଯ୍ୟରେ ନିଜକୁ ନିୟୋଜିତ କଲେ । ମାତ୍ର ଉର୍ବଶୀଙ୍କୁ ଭୁଲିପାରିଲେ ନାହିଁ । ସତ୍ୟଯୁଗ ଯାଇ ତ୍ରେତା ଯୁଗ ହେଲା । ତ୍ରେତାଯୁଗର ପ୍ରାରମ୍ଭରେ ରାଜା ପୁରୁରବାଙ୍କର ମନ ମଧ୍ୟରେ କର୍ମବୋଧକ ବେଦତ୍ରୟ ଜାତ ହେଲା । ରାଜା ଗନ୍ଧର୍ବ ପ୍ରଦତ୍ତ ଅଗ୍ନି ଆହରଣ କରିବାକୁ ବନକୁ ଯାଇଦେଖିଲେ ଅଗ୍ନି ସ୍ଥାପନ ସ୍ଥଳରେ ଥିବା ଶମୀବୃକ୍ଷ ଗର୍ଭରେ ଅଶ୍ୱ ବୃକ୍ଷ ଜନ୍ମି ଅଛି । ରାଜା ପୁରୁରବା ଉର୍ବଶୀଙ୍କୁ ନିମ୍ନସ୍ଥ କାଷ୍ଟରେ କଳ୍ପନା କରି ତହିଁରେ ଯଜ୍ଞର ଅଧରାରଣୀ ପ୍ରସ୍ତୁତ କଲେ । ଉପରିସ୍ଥ କାଷ୍ଟରେ ନିଜର ଆତ୍ମାକୁ କଳ୍ପନା କରି ସେଥିରେ ଯଜ୍ଞର ଉତ୍ତରାଅରୁଣୀ ପ୍ରସ୍ତୁତ କଲେ । ଉଭୟ କାଷ୍ଟର ମଧ ସ୍ଥଳକୁ ପୁତ୍ରରୂପେ କଳ୍ପନା କରି ବେଦ ମନ୍ତ୍ର ପ୍ରୟୋଗ ଦ୍ୱାରା ମନ୍ଥନ କଲେ । ସେହି ମନ୍ଥନ ଦ୍ୱାରା ଅଗ୍ନି ଜାତ ହେବାରୁ ଅଗ୍ନିର ନାମ ଜାତବେଦ ହେଲା । ପୁରୁରବା ସେହି ଅଗ୍ନିରେ ଆହୂତି ପ୍ରଦାନ ପୂର୍ବକ ଉର୍ବଶୀଙ୍କୁ କାମନା କରି ଯଜ୍ଞେଶ୍ୱର ସର୍ବବେଦମୟ ଶ୍ରୀହରିଙ୍କୁ ଆରାଧନା କଲେ ଏବଂ ଉର୍ବଶୀଙ୍କୁ ପୁନଃ ପ୍ରାପ୍ତ ହୋଇ ତାଙ୍କଠାରେ ଅଗ୍ନିବର୍ଣ୍ଣପ୍ରାୟ ତେଜୋମୟ ଷଡ ସନ୍ତାନ ଲାଭ କରିଥିଲେ । ଆୟୁଷ ଅନ୍ତେ ପୁରୁରବା ଗନ୍ଧର୍ବ ଲୋକ ପ୍ରାପ୍ତ ହୋଇଥିଲେ ।

**୧୫ଶ ଅଧ୍ୟାୟ**

**॥ କାର୍ତ୍ତବୀର୍ଯ୍ୟାର୍ଜ୍ଜୁନ ବଧ ॥**

ଶ୍ରୀ ଶୁକଦେବ କହିଲେ, ପୁରୁରବା ବଂଶଧର ଗାଧୀଙ୍କର ସୁନ୍ଦରୀ କନ୍ୟା ସତ୍ୟବତୀଙ୍କୁ ଋଚିକ ଋଷି ବିବାହ କରିବା ପାଇଁ ଇଛା ପ୍ରକାଶ କରିବାରୁ ଗାଧୀ. କନ୍ୟା ଶୁଳ୍କ ରୂପେ ଏକ ସହସ୍ର ଅଶ୍ୱ ଦାବୀ କଲେ । ଋଚିକ ଋଷି ବରୁଣ ଦେବତାଙ୍କୁ ପୂଜାରେ ସନ୍ତୁଷ୍ଟ କରି ତାଙ୍କଠାରୁ ଏକ ସହସ୍ର ଅଶ୍ୱ ଆଣି ଗାଧୀଙ୍କୁ ଦେଲେ ଓ ତାଙ୍କ କନ୍ୟା ସତ୍ୟବତୀଙ୍କୁ ବିବାହ କଲେ । କିଛିକାଳ ପରେ ଋଚିକଙ୍କ ଶାଶୁ ଓ ପତ୍ନୀ ଉଭୟ ତାଙ୍କ ନିକଟରୁ ପୁତ୍ରଟିଏ ଚାହିଁବାରୁ ମୁନି ପତ୍ନୀଙ୍କ ନିକଟରେ ବ୍ରାହ୍ମ ମନ୍ତ୍ରରେ ଓ ଶାଶୁଙ୍କ ନିମନ୍ତେ କ୍ଷାତ୍ର ମନ୍ତ୍ରରେ ଯଜ୍ଞ ଚରୁକୁ ଅଭିମନ୍ତ୍ରିତ କରି ତାହାକୁ ଗୃହରେ ଥୋଇ ସ୍ନାନ କରିବାକୁ ଗଲେ । ଶାଶୁ ବିଚାର କଲେ ପ୍ରାୟ ସ୍ତ୍ରୀଙ୍କ ପ୍ରତି ଅନୁରାଗ ପାଇଁ ମୁନି ଅଲଗା ଅଲଗା ଚରୁ ପ୍ରସ୍ତୁତ କରିଛନ୍ତି ନଚେତ ଉଭୟେ ପୁତ୍ରକାମୀ ହୋଇଥିବା ବେଳେ ଅଲଗା ଚରୁର ଆବଶ୍ୟକତା କ'ଣ ଥିଲା ଭାବି କନ୍ୟାକୁ କହି କନ୍ୟା ନିମନ୍ତେ ଚରୁ ସେ ଭକ୍ଷଣ କଲେ ଏବଂ ତାଙ୍କ ନିମନ୍ତେ ଥିବା ଚରୁକୁ କନ୍ୟାକୁ ଭକ୍ଷଣ କରିବାକୁ ଦେଲେ । ମୁନି ସ୍ନାନରୁ ଫେରି ଏହି ଘଟଣା ଜାଣି ମନ ଦୁଃଖ କରିବା ସହିତ ସ୍ତ୍ରୀକୁ କହିଲେ ତୁମ ଭୁଲର ପରିଣତି ସ୍ୱରୂପ ତୁମଠାରୁ ଏକ ଦୁର୍ଦ୍ଦାନ୍ତ କ୍ଷତ୍ରିୟ ପୁତ୍ର ଜନ୍ମ ନେବ ତ ତୁମ ମାତାଙ୍କଠାରୁ ଏକ ଧାର୍ମିକ ବ୍ରାହ୍ମଣ ଜନ୍ମ ନେବ । ସତ୍ୟବତୀ ଘୋର ଚିନ୍ତାରେ ପଡିବା ସହ ସ୍ୱାମୀକୁ ଏହାର ପ୍ରତିକାର ନିମନ୍ତେ ପ୍ରାର୍ଥନା କଲେ । ମୁନି ନିଜର ତପ ବଳରେ କେତେକାଂଶରେ ଅଘଟଣକୁ ଦୂରେଇ କହିଲେ ପୁତ୍ର ସ୍ଥାନରେ ତୁମର ପୌତ୍ର ଦୁର୍ଦ୍ଦାନ୍ତ ହେବ । ସତ୍ୟବତୀ ଅଶ୍ୱସ୍ତ ହେବା ସହ କିଛି କାଳାନ୍ତେ ପୁତ୍ର ଜମଦଗ୍ନିଙ୍କୁ ପ୍ରସବ କରି ଲୋକପାବିନୀ କୌଶିକୀ ନଦୀ ରୂପେ ବହିଗଲେ । ଏହି ଜମଦଗ୍ନିଙ୍କ ପତ୍ନୀ ହେଲେ ରେଣୁକା ଏବଂ ତାଙ୍କ ଗର୍ଭରୁ ବାସୁଦେବାଂଶୀ ପର୍ଶୁରାମ ଜନ୍ମ ନେଇ ଉଶୃଙ୍ଖଳ, ବେଦ ବିରୋଧୀ କ୍ଷତ୍ରୀୟମାନଙ୍କ ଔଦ୍ଧତ୍ୟ ନଷ୍ଟ କରିବା ପାଇଁ ପୃଥିବୀକୁ ଏକୋଇଶବାର ନିକ୍ଷତ୍ରୀ କରିଥିଲେ । ସେହି କ୍ଷତ୍ରୀୟମାନଙ୍କ ମଧ୍ୟରେ କାର୍ତ୍ତବୀର୍ଯ୍ୟାର୍ଜ୍ଜୁନ, ନାରାୟଣଂଶୀ ଦତ୍ତାତ୍ରେୟଙ୍କର ଅନୁଗ୍ରହ ଲାଭ କରି ଦେବତାଙ୍କ ପାଇଁ ଦୁର୍ଜ୍ଜୟ ହୋଇ ଅଣିମାଦି ଅଷ୍ଟ ସିଦ୍ଧି ଲାଭ ସହ ସହସ୍ରବାହୁ ଏବଂ ଅତ୍ୟନ୍ତ ବଳବାନ ହୋଇଥିଲେ । ଏକଦା ସେ ନର୍ମଦା ଜଳରେ ସ୍ତ୍ରୀମାନଙ୍କ ସହ ଜଳକ୍ରୀଡା କରୁଥିବା ସମୟରେ ନିଜ ସହସ୍ରବାହୁ ଦ୍ୱାରା ଜଳର ଗତିପଥ ରୋଧ କରିବାରୁ ତାହା କୂଳଲଂଘି ନଦୀ ତଟସ୍ଥ ରାବଣର ଶିବିରକୁ ଜଳମଗ୍ନ କରିଦେଲା । ରାବଣ ଯୁଦ୍ଧ ପାଇଁ ଅଗ୍ରସର ହେଉଥିବା ସମୟରେ ଅବଳୀଳା କ୍ରମେ କାର୍ତ୍ତବୀର୍ଯ୍ୟ ତାକୁ ଧରି ପକାଇ ମର୍କଟ ପରି ବାନ୍ଧି ପକାଇଲେ ଏବଂ ହେୟ ଜ୍ଞାନ କରି ଛାଡିଦେଲେ । ଅନ୍ୟ ଏକ ଦିନ କାର୍ତ୍ତବୀର୍ଯ୍ୟ ବନକୁ ମୃଗୟା କରିବାକୁ ଯାଇ ନିଜର ସୈନ୍ୟସାମନ୍ତ ସହିତ ଜମଦଗ୍ନିଙ୍କର ଅତିଥି ହେଲେ ଏବଂ ମୁନି ନିଜର କାମଧେନୁ ସାହାଯ୍ୟରେ ଏହି ବିରାଟ ସୈନ୍ୟବାହିନୀର ଚର୍ଚ୍ଚା କରିବା ଦେଖି ଲୋଭ ବଶତଃ କାମଧେନୁକୁ ହରଣ କଲେ । ଜମଦଗ୍ନିଙ୍କ ପୁତ୍ର ବିଷ୍ଣୁଅଂଶୀ ପର୍ଶୁରାମ ଆଶ୍ରମକୁ ଫେରି କାମଧେନୁ ହରଣ ପ୍ରସଙ୍ଗ ଶୁଣି କ୍ରୋଧରେ ପ୍ରଜ୍ୱଳିତ ହେବା ସହ କାର୍ତ୍ତବୀର୍ଯ୍ୟଙ୍କ ପଶ୍ଚାତଧାବନ କଲେ ଏବଂ ଯୁଦ୍ଧରେ ଏକାକୀ ସମସ୍ତ ସୈନ୍ୟବାହିନୀକୁ ଧ୍ୱଂସ କରିଦେବାରୁ କାର୍ତ୍ତବୀର୍ଯ୍ୟ ଏକକାଳୀନ ପାଞ୍ଚଶତ ଧନୁରେ ବାଣ ସଂଯୋଗ କରି ଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ ହେଁ ପର୍ଶୁରାମ ନିଜର ପର୍ଶୁ ପ୍ରହାରକରି କାର୍ତ୍ତବୀର୍ଯ୍ୟର ସମସ୍ତ ହସ୍ତ ଓ ଶେଷରେ ମୁଣ୍ଡ କାଟି ପକାଇଲେ । ପିତାଙ୍କ ମୃତ୍ୟୁ ଦେଖି କାର୍ତ୍ତବୀର୍ଯ୍ୟଙ୍କ ପୁତ୍ରମାନେ ଜୀବନ ବିକଳରେ ଦୌଡି ପଳାଇଲେ । ଜମଦଗ୍ନି ଏହି ଖବର ପାଇ ପୁତ୍ରକୁ ଡାକି କହିଲେ, ତୁମେ ଅପରାଧୀକୁ ଉଚିତ ଦଣ୍ଡ ଦେଇଛ ମାତ୍ର ବାବା ଆମେ ବ୍ରାହ୍ମଣ, କ୍ଷମା ହିଁ ଆମର ଭୂଷଣ । କ୍ଷମାଶୀଳ ବ୍ୟକ୍ତିକୁ ଭଗବାନ ସନ୍ତୁଷ୍ଟ ହୁଅନ୍ତି । ଅଭିଷିକ୍ତ କ୍ଷତ୍ରିୟର ବଧ ବ୍ରାହ୍ମଣ ହତ୍ୟାଠାରୁ ଗୁରୁତର ପାପ । ତେଣୁ ତୁମେ ଭଗବାନଙ୍କଠାରେ ଚିତ୍ତ ସମର୍ପଣ ଦ୍ୱାରା ପାପ ପ୍ରକ୍ଷାଳନ କର ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରଙ୍ଗ

# ଲୋଭ ପାପକୁ ଜନ୍ମ ଦିଏ



ଶ୍ୱେତା ରାଉତ୍

ଦୁନିଆରେ ଯେତେ ପାପ ଅଛି, ଯଦି ଗୋଟି ଗୋଟି କରି କେହି ପାପର ହିସାବ କରେ, ନିଶ୍ଚିତ ଭାବେ ପାପ ପଛରେ ଗୋଟେ ଲୋଭ ଲୁଚିଥିବ। ରାଜାର ଯଦି ହତ୍ୟା ହୁଏ, ତା ପଛରେ କାହାର ସିଂହାସନର ଲୋଭ ଥାଏ।ଭାଇ ଭାଇର ଯଦି ମତାନ୍ତର ହୁଏ, ତା ପଛରେ ସମ୍ପତିର ଲୋଭ ଥାଏ।ସ୍ୱାମୀ ସ୍ତ୍ରୀ ମଧ୍ୟରେ ଯଦି ପାରିବାରିକ କଳିରୁ ଅନର୍ଥ ଘଟେ, ତେବେ ସେଠି ଜଣଙ୍କର ଅର୍ଥର ଲୋଭ ଥାଏ।ଦାମ୍ପତ୍ୟ ଭିତରେ ଯଦି ସମ୍ପର୍କ କ୍ଷୀଣ ହୋଇଯାଏ, ତେବେ ଅନ୍ୟତ୍ର କାମନାର ଲୋଭ ଥାଏ। ପ୍ରେମରେ ଯଦି ଜଣେ ଅନ୍ୟକୁ ଧୋକା ଦିଏ, ତେବେ ଅନ୍ୟ କାହା ଉପରେ ଲୋଭ ଥାଏ।ମନ୍ଦିରରୁ ଯଦି ଡକାୟତି ହୁଏ, ପ୍ରତିମା ଉପରେ ଥିବା ହୀରା ଉପରେ ଲୋଭ ଥାଏ। ଅନେକ ସ୍ଥାନରେ କେହି ନିଜ ଇଚ୍ଛାକୁ ପୁରଣ କରି ନପାରି ହତୋତ୍ସାହ ହୋଇ ପଡନ୍ତି, କାହାକୁ ବଦନାମ କରନ୍ତି ତ କାହାକୁ ହତ୍ୟା କରନ୍ତି। ହତ୍ୟା ରୂପକ ଯେଉଁ ମହାପାପ କରନ୍ତି, ତାର ପଛକୁ ଦେଖିଲେ ଜାଣିପାରିବେ ଯେ କିଛି ପ୍ରାପ୍ତ କରିବାର ଲୋଭ ପୁରଣ ନହେବାରୁ ବ୍ୟକ୍ତି ନିଜର ମାନସିକ ଭାରସାମ୍ୟ ହରାଇ ହତ୍ୟା କରୁଛି।

ନିଜକୁ ମହାଜ୍ଞାନୀ ବୋଲାଉଥିବା ମଣିଷ ନିଜ ଭିତରେ ଶତ୍ରୁ ରୂପେ ରହି ମସ୍ତିଷ୍କକୁ କବଳିତ କରି ପାପ କରାଉଥିବା ଲୋଭକୁ ଚିହ୍ନି ପାରେନାହିଁ। ବରଂ ଲୋଭ ଦ୍ୱାରା ନିଜେ ପରିଚାଳିତ ହୁଏ ଓ ପାପ କରେ। ଆମେ ଯଦି ଆମ ଭିତରେ ଲୁଚିଥିବା ଶତ୍ରୁକୁ ପରାସ୍ତ କରି ନପାରିବା, ତେବେ ସବୁ କ୍ଷେତ୍ରରେ ହାରିବା ସ୍ୱୀକାର କରିବାକୁ ପଡ଼ିବ।

ନିଜ ଭିତର ଲୋଭକୁ ଚିହ୍ନି ପାରିଲେ ଓ ନିଜକୁ ନିୟନ୍ତ୍ରଣ ରଖିପାରିଲେ ଆମ ଦ୍ୱାରା କେବେ ପାପ ହେବ ନାହିଁ। ମଣିଷ ସେତେବେଳେ ପାପ କରେ, ଯେତେବେଳେ ତାର ଗୁଡ଼ାଏ ଆଶା, ଅଭିଳାଷ,ଇଚ୍ଛା,କାମନା, ବାସନା, ଅର୍ଥ, ଯଶ କୀର୍ତ୍ତି ଅପୂର୍ଣ୍ଣ ଥାଏ ଓ ତାକୁ ପରିପୂର୍ଣ୍ଣ କରିବାର ଲୋଭ ତାକୁ ପାପ କରାଏ। ଯଦି ଲୋଭ କେବଳ ଈଶ୍ୱର ହୁଅନ୍ତି, ଇଚ୍ଛା କେବଳ ଈଶ୍ୱରୀୟ ଅନୁକମ୍ପା ହୁଏ,କାମନା କେବଳ ପ୍ରଭୁଙ୍କ ଆଶୀର୍ବାଦ ଓ ବାସନା ପରମାତ୍ମା ସହ ବିଲୀନ ହେବା, ଖ୍ୟାତି କେବଳ ପ୍ରଭୁଙ୍କ ଶରଣ, ଯଶ ପରୋପକାର ବୋଲି ନିଜକୁ ବୁଝାଇ କର୍ମ କରିବା ତେବେ ଆମ ଦ୍ୱାରା କେବେ ପାପ ହେବ ନାହିଁ। ସଂଜମତାର ଅସ୍ତ୍ର ଲୋଭ ରୂପକ ରାକ୍ଷସକୁ ସହଜେ ପରାସ୍ତ କରିପାରିବ। ଜୀବନକୁ ପଢ଼ିବା, ଶୁଣିବା ଓ ବୁଝିବା ଭିତରେ ବହୁତ ଫରକ ଅଛି। ଜୀବନର ପ୍ରତି ମୁହୂର୍ତ୍ତକୁ ବୁଝିବାର ଅଛି ଯେ କାହିଁକି ହିଂସା, ଅସୂୟା ମନୋଭାବ, ଅପରାଧିକ କର୍ମ ବଢ଼ି ଚାଲୁଛି ? ଏ ଦିଗରେ କୋଉଠି ନା କୋଉଠି ଆମର ଲୋଭ ଦାୟୀ ନୁହେଁ ତ ?

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଶରୀରର ହାଡ଼କୁ ମଜବୁତ କରିବ ଏହି ୩ଟି ଡ୍ରାଇ ଫ୍ରୁଟ୍

ଜଣେ ଯଦି ଆପଣଙ୍କୁ ପଚାରେ- ଭାଇ ! କେମିତି ଅଛୁ... ? ଆପଣ ହଁ ଭଲ ଅଛି ବୋଲି ଲମ୍ଭେଇକି କୁହନ୍ତି... ଖୁସି କେବେ କେବେ ଉତ୍ସାହିତ ହୋଇ କୁହନ୍ତି ତ ପୁଣି କେତେବେଳେ ଉଦାସ ହୋଇ କୁହନ୍ତି । ମାତ୍ର ମଣିଷ ସେତେବେଳେ ଭଲ ଅଛି ବୋଲି ଭଲରେ କୁହେ ଯେତେବେଳେ ତା ଦେହ ଭଲ ଥାଏ, ସିଏ ସୁସ୍ଥ ରୁହେ... ଶରୀର ଠିକ୍ ଥିଲେ ସବୁକିଛି ଠିକ୍ ଥାଏ ।

ତେବେ କେବେକେବେ ଆମ ଶରୀରରେ ମାନ୍ଦାପଣ ମାଡିବସେ, ଗୋଡ ହାତ ଝିମାପଣ ଘାରେ, ହାଡ ଦୁର୍ବଳ ହେବା ପରି ଲାଗେ, ଉଠିଲେ ବସିଲେ ହାଡ ଶବ୍ଦ କରେ ତେବେ ଯଦି ଆପଣ ଏସବୁ ସମସ୍ୟାର ସମ୍ମୁଖୀନ ତେବେ ଏହି ୩ଟି ଡ୍ରାଇ ଫ୍ରୁଟ୍ ଖାଆନ୍ତୁ, ଦେଖିବେ ଦେହରେ ଚମତ୍କାରିତା ଦେଖାଦେବ।



ଶରୀରରେ ଭିଟାମିନ ବି-୧୨ କମିଲେ ଆନିମିଆ ଭଳି ସମସ୍ୟା ଦେଖାଦିଏ । ଦୃଷ୍ଟିଶକ୍ତି କମ୍ ହୁଏ, ପାଚନକ୍ରିୟାରେ ସମସ୍ୟା ହୁଏ, ଗୋଡ-ହାତ ଝିମଝିମ ପଡିବା ଭଳି ସମସ୍ୟା ଦେଖାଦିଏ । ଆଉ ଯଦି ଆପଣ ଜଣେ ସାକାହାରୀ ପ୍ରାଣୀ ତେବେ ଡାଏଟରେ ୩ ପ୍ରକାର ଡ୍ରାଇ ଫ୍ରୁଟ୍ ସାମିଲ କରନ୍ତୁ।

ଶରୀରରେ ଭିଟାମିନ ବି-୧୨ ବଢାଇବା ପାଇଁ ପିସ୍ତା ବହୁତ ଭଲ କାମ କରେ । ଶରୀରରେ ଶକ୍ତି ଏବଂ ଲାଲ୍ ରକ୍ତ କଣିକା ବଢାଇବାର ଏକ ଭଲ ଉତ୍ସ ।

ଖଜୁରୀ ଶରୀର ପାଇଁ ବହୁତ ଭଲ ହୋଇଥାଏ । ଯଦି ଆପଣ ପ୍ରତିଦିନ ଖଜୁରୀ ଖାଇବା ଆରମ୍ଭ କରୁଛନ୍ତି ତେବେ ଭିଟାମିନ୍ ବି-୧୨ର ଅଭାବକୁ ଦୂର କରିବା ପାଇଁ ଶକ୍ତି ମିଳିବ । ଅଞ୍ଜିରରେ ଫାଇବର, ଆଇରନ, କ୍ୟାଲସିୟମ ଏବଂ ଆଣ୍ଟିଅକ୍ସିଡେଣ୍ଟସ ସହ ଭିଟାମିନ ବି-୧୨ର ମାତ୍ରା ମଧ ଥାଏ ।

# ମାଇଗ୍ରେନ ପାଇଁ ମହୌଷଧି ଗରମ ଗରମ ଜିଲାପି: ବାବା ରାମଦେବ ଶିଖାଇଲେ ଖାଇବାର ଉପାୟ



ଆପଣ ମାଇଗ୍ରେନର ଶିକାର ହୋଇଛନ୍ତି କି ? ମାଇଗ୍ରେନ ପାଇଁ ଆପଣ ଚିନ୍ତିତ ଅଛନ୍ତି କି ? ତାହାଲେ ଆପଣଙ୍କ ପାଇଁ ଏକ ସରଳ ସୂତ୍ର ବତେଇଛନ୍ତି ଯୋଗଗୁରୁ ବାବା ରାମଦେବ । ଯାହା ଦ୍ୱାରା ଆପଣ ମାଇଗ୍ରେନରୁ ମୁକ୍ତି ପାଇ ପାରିବେ । ମାଇଗ୍ରେନ ଏମିତି ଏକ ରୋଗ ଯାହା ଆପଣଙ୍କୁ ଦୁର୍ବଳ କରିଦେବ । ମୁଣ୍ଡବିନ୍ଧା ଏମିତି ହେବ ଯେ ସବୁକିଛି ଆପଣଙ୍କୁ ବିରକ୍ତି ଲାଗିବ । ସାଧାରଣତ ମାଇଗ୍ରେନ କେବେ କେବେ ଏକ ପାଖିଆ (ଅଧ କପାଳି) ହୁଏ ତ କେବେ ପୁଣି ଦୁଇ ପାଖିଆ ହୁଏ । ମାଇଗ୍ରେନ ପାଇଁ ଘଣ୍ଟା ଘଣ୍ଟା କିମ୍ବା କିଛି ଦିନ ଯାଏଁ ମୁଣ୍ଡବ୍ୟଥା ଲାଗିରହେ । ମାଇଗ୍ରେନର ଶିକାର ହେବା ପରେ ମଣିଷକୁ ଆଲୁଅ, ଉଚ୍ଚ ସ୍ୱର, ମାଇକ୍, ବଡ ପାଟିରେ କଥାବାର୍ତ୍ତା ଆଦି ଚିଡା ଲାଗେ । ମାଇଗ୍ରେନ କାରଣରୁ କେତେକ କ୍ଷେତ୍ରରେ ବାନ୍ତି ମଧ ହୋଇଯାଏ । ତେବେ ଏହି ମାଇଗ୍ରେନ ଭଳି ବଡ ସମସ୍ୟାରୁ ମୁକ୍ତି ପାଇବାକୁ ଉପାୟ କହିଛନ୍ତି ଯୋଗଗୁରୁ ବାବା ରାମଦେବ । ଇନଷ୍ଟାଗ୍ରାମରେ ଏକ ଭିଡିଓ ଛାଡି ମାଇଗ୍ରେନରୁ ମୁକ୍ତି ପାଇବାର କୌଶଳ ଶିଖାଇଛନ୍ତି ରାମଦେବ ।ତେବେ ଗରମ ଗରମ ଜିଲାପି ମାଇଗ୍ରେନରୁ ମୁକ୍ତି ଦେବ ବୋଲି ରାମଦେବ କହିଛନ୍ତି, ଭିଡିଓ ବାବା ଜିଲାପି ଛାଣୁ ଛାଣୁ କହିଛନ୍ତି- ଦେଶୀ ଗାଈ ଘିଅର ଜିଲାପି ଖାଆନ୍ତୁ, ମାଇଗ୍ରେନରୁ ମୁକ୍ତି ପାଆନ୍ତୁ । କେବଳ ମଇଦାରେ ଜିପାଲି କରିବାକୁ ବାରଣ କରିଛନ୍ତି ବାବା । କହିଛନ୍ତି, ମଇଦା ସହ କିଛି ବେସନ ଏବଂ ପନିର ମିଶାଇ ଜିଲାପି ପ୍ରସ୍ତୁତ କରନ୍ତୁ ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଔଷଧ ଭଳି କାମ ଦେବ । ଗରମ ଗରମ ଜିଲାପି କ୍ଷୀରରେ ବୁଡାଇ କିମ୍ବା ଦହି ସହିତ ଖାଇଲେ ମୁଣ୍ଡବ୍ୟଥା ଦୂର ହୁଏ। ମାଇଗ୍ରେନ ପାଇଁ ଏବଂ ଶରୀରର ଶକ୍ତି ପାଇଁ ବି ଏହା ମହୋଷଧି ବୋଲି ବାବା କହିଛନ୍ତି । ଗାଈ କ୍ଷୀର କିମ୍ବା ଘିଅରେ ତିଆରି ଜିଲାପି ଖାଇବା ଦ୍ୱାରା ମସ୍ତିଷ୍କ ଏବଂ ଶରୀରକୁ ପୋଷଣ ମିଳେ । ତେବେ ଆୟୁର୍ବେଦିକ ଡାକ୍ତରଙ୍କ କହିବା ଅନୁସାରେ ରାବିଡି ଜିଲାପି ଖାଇବା ଦ୍ୱାରା ଅଧକପାଳି ମଧ ଦୂରହୁଏ। ସବୁପରେ ବି ମାଇଗ୍ରେନରୁ ମୁକ୍ତି ପାଇବା ପାଇଁ ଏସବୁ ପ୍ରଣାଳୀ ଆପଣାଇବା ପୂର୍ବରୁ ଆଉ ଥରେ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ଅନୁରୋଧ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁନଶ୍ଚ ମିତ୍ରତା

ଗୋଟିଏ ଇତିହାସ ; ଗୋଟିଏ ଭୂଗୋଳ ବାଣ୍ଟି ହୋଇ ରହିଛି ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ । ଦୁଇ ଦେଶର ସଂସ୍କୃତି ଓ ଅର୍ଥନୀତି ମଧ୍ୟ ପରସ୍ପର ସହିତ ଓତଃପ୍ରୋତ ଭାବରେ ସଂଯୁକ୍ତ । ମଝିରେ ଅଳ୍ପ କିଛି ସମୟ ପାଇଁ ଉଭୟଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଥିଲେ ସୁଦ୍ଧା ଏବେ ସେମାନେ ପୁଣିଥରେ ସୁସମ୍ପର୍କ ଉପଭୋଗ କରୁଛନ୍ତି। ୨୦୧୯ ପରେ ନିକଟରେ ଗତ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ଥର ପାଇଁ ଶ୍ରୀଲଙ୍କା ଗସ୍ତରେ ଯାଇଥିଲେ। ଇତି ମଧ୍ୟରେ କଲମ୍ବୋରେ ପ୍ରତିଷ୍ଠିତ ନୂଆ ଜନତା ବିମୁକ୍ତି ପେରାମୁନା (ଜେଭିପି)-ନେତୃତ୍ୱାଧୀନ ନ୍ୟାସନାଲ ପିପଲ'ସ୍ ପାୱାର (ଏନ୍‌ପିପି) ସରକାର ନୂଆଦିଲ୍ଲୀ ସହିତ ସମ୍ପର୍କକୁ ଉନ୍ନତ କରିବା ନିମନ୍ତେ ଗମ୍ଭୀର ହୋଇଥିବାରୁ ଏହା ଶ୍ରୀଯୁକ୍ତ ମୋଦୀଙ୍କୁ ଉଚ୍ଛସିତ ସ୍ୱାଗତ ସମର୍ଥନା ପ୍ରଦାନ କରିଥିଲା, ଯାହା ବିଦେଶୀ ନେତାମାନଙ୍କୁ ଏହି ଦେଶ ପ୍ରଦାନ କରୁଥିବା ସର୍ବୋଚ୍ଚ ବେସାମରିକ ସମ୍ମାନ ଶ୍ରୀଯୁକ୍ତ ମୋଦୀଙ୍କୁ ଅର୍ପଣ କରିବାରୁ ପ୍ରମାଣିତ। ଶ୍ରୀଲଙ୍କାର ରାଷ୍ଟ୍ରପତି ମଧ୍ୟ ଭାରତର ସୁରକ୍ଷାକୁ ବିପଦରେ ପକାଇବା ଭଳି ତାଙ୍କ ଦେଶ କୌଣସି କାମ ନ କରିବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । କେବଳ ଏତିକି ନୁହେଁ, ଶ୍ରୀଯୁକ୍ତ ମୋଦୀଙ୍କ ଗସ୍ତ କାଳରେ ଦ୍ୱିପାକ୍ଷିକ ସମ୍ପର୍କକୁ ବୃଦ୍ଧି କରିବା ନିମନ୍ତେ ଦୁଇ ପକ୍ଷଙ୍କ ମଧ୍ୟରେ ଅନେକଗୁଡ଼ିଏ ଚୁକ୍ତି ସ୍ୱାକ୍ଷରିତ ହୋଇଛି, ବିଶେଷକରି ପ୍ରତିରକ୍ଷା ଏବଂ ଶକ୍ତି ଉଦ୍ୟୋଗ କ୍ଷେତ୍ରରେ । ଏକଥା ମଧ୍ୟ ଶ୍ରୀଯୁକ୍ତ ମୋଦୀଙ୍କ ଗସ୍ତ ପୂର୍ବରୁ ସ୍ପଷ୍ଟ ହୋଇଥିଲା, ଯେହେତୁ ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବରେ ନିର୍ବାଚିତ ହେବା ପରେ ଅନୁରା ଦିଶାନାୟକେ ତାଙ୍କର ପ୍ରଥମ ଗ୍ରନ୍ଥରେ ନୂଆଦିଲ୍ଲୀ ଆସିଥିଲେ। ଏବଂ ଶ୍ରୀଲଙ୍କାର ରାଷ୍ଟ୍ରପତି ବେଜିଂ ଗସ୍ତ କରିବା ପରେ ମୋଦୀଙ୍କ କଲମ୍ବୋ ପହଞ୍ଚି ହୁଏତ ଶ୍ରୀଲଙ୍କାକୁ ଦୁଇ ଶକ୍ତିଙ୍କ ସହିତ ଭାରସାମ୍ୟ ରକ୍ଷା କରି ଖଳିବା ନିମନ୍ତେ ପାରମ୍ପରିକ ଅଭିମୁଖ୍ୟ ଆପଣାଇବାକୁ ପ୍ରୋତ୍ସାହିତ କରିଥାଇ ପାରେ। ମୋଦୀଙ୍କ ଗସ୍ତ ଶ୍ରୀଲଙ୍କା ପାଇଁ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ହୋଇଛି, ଯାହାକି ଏବେ ସୁଦ୍ଧା ଏହାର ୨୦୨୨ର ଅର୍ଥନୀତିକ ସଂକଟଜନିତ ଆଘାତ ସହିତ ଯୁଝୁଛି । ଆଞ୍ଚଳିକ ଭାତୃଭାବର ଏକ ଦୃଢ଼ ବାର୍ତ୍ତା ଭାବରେ ଭାରତ ଶ୍ରୀଲଙ୍କାର ପୂର୍ବରେ ଅବସ୍ଥିତ ପ୍ରଦେଶଗୁଡ଼ିକରେ ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଏଲ୍‌କେଆର୍ ୨.୪ ବିଲିଅନ୍ ମୂଲ୍ୟର ନୂଆ ସହାୟତା ମଞ୍ଜୁର କରିବାକୁ ଘୋଷଣା କରିଛି । ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କାର ଆର୍ଥିକ ପୁନରୁଦ୍ଧାର ନିମନ୍ତେ ସହାୟତା ପ୍ରଦାନ ଜାରି ରଖିବା ପାଇଁ ମଧ୍ୟ ଦୃଢ଼ ପ୍ରତିଶୃତି ଦେଇଛନ୍ତି । ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେଙ୍କ ସହିତ ଏକ ମିଳିତ ବିବୃତିରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ୧୦୦ ମିଲିଅନ୍ ଡଲାର ମୂଲ୍ୟର ଋଣକୁ ଭାରତ ଅନୁଦାନରେ ପରିଣତ କରିଛି ଏବଂ ଭାରତ-ଶ୍ରୀଲଙ୍କା ଦ୍ୱିପାକ୍ଷିକ ଋଣ-ପୁନର୍ଗଠନ ରାଜିନାମା ଶ୍ରୀଲଙ୍କର ଲୋକମାନଙ୍କୁ ଆଶ୍ୱାସନା ଓ ତତ୍କାଳ ସହାୟତା ପ୍ରଦାନ କରିବ । ଏହି ଗସ୍ତର ଏକ ସର୍ବାଧିକ ଉଲ୍ଲେଖନୀୟ ପରିଣତି ହେଉଛି ଦୁଇ ଦେଶଙ୍କ ଭିତରେ ହୋଇଥିବା ବ୍ୟାପକ ପ୍ରତିରକ୍ଷା ସହଯୋଗ । ଏହି ଯୁଗାନ୍ତକାରୀ କାରବାର ବର୍ଦ୍ଧିତ ସମରିକ ସହଯୋଗକୁ ପରିଲକ୍ଷିତ କରିବ, ଯେଉଁଥରେ ଅନ୍ତର୍ଭୁକ୍ତ ହେବ ପରିବର୍ଦ୍ଧିତ ସାମରିକ ସହଯୋଗ, ସଂଗଠିତ ଜ୍ଞାନ ବିନିମୟ କାର୍ଯ୍ୟକ୍ରମ, ତ୍ରିସେବା ପ୍ରଶିକ୍ଷଣ, ଉଚ୍ଚସ୍ତରୀୟ ବାର୍ତ୍ତାଳାପ ଏବଂ ପ୍ରତିରକ୍ଷା ଜ୍ଞାନକୌଶଳରେ ମିଳିତ ଗବେଷଣା । ଭାରତ ବର୍ତ୍ତମାନ ମଧ୍ୟ ବର୍ଷକୁ ହାରାହାରି ୭୫୦ ଶ୍ରୀଲଙ୍କା ସାମରିକ ବାହିନୀର କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛି ଏବଂ ଉଭୟ ଦେଶ ଲଗାତର ଭାବରେ ନିୟମିତ ବ୍ୟବଧାନରେ ମିଳିତ ସମରାଭ୍ୟାସ କରି ଚାଲିଛନ୍ତି । ନୂଆ ରାଜିନାମା କେବଳ ଯାହା ଏହି ଦୀର୍ଘକାଳୀନ ସହଯୋଗକୁ ଆନୁଷ୍ଠାନିକ ରୂପ ପ୍ରଦାନ କରିଛି । ଏହା ଭାରତ ମହାସାଗର ଅଞ୍ଚଳରେ ଏକ କୌଶଳପୂର୍ଣ୍ଣ ପୁନଃମିଶ୍ରଣର ଏକ ସଂକେତ ମଧ୍ୟ ପ୍ରଦାନ କରୁଛି। ୧୯୮୦ ଦଶକର ବିଳମ୍ବିତ ଭାଗରେ ଭାରତୀୟ ଶାନ୍ତି ରକ୍ଷା ବାହିନୀ (ଆଇପିକେଏଫ୍)ର ଶ୍ରୀଲଙ୍କାରେ କାର୍ଯ୍ୟାନୁଷ୍ଠାନ ଐତିହାସିକ ପରିପ୍ରେକ୍ଷୀରେ ଅବଲୋକନ କରାଗଲେ ଏହି ରାଜିନାମା ଆଗକୁ ଆଗେଇବା ନିମନ୍ତେ ଏକ ପାରସ୍ପରିକ ଆଗ୍ରହ ଏବଂ ସହଯୋଗ ଜରିଆରେ ଭରସା ସ୍ଥାପନକୁ ପ୍ରତିଫଳିତ କରେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ରାଜିନାମା ସ୍ୱାକ୍ଷରର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟଟି ହେଉଛି ଭାରତ ଏବଂ ଶ୍ରୀଲଙ୍କାର ବିଦ୍ୟୁତ୍ ଗ୍ରୀଡଗୁଡ଼ିକର ସଂଯୋଗ କରିବା। ଏହା ଦୁଇ ଦେଶ ମଧ୍ୟ ଶକ୍ତି ବ୍ୟବସାୟକୁ ସକ୍ଷମ କରାଇବ। ଫଳରେ ଏହା ସମ୍ପୃକ୍ତ ଅଞ୍ଚଳରେ ଶକ୍ତି ସୁରକ୍ଷା ଏବଂ ଏକୀକରଣ କ୍ଷେତ୍ରରେ ଏକ ପଟ ପରିବର୍ତ୍ତନକାରୀ ସାବ୍ୟସ୍ତ ହେବ । ପୁନଶ୍ଚ, ଭାରତ, ଶ୍ରୀଲଙ୍କା ଏବଂ ସଂଯୁକ୍ତ ଆରବ ଏମିରେଟ୍ ମଧ୍ୟରେ ଏକ କୌଶଳପୂର୍ଣ୍ଣ ରାଜିନାମା ସ୍ୱାକ୍ଷରିତ ହୋଇଥିଲା, ଯାହା ତ୍ରିପାକ୍ଷିକ ସହଯୋଗକୁ ଦୃଢ଼ୀଭୂତ କରିବା ନିମନ୍ତେ ତ୍ରିଙ୍କୋମାଲିକୁ ଏକ ଆଞ୍ଚଳିକ ଶକ୍ତି କେନ୍ଦ୍ରରେ ପରିଣତ କରିବ । ଏହି ପଦକ୍ଷେପ ଭାରତର 'ମହାସାଗର' ଦୃଷ୍ଟିକୋଣ ସହିତ ମେଳ ଖାଇଥାଏ ଯାହା ଭାରତ ମହାସାଗରକୁ ଲାଗି ରହିଥିବା ସମସ୍ତ ଦେଶମାନଙ୍କ ମଧ୍ୟରେ ଶାନ୍ତି, ସୁରକ୍ଷା ଏବଂ ଭାଗିଦାରୀକୁ ସୁନିଶ୍ଚିତ କରିବା ନିମନ୍ତେ ଉଦ୍ଦିଷ୍ଟ । ଏକଥା ଉଲ୍ଲେଖନୀୟ ଯେ ଦିଶା ନାୟକେଙ୍କ ସପକ୍ଷରେ ଶ୍ରୀଲଙ୍କାରେ ରହୁଥିବା ତାମିଲମାନେ ପର୍ଯ୍ୟାପ୍ତ ସଂଖ୍ୟାରେ ଭୋଟ୍ ଦେଇଥିଲେ ଶାସନ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ । ତେବେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଦେଶ ମନ୍ତ୍ରୀ ଜୟଶଙ୍କର ଯାହା ଏଯାବତ୍ ହାସଲ କରିବାରେ ସଫଳ ହୋଇ ନାହାନ୍ତି, ତାହା ହେଉଛି ଗଭୀର ସମୁଦ୍ରରେ ମାଛ ମାରିବା ପାଇଁ ତାମିଲନାଡୁର ମତ୍ସ୍ୟଜୀବୀମାନଙ୍କ ନିମନ୍ତେ ଏକ ଦ୍ୱିପାକ୍ଷିକ ବ୍ୟବସ୍ଥା ଯାହା ଚିରସ୍ଥାୟୀ ସମାଧାନ ଭାବରେ କାର୍ଯ୍ୟ କରିବ । ସେ ଯାହାହେଉ, ଆଗାମୀ ସମୟରେ ଭାରତ ସରକାର ଏଥି ପ୍ରତି ଅବଶ୍ୟ କିଛି ପଦକ୍ଷେପ ନେବାର ଆଶା କରାଯାଏ ।

# ସହରୀ ଗଛମାନଙ୍କର ଭାବନାତ୍ମକ ଜୀବନ



### ବରେଣ୍ୟ ଦାସ



ସହରର କୋଳାହଳମୟ ଜୀବନରେ ଗଛମାନେ ନିରବରେ ଠିଆ ହୋଇଛନ୍ତି। ସେମାନେ ଆମ ପାଇଁ ଛାୟା ଦିଅନ୍ତି, ଅମ୍ଳଜାନ ଯୋଗାନ୍ତି ଓ ପ୍ରଦୂଷଣର ବିରୁଦ୍ଧରେ ଏକ ଅଦୃଶ୍ୟ ସଂଗ୍ରାମ ଚଳାଇଥାନ୍ତି। କିନ୍ତୁ ଏହି ସହରୀ ଗଛମାନଙ୍କର ଜୀବନ କେବଳ ଜୈବିକ କାର୍ଯ୍ୟରେ ସୀମିତ ନୁହେଁ; ନୂତନ ବୈଜ୍ଞାନିକ ଗବେଷଣା ସୂଚାଇଦିଏ ଯେ ସେମାନଙ୍କର ଏକ ଭାବନାତ୍ମକ ଅସ୍ତିତ୍ୱ ରହିପାରେ, ଯାହା ପ୍ରଦୂଷଣ, ଶବ୍ଦ ଓ ମାନବୀୟ ହସ୍ତକ୍ଷେପ ଦ୍ୱାରା ପ୍ରଭାବିତ ହୋଇଥାଏ।

ବୈଜ୍ଞାନିକମାନେ ଦୀର୍ଘ ଦିନ ଧରି ଗଛମାନଙ୍କୁ ଭାବନାତ୍ମକଭାବେ ନିଷ୍କ୍ରିୟ ଜୀବ ଭାବେ ଗଣି ଆସିଛନ୍ତି। କିନ୍ତୁ ୨୦୨୩ରେ ଜର୍ମାନୀର ହାଇନରିଖ ହାଇନ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନ ପ୍ରମାଣ କଲା ଯେ ଗଛମାନେ ସେମାନଙ୍କ ପରିବେଶରୁ ସଂକେତ ଗ୍ରହଣ କରି ପ୍ରତିକ୍ରିୟା ପ୍ରକାଶ କରନ୍ତି। ସହରୀ ଗଛମାନେ ଯାନବାହନର କାର୍ବନ ମନୋକ୍ସାଇଡ୍ ଓ ନାଇଟ୍ରୋଜେନ ଅକ୍ସାଇଡ୍‌ର ଉଚ୍ଚ ସ୍ତରରେ ଅଭିଯୋଜନ କରିଥାନ୍ତି, କିନ୍ତୁ ଏହା ସେମାନଙ୍କ ଅଭ୍ୟନ୍ତରୀଣ ପ୍ରକ୍ରିୟାରେ 'ଚାପ' ସୃଷ୍ଟି କରେ। ଏକ ରିପୋର୍ଟ ଅନୁସାରେ, ଭାରତର ସହରମାନଙ୍କରେ ବାୟୁ ପ୍ରଦୂଷଣ ସ୍ତର (AQI) ପ୍ରାୟତଃ ୧୫୦-୨୦୦ ମଧ୍ୟରେ ରହୁଛି, ଯାହା ଗଛମାନଙ୍କର ପ୍ରାକୃତିକ ବୃଦ୍ଧିକୁ ୩୦% ପର୍ଯ୍ୟନ୍ତ ହ୍ରାସ କରେ। ଏହି 'ଚାପ' କେବଳ ଶାରୀରିକ ନୁହେଁ; ଗଛମାନେ ରାସାୟନିକ ସଂକେତ ମାଧ୍ୟମରେ ପରସ୍ପର ସହ ଯୋଗାଯୋଗ କରି ଏହି ପରିସ୍ଥିତିର ମୁକାବିଲା କରନ୍ତି, ଯାହା ଏକ ପ୍ରାରମ୍ଭିକ ଭାବନାତ୍ମକ ପ୍ରତିକ୍ରିୟାକୁ ସୂଚାଇଥାଏ।

ସହରୀ ଶବ୍ଦ ପ୍ରଦୂଷଣ ମଧ୍ୟ ଗଛମାନଙ୍କୁ ପ୍ରଭାବିତ କରେ। ୨୦୧୮ରେ ଫ୍ରଣ୍ଟିୟର୍ସ ଜର୍ନାଲରେ ପ୍ରକାଶିତ ଏକ ଗବେଷଣା ସୂଚାଇଛି ଯେ ଉଚ୍ଚ ତରଙ୍ଗ ଶବ୍ଦ (ଯେପରି ଟ୍ରାଫିକ ଶବ୍ଦ) ଗଛମାନଙ୍କର ପ୍ରକାଶ ସଂଶ୍ଲେଷଣ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ, ଯାହା କ୍ଲୋରୋଫିଲ୍ ଉତ୍ପାଦନରେ ପରୋକ୍ଷ ହ୍ରାସ ଘଟାଇଥାଏ। ବଡ଼ବଡ଼ ସହରରେ, ଯେଉଁଠାରେ ଟ୍ରାଫିକ ଶବ୍ଦ ପ୍ରାୟତଃ ୭୦-୯୦ ଡେସିବେଲ୍ ପର୍ଯ୍ୟନ୍ତ ପହଞ୍ଚେ, ଗଛମାନେ ଏକ ଅଦୃଶ୍ୟ ସଂଘର୍ଷରେ ଲିପ୍ତ। ଏହା ସେମାନଙ୍କ ମୂଳ ମାଧ୍ୟମରେ ପୋଷଣ ଗ୍ରହଣ ଓ ବାୟୁ ଶୁଦ୍ଧିକରଣ କ୍ଷମତାକୁ ଦୁର୍ବଳ କରେ। ଏହି ପରିସ୍ଥିତିରେ ଗଛମାନେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ଯେଉଁ ଅଭିଯୋଜନ କରନ୍ତି, ତାହା ମାନବ ମସ୍ତିଷ୍କରେ ଚାପ ସମୟରେ ହେଉଥିବା ପ୍ରତିକ୍ରିୟା ସହ ସାମଞ୍ଜସ୍ୟ ରଖେ।

ସହରୀ ଗଛମାନେ ମାନବ କାର୍ଯ୍ୟକଳାପରୁ ମଧ୍ୟ ମୁକ୍ତ ନୁହଁନ୍ତି। ରାସ୍ତା ନିର୍ମାଣ, ଅତ୍ୟଧିକ ଛାଟଣି ଓ ମାଟି ସଙ୍କୋଚନ ସେମାନଙ୍କ ଜୀବନଚକ୍ରକୁ ବ୍ୟାହତ କରେ। ଭାରତୀୟ ସହରୀ ବନଜ ସର୍ବେକ୍ଷଣ ୨୦୨୧ ଅନୁସାରେ, ଦେଶର ୫୦%ରୁ ଅଧିକ ସହରୀ ଗଛ ଅସ୍ୱାଭାବିକ ବୃଦ୍ଧି ବା ଅକାଳ ମୃତ୍ୟୁର ଶିକାର ହେଉଛନ୍ତି। ଏହା ଏକ ନୀରବ ସଙ୍କଟ, ଯାହା ଆମେ ଅଣଦେଖା କରୁଛୁ। ଗଛମାନଙ୍କର ଏହି 'ଭାବନାତ୍ମକ' ଅବସ୍ଥା ସେମାନଙ୍କ ସାମାଜିକ ଭୂମିକା—ଯେପରି ପକ୍ଷୀଙ୍କ ଆଶ୍ରୟ ଓ ମାନବ ସମ୍ପର୍କକୁ ମଧ୍ୟ ପ୍ରଭାବିତ କରେ।

ସହରୀ ଗଛମାନେ କେବଳ ଏକାକୀ ଜୀବ ନୁହଁନ୍ତି; ସେମାନେ ଏକ ଜଟିଳ ସାମାଜିକ ଜାଲର ଅଂଶ। ୨୦୨୨ରେ ଏନଭାୟରନମେଣ୍ଟାଲ ମାଇକ୍ରୋବାୟୋମ ଜର୍ନାଲରେ ପ୍ରକାଶିତ ଏକ ଗବେଷଣା ପ୍ରକାଶ କରିଛି ଯେ ଗଛମାନେ ମାଟିର ମାଇକୋରାଇଜାଲ ଫଙ୍ଗସ୍ ମାଧ୍ୟମରେ ପରସ୍ପର ସହ ପୋଷଣ ଓ ସୂଚନା ଆଦାନପ୍ରଦାନ କରନ୍ତି, ଯାହାକୁ ବୈଜ୍ଞାନିକମାନେ 'ଉଡ୍ ୱାଇଡ୍ ୱେବ୍' ବୋଲି ଅଭିହିତ କରିଛନ୍ତି। କିନ୍ତୁ ସହରୀ ପରିବେଶରେ କଂକ୍ରିଟ୍ ଓ ମାଟି ଦୂଷଣ ଏହି ସଂନାଦକୁ ବ୍ୟାହତ କରେ। ଉଦାହରଣସ୍ୱରୂପ, କଟକ ଓ ଭୁବନେଶ୍ୱରର ରାସ୍ତାଘେରା ଗଛମାନଙ୍କ ମୂଳ ସହରୀ ମାଟି ସଙ୍କୋଚନ ଓ ଭିତ୍ତିଭୂମି ଯୋଗୁଁ ଅଗଭୀର ସ୍ତରରେ ସୀମିତ, ଯାହା ସେମାନଙ୍କ ମାଇକୋରାଇଜାଲ ସଂଯୋଗ ଓ ସାମାଜିକ ଯୋଗାଯୋଗକୁ ପ୍ରଭାବିତ କରିଥାଏ ବୋଲି ବୈଜ୍ଞାନିକ ଅଧ୍ୟୟନ ସୂଚାଇଛି। ଏହି ନୀରବ ବିଚ୍ଛେଦ ଗଛମାନଙ୍କ ମଧ୍ୟରେ ଏକ ଅଦୃଶ୍ୟ ଏକାକୀତ୍ୱ ସୃଷ୍ଟି କରେ, ଯାହା ଆମେ ମାନବ ସମାଜରେ ସାମାଜିକ ବିଚ୍ଛିନ୍ନତା ସହ ତୁଳନା କରିପାରୁ।

ଜଳବାୟୁ ପରିବର୍ତ୍ତନ ସହରୀ ଗଛମାନଙ୍କ ପାଇଁ ଆଉ ଏକ ଅଜଣା ସଙ୍କଟ। ଓଡ଼ିଶାରେ ୨୦୨୪ ଗ୍ରୀଷ୍ମରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିଲା, ଯାହା ସହରୀ ଗଛମାନଙ୍କର ପାଣି ଶୋଷଣ କ୍ଷମତାକୁ ୨୫% ହ୍ରାସ କରିଥିଲା ବୋଲି ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଦର୍ଶାଏ। ଏହି ଅସହଜ ପରିସ୍ଥିତିରେ ଗଛମାନେ ନିଜର ପତ୍ର ଝଡ଼ାଇ କିମ୍ବା ଅଙ୍କୁରଣ ସ୍ଥଗିତ ରଖି ଏକ ପ୍ରକାର ଆତ୍ମରକ୍ଷା ପନ୍ଥା ଗ୍ରହଣ କରନ୍ତି। ଏହା ମାନବ ଶରୀରରେ ଅତ୍ୟଧିକ ଗରମ ସମୟରେ ଶକ୍ତି ସଞ୍ଚୟ ପାଇଁ କାର୍ଯ୍ୟକଳାପ ହ୍ରାସ କରିବା ସହ ସମାନ। ଏହି ପ୍ରତିକ୍ରିୟା ଗଛମାନଙ୍କର ଏକ ସଂଜ୍ଞାନିକ ସଚେତନତାକୁ ସୂଚାଇଥାଏ, ଯାହା ସେମାନଙ୍କ ଭାବନାତ୍ମକ ଅବସ୍ଥାର ଏକ ପ୍ରତିଫଳନ। ଏହା ସହରୀ ବାସିନ୍ଦାଙ୍କ ପାଇଁ ମଧ୍ୟ ଏକ ସଙ୍କେତ ଯେ ଆମେ ଯେଉଁ ପରିବେଶ ସୃଷ୍ଟି କରୁଛୁ, ତାହା ଆମ ସହଜୀବୀମାନଙ୍କୁ କିପରି ପ୍ରଭାବିତ କରୁଛି।

ଏହି ତଥ୍ୟଗୁଡ଼ିକ ଆମକୁ ସହରୀ ଗଛମାନଙ୍କ ପ୍ରତି ନୂତନ ଦାୟିତ୍ୱବୋଧ ଆଣିଦିଏ। ସହରୀ ଗଛମାନଙ୍କର ଭାବନାତ୍ମକ ଜୀବନକୁ ସମ୍ମାନ ଦେବା କେବଳ ଏକ ବୈଜ୍ଞାନିକ ଆଲୋଚନା ନୁହେଁ, ବରଂ ଏକ ନୈତିକ ଓ ସାମାଜିକ ଦାୟିତ୍ୱ। ଏହାର ପ୍ରଥମ ପଦକ୍ଷେପ ହେଉଛି ସହର ନିର୍ମାଣରେ ସବୁଜ ଅଞ୍ଚଳର ପ୍ରସାର। ଭାରତ ସରକାରଙ୍କ ସ୍ମାର୍ଟ ସିଟି ମିଶନ୍ ଅଧୀନରେ ସହରମାନଙ୍କରେ ସବୁଜ କରିଡର ଓ ଉଦ୍ୟାନ ନିର୍ମାଣର ଯୋଜନା ରହିଛି। ଏହି ପ୍ରୟାସକୁ ତ୍ୱରାନ୍ୱିତ କରି ଗଛମାନଙ୍କ ମୂଳ ପାଇଁ ଅଧିକ ସ୍ଥାନ, ସୁସ୍ଥ ମାଟି ଓ ପାଣି ସଂରକ୍ଷଣ ବ୍ୟବସ୍ଥା ନିଶ୍ଚିତ କରାଯିବା ଆବଶ୍ୟକ। ଦ୍ୱିତୀୟତଃ, ଶବ୍ଦ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଠୋର ନୀତି ପ୍ରଣୟନ ଜରୁରୀ। ଉଦାହରଣ ସ୍ୱରୂପ, ସିଙ୍ଗାପୁର ଭଳି ସହରୀ ରାଷ୍ଟ୍ରରେ ଶବ୍ଦ ପ୍ରଦୂଷଣକୁ ୫୫ ଡେସିବେଲ୍‌ରେ ସୀମିତ ରଖିବା ଦ୍ୱାରା ଗଛମାନଙ୍କ ସ୍ୱାସ୍ଥ୍ୟ ଓ ବୃଦ୍ଧିରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି। ଓଡ଼ିଶାରେ ମଧ୍ୟ ଏହି ମଡେଲ୍ ଅନୁସରଣ କରାଯାଇପାରେ। ତୃତୀୟତଃ, ସାମୁଦାୟିକ ସଚେତନତା ଓ ଶିକ୍ଷା ଆବଶ୍ୟକ। ସ୍ଥାନୀୟ ବାସିନ୍ଦାମାନଙ୍କୁ ଗଛମାନଙ୍କ ସହ ଏକ ଭାବନାତ୍ମକ ସମ୍ପର୍କ ଗଢ଼ିବାକୁ ଉତ୍ସାହିତ କରାଯାଇପାରେ। ଉଦାହରଣ ସ୍ୱରୂପ, ଜାପାନର ସିରାକାୱା ସହରରେ 'ଗଛ ସଂରକ୍ଷଣ ଦିବସ' ପାଳନ କରାଯାଏ, ଯେଉଁଠାରେ ପିଲାମାନେ ଗଛମାନଙ୍କ ପାଇଁ ଗୀତ ଗାଆନ୍ତି ଓ ସେମାନଙ୍କ ଯତ୍ନ ନିଅନ୍ତି। ଏହି ପ୍ରଥା ଆମ ସହରମାନଙ୍କରେ ଆରମ୍ଭ ହୋଇପାରେ, ଯାହା ଆଗାମୀ ପିଢ଼ିଙ୍କ ମଧ୍ୟରେ ଗଛମାନଙ୍କ ପ୍ରତି ସମ୍ମାନ ଓ ସମବେଦନା ଜାଗ୍ରତ କରିବ। ଏହା ସହରୀ ଗଛମାନଙ୍କ ଜୀବନକୁ ସୁଧାରିବା ସହ ଆମ ସାଂସ୍କୃତିକ ମୂଲ୍ୟବୋଧକୁ ପୁନର୍ଜନ୍ମ ଦେବ।

ସହରୀ ଗଛମାନେ ଆମ ପାଇଁ କେବଳ ପ୍ରକୃତିର ଉପହାର ନୁହଁନ୍ତି; ସେମାନେ ଆମର ନୀରବ ସାଙ୍ଗ, ଯେଉଁମାନେ ଆମ ସହରର କୋଳାହଳ ଓ ଅବ୍ୟବସ୍ଥା ମଧ୍ୟରେ ଅଟଳ ଠିଆ ହୋଇ ଆମକୁ ଜୀବନ ଦିଅନ୍ତି। ସେମାନଙ୍କର ଭାବନାତ୍ମକ ଜୀବନ ଯାହା ପ୍ରଦୂଷଣରେ ଦମି ଯାଇଥାଏ, ଶବ୍ଦରେ ବିଦୀର୍ଣ୍ଣ ହୋଇଥାଏ ଓ ମାନବୀୟ ଅବହେଳାରେ ଅନାଦୃତ ହୋଇଥାଏ—ଆମକୁ ଆମ କାର୍ଯ୍ୟର ପ୍ରତିଫଳନ କରିବାକୁ ଆହ୍ୱାନ ଦିଏ। ଯେତେବେଳେ ଆମେ ଏକ ପୁରାତନ ବଟବୃକ୍ଷ ତଳେ ଛାୟାରେ ବସି ଶାନ୍ତି ଅନୁଭବ କରୁ, ଆମେ କି ସେହି ଗଛର ନୀରବ କାହାଣୀକୁ ଶୁଣିବାକୁ ଚେଷ୍ଟା କରୁ ? ସେ ଆମକୁ କେଉଁ ସଙ୍କେତ ଦେଉଛି, ତା'ର ପତ୍ରରେ ଲୁଚିଥିବା ଚାପ, ତା'ର ମୂଳରେ ଅନୁଭବ ହେଉଥିବା ସଙ୍କୋଚନ ?

ଗଛମାନଙ୍କର ଏହି ଭାବନାତ୍ମକ ଜୀବନକୁ ସ୍ୱୀକାର କରି ଆମେ ସେମାନଙ୍କ ସହ ଏକ ନୂତନ ସମ୍ପର୍କ ଗଢ଼ିପାରିବା—ଯେଉଁଠାରେ ସେମାନେ କେବଳ ଆମ ପାଇଁ ସେବା ପ୍ରଦାନ କରିବେ ନାହିଁ, ବରଂ ଆମେ ମଧ୍ୟ ସେମାନଙ୍କ ସୁଖ ଓ ସ୍ୱାସ୍ଥ୍ୟ ପାଇଁ ଦାୟୀ ହେବୁ। ଏହି ପାରସ୍ପରିକ ସମ୍ବନ୍ଧ ଆମ ସହରକୁ କେବଳ ସୁନ୍ଦର ନୁହେଁ, ସମବେଦନାପୂର୍ଣ୍ଣ ଓ ସ୍ଥାୟୀ କରିବ। ଆସନ୍ତୁ, ଆମେ ଏକ ପଦକ୍ଷେପ ନେଇ ସହରୀ ଗଛମାନଙ୍କ ଏହି ଅଜଣା କାହାଣୀକୁ ଶୁଣିବା, ବୁଝିବା ଓ ସମ୍ମାନ ଦେବା ଆରମ୍ଭ କରୁ—ଯେପରି ସେମାନେ ଆମ ସହ ଏକ ସୁସ୍ଥ ଓ ସୁନ୍ଦର ଭବିଷ୍ୟତ ଗଢ଼ିପାରିବେ।


+କଲିକାତା

ମୋ: ୮୩୩୫୯୪୯୪୭୭


# ସାମାଜିକ, ଧାର୍ମିକ ଧ୍ରୁବୀକରଣ ଏବଂ ରାଜନୀତି



### ଗୋପାଳ ମହାପାତ୍ର

ଭାରତ ଏକ ଗଣତାନ୍ତ୍ରିକ ଏବଂ ବହୁ ସାଂସ୍କୃତିକ ରାଷ୍ଟ୍ର ଯେଉଁଠି ବିଭିନ୍ନ ଧର୍ମ, ଜାତି ଏବଂ ଭାଷାର ସଙ୍ଗମ ରହିଛି। ଯୁଗ ଯୁଗରୁ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସାଂସ୍କୃତିକ ଏବଂ ଧାର୍ମିକ ସହ ଅସ୍ତିତ୍ୱର ଇତିହାସ ମଧ୍ୟ ରହିଛି। କିନ୍ତୁ ବିଗତ କିଛି ଦଶନ୍ଧି ହେବ ଭାରତୀୟ ରାଜନୀତିରେ ସାମାଜିକ ଏବଂ ଧାର୍ମିକ ଧୃବୀକରଣର ସମସ୍ୟା ଗମ୍ଭୀର ରୂପ ନେବାରେ ଲାଗିଛି। ନିର୍ବାଚନୀ ରଣନୀତି ଅନୁସାରେ ଧର୍ମ ଏବଂ ସଂପ୍ରଦାୟର ପ୍ରସଙ୍ଗକୁ ଆଧାର କରି ରାଜନୈତିକ ଦଳମାନେ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି। ଏହି କାରଣରୁ ସମାଜରେ ତିକ୍ତତା ସୃଷ୍ଟି ହେବା ସହ ବିଭାଜନ ଭଳି ସ୍ଥିତି ସୃଷ୍ଟି ହେଉଛି। ଏଭଳି ସ୍ଥିତି ସମାଜ ପାଇଁ କେବେ ବି ଲାଭଜନକ ନୁହେଁ ବରଂ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଏହା ଏକ ପ୍ରକ୍ରିୟା ମାତ୍ର। ଉପନିବେଶ କାଳରେ ବ୍ରିଟିଶ ଶାସକ 'ବିଭାଜନ କର-ଶାସନକର' ନୀତି ଆପଣେଇ ଥିଲେ ଯାହାର ପ୍ରଭାବ ଆଦ୍ୟାବଧି ରାଜନୀତିର ପରିଦୃଷ୍ୟରେ ପରିସ୍ଫୁଟ। ଦେଶ ସ୍ୱାଧୀନ ହେବା ପରେ ଅନେକ ବାର ନିର୍ବାଚନରେ ଧାର୍ମିକ ପ୍ରସଙ୍ଗକୁ ଉଠାଇ ଭୋଟର ଧୃବୀକରଣ କରାଯାଇଛି। ମଣ୍ଡଳ କମିଶନ ଏବଂ ସଂରକ୍ଷଣ ଭଳି ପ୍ରସଙ୍ଗ ଦେଖାଦେଇଛି ଏପରିକି ଜାତିଗତ ଧୃବୀକରଣର ପ୍ରବୃତ୍ତି ମଧ୍ୟ ଦେଖିବାକୁ ମିଳୁଛି। ଅଯୋଧ୍ୟା ବିବାଦ, ଗ୍ରୋଧ୍ରାକାଣ୍ଡ ଭଳି ଘଟଣା ଧାର୍ମିକ ଧୃବୀକରଣକୁ ଅଧିକ ଗଭୀର କରି ଦେଇଥିଲା। ଏବେ ଏହି ପ୍ରବୃତ୍ତି ଆହୁରି ବଢିବାରେ ଲାଗିଛି ଏବଂ ନିର୍ବାଚନ ପୂର୍ବରୁ ସାମ୍ପ୍ରଦାୟିକ ଉତ୍ତେଜନା ଭଳି ଘଟଣା ସାଧାରଣ ଘଟଣାରେ ପରିଣତ ହୋଇଯାଇଛି।

ରାଜନୈତିକ ଦଳ ମାନେ ନିଜର ସ୍ୱାର୍ଥ ପାଇଁ ସବୁବେଳେ ଧାର୍ମିକ ପ୍ରତୀକ ଏବଂ ପ୍ରସଙ୍ଗକୁ ବ୍ୟବହାର କରୁଛନ୍ତି। ନିର୍ବାଚନ ପ୍ରଚାର ସମୟରେ ଧାର୍ମିକ ଭାବନାକୁ ଆହତ କଲାଭଳି ବୟାନ, ସାଂପ୍ରଦାୟିକ ଉତ୍ତେଜନା ବୃଦ୍ଧି କରା ଯିବା ଭଳି ଘଟଣା ଏପରିକି ଧାର୍ମିକ ପ୍ରତୀକର ଦୁରୁପଯୋଗ ଏକ ସାଧାରଣ ଘଟଣା ପାଲଟିଯାଇଛି। ଏହି କାରଣରୁ ସମାଜରେ ଜଣେ ଅନ୍ୟ ଜଣକୁ ବିଶ୍ୱାସ ବି କରିପାରୁନାହିଁ। ଏବେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଏହି ଧୃବୀକରଣ ଆହୁରୀ ଅଧିକ ବେଗରେ ବଢିବାରେ ଲାଗିଛି। ତୃଟିପୂର୍ଣ୍ଣ ତଥା ମିଥ୍ୟା ସମ୍ବାଦ ପରିବେଷଣ, ଭ୍ରାମକ ପ୍ରଚାର ଏବଂ ଘୃଣାସୃଷ୍ଟିକାରୀ ବୟାନ ସମାଜରେ ଅଧିକ ତିକ୍ତତା ଏବଂ ବୈମନସ୍ୟତା ସୃଷ୍ଟି କରିବାରେ ଲାଗିଛି। ଧାର୍ମିକ ଧୃବୀକରଣର ସବୁଠାରୁ ବଡ଼ କ୍ଷତି ହେଉଛି ଏହାଦ୍ୱାରା ସମାଜର ଅସଲ ସମସ୍ୟା ଯଥା- ବେରୋଜଗାରୀ, ଦାରିଦ୍ର୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆର୍ଥୀକ ଅସମାନତା ପଛରେ ପଡିଯାଇଛି। ରାଜନୈତିକ ଦଳମାନେ ନିର୍ବାଚନୀ ପ୍ରକ୍ରିୟାକୁ କେବଳ ଭାବନାତ୍ମକ ପ୍ରସଙ୍ଗରେ ସୀମିତ କରି ଏସବୁ ବୁନିଆଦୀ ସମସ୍ୟାରୁ ଲୋକଙ୍କ ଦୃଷ୍ଟି ଏଡ଼ାଇବାକୁ ଚାହୁଁଛନ୍ତି। ପରିଣାମ ସ୍ୱରପ ବାସ୍ତବିକ୍ ବିକାଶର ସମ୍ଭାବନା ମଧ୍ୟ କ୍ଷୀଣ ହୋଇଯାଉଛି ଏବଂ ସମାଜର ବୁନିଆଦୀ ସଂରଚନା ଉପରେ ଏହାର ପ୍ରଭାବ ପଡୁଛି। ଯେତେବେଳେ ଧର୍ମ ଏବଂ ରାଜନୀତିର ମିଶ୍ରଣ ହୋଇଯାଏ ସେତେବେଳେ ସମାଜରେ ଅସହିଷ୍ଣୁତା ବଢିଯାଏ ଯାହା ଆଗକୁ ଦଙ୍ଗା ଏବଂ ହିଁସାକାଣ୍ଡ ଭଳି ଘଟଣାକୁ ଜନ୍ମ ଦେଇତାଏ। ଧାର୍ମୀକ ଧୃବୀକରଣ ଯେ କେବଳ ସାମାଜିକ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ ତା ନୁହେଁ ବରଂ ଗଣତାନ୍ତ୍ରିକ ମୂଲ୍ୟ ମଧ୍ୟ ଏହି କାରଣରୁ କ୍ଷୁର୍ଣ୍ଣ ହୋଇଥାଏ।

ଗଣତନ୍ତ୍ରର ମୂଳ ଆଧାର ଜନସାଧାରଣଙ୍କ ଭାଗିଦାରୀ ଏବଂ ସେମାନଙ୍କ ସ୍ୱର ଅଟେ। କିନ୍ତୁ ଯେତେବେଳେ ନିର୍ବାଚନୀ ପ୍ରସଙ୍ଗ ବାସ୍ତବିକ ସମସ୍ୟା ବଦଳରେ ଧର୍ମ ଆଧାରିତ ହୋଇଯାଇଥାଏ ସେତେବେଳେ ଗଣତନ୍ତ୍ର ଦୁର୍ବଳ ହୋଇଯାଏ। ଏହା ଫଳରେ ଯୁବ ପିଢ଼ୀଙ୍କ ଧ୍ୟାନ ବିଜ୍ଞାନ, ବୈଶୟିକ ଜ୍ଞାନ କୌଶଳ, ରୋଜଗାର ଏବଂ ଶିକ୍ଷା ଭଳି ବିକାଶମୂଳକ ପ୍ରସଙ୍ଗରୁ ହଟି ଯାଇଥାଏ ଯାହା ଦେଶର ପ୍ରଗତିକୁ ବାଧିତ କରିଥାଏ। ଏହି ସମସ୍ୟା ଯେ କେବଳ ନିର୍ବାଚନୀ ପ୍ରଚାର ପର୍ଯ୍ୟନ୍ତ ସୀମିତ ରହିଥାଏ ତା ମଧ୍ୟ ନୁହେଁ ଏହା ସମାଜର ବିଚାର ଓ ଦୃଷ୍ଟିକୋଣକୁ ପ୍ରଭାବିତ କରିଥାଏ। ଧାର୍ମିକ ଧୃବୀକରଣକୁ ରୋକିବା ପାଇଁ ଆମ ସମସ୍ତଙ୍କୁ ମାନସିକ ଭାବେ ପ୍ରସ୍ତୁତ ହେବାକୁ ପଡିବ। ରାଜନୈତିକ ଦଳମାନେ ଧର୍ମକୁ ଆଧାର କରି ଭୋଟ ମାଗିବା ପରିବର୍ତ୍ତେ ବିକାଶ ଏବଂ ସାମାଜିକ ସମରସତ୍ତାକୁ ଅଧିକ ଗୁରୁତ୍ୱ ଦେବା ମଧ୍ୟ ଆବଶ୍ୟକ। ଧର୍ମ ଆଧାରିତ ପ୍ରଚାର, ଘୃଣା ସୃଷ୍ଟିକାରୀ ବୟାନ ଏବଂ ଭ୍ରମାତ୍ମକ ସୂଚନା ଉପରେ ନିର୍ବାଚନ କମିଶନ ମଧ୍ୟ ବ୍ୟାପକ ପଦକ୍ଷେପ ନେବା ଉଚିତ୍। ଯୁବବର୍ଗଙ୍କୁ ତର୍କସଙ୍ଗତ ଶିକ୍ଷା, ସଚେତନତା ଏବଂ ଧାର୍ମିକ ସହିଷ୍ଣୁତା ବାବଦରେ ସମ୍ବେଦନଶୀଳ ହେବା ମଧ୍ୟ ଜରୁରୀ। ଏତଦ୍ ବ୍ୟତୀତ ସରକାର ଏବଂ ଟେକ୍ନୋଲୋଜି କମ୍ପାନୀ ମାନେ ଯେମିତି ତୃଟିପୂର୍ଣ୍ଣ ସମ୍ବାଦ ପରିବେଷଣ କରାଯାଇନପାରିବ ସେ ଦିଗରେ ପ୍ରୟାସ କରିବାର ଆବଶ୍ୟକତା ରହିଛି। ଦୁର୍ଭାଗ୍ୟର ବିଶୟ ହେଉଛି ସାମାଜିକ ଗଣମାଧ୍ୟମରେ ଯେତିକି ଧାର୍ମିକ ବିଭ୍ରାନ୍ତି ସୃଷ୍ଟି କରି ଚାଲିଛି ତାଠାରୁ ଢେର ଅଧିକ ସାମାଜିକ ବିଭ୍ରାନ୍ତି ଓ ବୈମନସ୍ୟ ଭାବ ସୃଷ୍ଟି କରୁଛନ୍ତି କେତେକ ବୈଦୁତିକ ଗଣମାଧ୍ୟମ ଯେଉଁମାନଙ୍କର ଏଭଳି କାର୍ଯ୍ୟକୁ ରୋକିବା ଏପରିକି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଜରୁରୀ ହୋଇପଡିଛି।

ଏସବୁ ପରେ ସାମାଜିକ ସଂଗଠନ, ଧାର୍ମିକ ନେତା ଏବଂ ନାଗରିକ ସମାଜ ମଧ୍ୟ ଏକତ୍ରୀତ ଭାବେ ସମାଜରେ ସାମ୍ପ୍ରଦାୟିକ ସଦଭାବ ଏବଂ ଧାର୍ମିକ ସହିଷ୍ଣୁତା ପାଇଁ କାର୍ଯ୍ୟ କରିବା ଉଚିତ୍। ଧାର୍ମିକ ଧୃବୀକରଣକୁ ଏକ ସହଜ ନିର୍ବାଚନୀ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି ଯାହା ସମାଜର ବିଭିନ୍ନ ବର୍ଗଙ୍କୁ ପରସ୍ପର ମଧ୍ୟରେ ବିଭାଜନ ପାଇଁ ଖୋରାକ ଯୋଗାଉଛି। ଏହା ଗଣତନ୍ତ୍ର ଏବଂ ସାମାଜିକ ସୌହାର୍ଦ୍ଦ୍ୟ ପାଇଁ ବିପଦ ଏବଂ ରାଷ୍ଟ୍ରର ବିକାଶରେ ବାସ୍ତବିକ ବାଧା ସୃଷ୍ଟି କରୁଛି। ଯଦି ଆମେ ଏକ ପ୍ରଗତିଶୀ. ସମୃଦ୍ଧ ଏବଂ ଶାନ୍ତିପୂର୍ଣ୍ଣ ଭାରତ ଚାହୁଁଛେ ବା ଚାହିଁବା ତେବେ ଭୋଟ ବ୍ୟାଙ୍କ ରାଜନୀତିରୁ ଉର୍ଦ୍ଧ୍ୱକୁ ଯାଇ ଏକ ସମାବେଶୀ ଏବଂ ବିକାଶନ୍ମୁଖୀ ରାଜନୀତିକୁ ଆପଣେଇ ନେବା ଉଚିତ୍। ଜନସାଧାରଣ ମଧ୍ୟ ନିଜର ଭୋଟ ବୁଝିବିଚାରି ଦେବା ଉଚିତ୍ ଯାହା ଧର୍ମନାମରେ ହେଉଥିବା ବିଭାଜନକୁ ରୋକି ପାରିବ ଏବଂ ସମାଜରେ ସଦ୍‌ଭାବେ ଏବଂ ଏକତା ରକ୍ଷାକରିପାରିବ। ଏ ଦିଗରେ ସମସ୍ତେ ଏକଜୁଟ ହୋଇ ସମାଜର, ଦେଶର ଓ ଆମର ଏକ ଉତ୍ତମ ଭବିଷ୍ୟତର ନିର୍ମାଣ ଦିଗରେ ଆଗେଇବା ଉଚିତ।


+ରାମଚନ୍ଦ୍ରପୁର, ରଣପୁର

ମୋ- ୯୪୩୮୪୮୫୦୯୪





## ଅନାମିକା....

### ରାଜେଶ କୁମାର ମୁଣ୍ଡ

ନିଦାଘର ସେଇ ରୌଦ୍ର ଅପରାହ୍ଣରେ
ହଠାତ ଆସି କହିଲ,
'ଆମ ମିଳନର ଇଏ
ଶେଷ ଅପରାହ୍ଣ।'
ଠିକ୍ ଅଛି, ଯିବ ତ, ଯାଅ
ପ୍ରିୟଜନରେ ଭର୍ତ୍ତି ତୁମ ବାସ ସ୍ଥାନକୁ
ଯେଉଁଠି ବି ରୁହ, ଏମିତି ସବୁଜ
ହେଇ ରୁହ ।
କିନ୍ତୁ ସତରେ କ'ଣ ଭୁଲିପାରିବ ?
ବନଦେବୀର ଭାଗ୍ୟ ଆଉ
କୋଉଠି ପାଇବ କି ?
ଦର୍ପଣ ସାମ୍ନାରେ ଜମା ଠିଆ ହବନି
କେବେ
ନହେଲେ ଦେଖିବ
ତୁମ ଗୋରା ଚକ୍ ଚକ୍ ଗାଲରେ
ଲାଗିଥିବା
ବୁନ୍ଦା ବୁନ୍ଦା ଶୁଷ୍କ ସଫେଦତା
ଝିଟ୍ରି ବାଳରେ ଦେଖିବ ଫୁଲଙ୍କ ଶୁଷ୍କ
ପରାଗ ।
ଯେବେ ବି ତୁମ ଆଖିକୁ ଦେଖିବ
ଝଲସୁଥିବ ମୋ ପ୍ରତିବିମ୍ବ ।
କପଡ଼ାରୁ ବାରି ହେଉଥିବ ମୋ
ସ୍ୱେଦର ବାସ୍ନା
କେବେ ବି ପାଇବ ନି ଆଉ
ଏଇ ସବୁଜ ପ୍ରାଣ ଆଉ



ନିଃସ୍ୱାର୍ଥ ବିଶ୍ୱାସ।
ସେଠି ଆଉ କ'ଣ ଅଧିକ ପାଇବ
ଭାବୁଛ କି ?
କିଛି ମିଛ ଖ୍ୟାତି, ଈର୍ଷା, ସ୍ୱାର୍ଥପରତା
ମିଛ ଆତ୍ମୀୟତା,
ମିଛ ଅଭିଳାଷ, କୃତ୍ରିମତା ।
ଏସବୁ ସାମ୍ନା କଲାବେଳେ
ଯେବେ ନିଜକୁ ଏକାକୀ ପାଇବ
ଜାଣେ, ନିଶ୍ଚୟ ମନେ ପଡ଼ିବ
ମୋ ସଂଗେ କଟେଇଥିବା
ପ୍ରତ୍ୟେକ ମୁହୂର୍ତ୍ତ ।
ଚେତନାରେ କେବଳ ଝୁଲୁଥିବ
ମୋ ସଂଜ୍ଞାହୀନ ଫଳକ ।
ହେଇଯାଉ ଏଥର
ଏ ନିଦାଘ ଆମ ସମ୍ପର୍କର
ଶେଷ ନିଶ୍ୱାସ।


ଧର୍ମଗଡ଼ ସାହିତ୍ୟ ସଂସଦ
ଧର୍ମଗଡ଼, କଳାହାଂଡି ୭୬୬୦୧୫
ମୋ. ନଂ. ୯୫୮୩୮୪୨୩୨୫


## ପଶାକାଠି

### ଶଶାଙ୍କ ଶେଖର ପଣ୍ଡା

ସଜାଡ଼ନା ଜମା ଉଜୁଡ଼ା ଅତୀତ
ଅଜାଡ଼ି ଦେବାକୁ ଭେଟି
ନିବିଡ଼ତା ଭରି ଯୋଡ଼ ନାହିଁ ଆଉ
ପ୍ରଣୟର ପଶାକାଠି ।

ମୋହ ବଦଳରେ କୋହ ଯଦି ମିଳେ
ଭୁଲିବ କି ସହଜରେ
କଳନା ନ କରି ଛଳନା ଆଦରି
ରହିଛି ଯେ ମଗଜରେ,



କେବେବି ଦେଖନା ହୃଦୟ ତଟର
ଲୁହରେ ବତୁରା ମାଟି
ସଜାଡ଼ନା ଜମା ଉଜୁଡ଼ା ଅତୀତ
ଅଜାଡ଼ି ଦେବାକୁ ଭେଟି ।

ଏଇ ମନ କେତେ ଦେଖିଛି ଶ୍ରାବଣ
ବଢ଼ିଲା ନଈର ସୁଅ
ରଙ୍ଗମାଖି ପୁଣି ସଜେଇ ହେଇଛି
ଫଗୁଣ ବାଜୁଅ ପୁଅ,
କେତେ ଅପବାଦ କେତେ ଅବସାଦ
ପାଇଛି ଜୀବନ ଲୋଟି
ସଜାଡ଼ନା ଜମା ଉଜୁଡ଼ା ଅତୀତ
ଅଜାଡ଼ି ଦେବାକୁ ଭେଟି ।


ଉତ୍ତରବାଡ଼, ଭଣ୍ଡାରିପୋଖରୀ
ଭଦ୍ରକ - ୭୫୬୧୨୦
ମୋ: ୯୯୩୭୧୨୬୮୦୪



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୬୦



ଡ. ସିନ୍ଧୁ ସେନ୍

ଭାଇ ଭାଉଜଙ୍କ ସୁରକ୍ଷାପାଇଁ ତ ସେ ଦୁହିଁଙ୍କ ସହ ବନକୁ ଆସିଥିଲେ । ସେ ତାଙ୍କ ଜୀବନଠାରୁ ମଧ ଭାଇ ଭାଉଜଙ୍କୁ ଅଧିକ ଗୁରୁତ୍ୱ ଦେଉଥିଲେ । ମାତା ସୀତାଙ୍କ କଟୂକ୍ତିରେ ତାଙ୍କ ମନରେ ଦ୍ୱନ୍ଦ୍ୱ ଜାଗୁଥିଲା । କ'ଣ କରିବେ ମାତା ସୀତାଙ୍କୁ ଏକାକୀ ଛାଡ଼ିଗଲେ ଯେକୌଣସି ମୁହୂର୍ତ୍ତରେ କିଚି ନା କିଛି ଅଘଟଣ ଘଟିପାରେ । ଏ ସବୁ ଭାବନାରେ ମନ ତାଙ୍କର ଉଦ୍‌ବେଳିତ ହେଉଥିଲା ।

ମାତ୍ର ବିଧିର ବିଧାନ କେ କରିବ ଆନ ଯାହ ହେବାର ଥିବ ନିଶ୍ଚୟ ହେବ । ତାକୁ ରୋକିବାର ଶକ୍ତି ବା କାହାର ଅଛି । ଏକପଟେ ଭ୍ରାତୃଦ୍ରୋହୀ, ଅନ୍ୟପଟେ ସୀତାମାତାଙ୍କ ସୁରକ୍ଷା । ଉଭୟ ତାଙ୍କୁ ଟାଣୁଥିଲେ । ଯେଉଁ ବଡ଼ଭାଉଜଙ୍କୁ ସେ ମାଆ ସମାନ ଭକ୍ତି କରନ୍ତି ସମ୍ମାନ ଦିଅନ୍ତି ସେ ନିଜେ ଯେତେବେଳେ ଏତେ କଠୋର ହୋଇ ପାରୁଛନ୍ତି ବାଧ କରୁଛନ୍ତି । ନିଜ ଜୀବନକୁ ଜଳାଞ୍ଜଳି ଦେଇ ଅଗ୍ନିରେ ଝାସ ଦେବାକୁ ଧମକ ଦେଉଛନ୍ତି । ସେଠି ଲକ୍ଷ୍ମଣ ବା କରିଥାନ୍ତେ କ'ଣ? ଦୂରରେ ଛପି ରହି ମୁଁ ଦେଖୁଥିଲି ଲକ୍ଷ୍ମଣଙ୍କ ଅସହାୟତାକୁ । ବାସ୍ତବିକ ଲକ୍ଷ୍ମଣଙ୍କ ଭଳି ଭାଇ ଏ ଜଗତେ ନାହିଁ । ମୁଁ ସିନା ମୋ ନିଜ ସ୍ୱାର୍ଥ ପାଇଁ ଲକ୍ଷ୍ମଣଙ୍କୁ ସୀତାଦେବୀଙ୍କ ଠାରୁ ଦୂରେଇ ଦେବାକୁ ଚାହୁଁଛି । ହେଲେ ଲକ୍ଷ୍ମଣ ଯାହା କରୁଛନ୍ତି କିଛି ତ ଭୁଲ୍ କରୁନାହାନ୍ତି । ବଡ଼ଭାଇଙ୍କ ଆଦେଶ ପାଳନ କରିବାକୁ ଯଥାସାଧ ଚେଷ୍ଟା କରୁଛନ୍ତି । ସେ କେମିତି ଜାଣିବେ, ମୁଁ ଏଠି ଲୁଚି ରହିଛି । ସୁଯୋଗ ପାଇଲେ ସୀତାଦେବୀଙ୍କୁ ଘେରାଇ ନେବି । ସତକୁ ସତ ମୋର ହିଁ ଜିତାପଟ ହେଲା । ଆଶ୍ରମର ଦ୍ୱାରଦେଶରେ ତିନିଟି ଗାର ଟାଣିଦେଇ ବାହାରକୁ ନ ଯିବାପାଇଁ ଅନୁରୋଧ କରି ବିଷଣ୍ଣ ମନରେ ଲକ୍ଷ୍ମଣ ବହାରିଗଲେ । କ୍ଷୋଭ ଜାଗୁଥିଲା ମନରେ। ଏ ତ ସବୁ ମୋରି ନାଟକ । ରାମବାଣରେ ମାରୀଚର ମୃତ୍ୟୁ ହୋଇ ସାରିଥିବ । ମୁଁ ତ ନିଜେ ନିଷ୍ଠୁରତାର ପ୍ରତୀକ । ମୋରି କାର୍ଯ୍ୟ ସିଦ୍ଧି ପାଇଁ ଜଣଜଣକୁ ବଳି ଦେଇ ଚାଲିଛି । ବିଚରା ମାରୀଚ ରାକ୍ଷସ । ମୃତ୍ୟୁକୁ ଭୟ କରୁଥିଲା । ଏବେ ମୋରି ପାଇଁ ମୃତ୍ୟୁର ସ୍ୱାଦ ଚାଖିଲା। ମୋ ମନରେ କିନ୍ତୁ ଟିକିଏ ବି ପ୍ରତିକ୍ରିୟା ନାହିଁ । ମୁଁ ମୋର କାର୍ଯ୍ୟସିଦ୍ଧି ପାଇଁ ସବୁକିଛି କରିପାରେ।

ରାମ, ଲକ୍ଷ୍ମଣ ଏବେ ସୀତାଙ୍କ ଠାରୁ ବହୁ ଦୂରରେ ଯେତେ ଜୋରରେ ଚିତ୍କାର କଲେ ବି ସେମାନେ ସହଜରେ ପର୍ଣ୍ଣକୁଟୀରକୁ ଆସିପାରିବେ ନାହିଁ । ମୁଁ ତେଣୁ ମୋ କାମ ଆରମ୍ଭ କରିଦେଲି। ଭାବିଲି ଭାଗ୍ୟଦେବୀ ଏବେ ମୋ ଉପରେ ପ୍ରସନ୍ନ। ଆସିଲାବେଳେ ଶିବଙ୍କ ଆଶୀର୍ବାଦ ଫୁଲ ସଂଗରେ ନେଇ ଆସିଥିଲି । ଫୁଲକୁ ହାତରେ ଧରି ପ୍ରଭୁ ଶିବଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲି। ବାକି ରହିଥିବା କାମକୁ ଶେଷ କରିବାକୁ ଶକ୍ତି ଦେବାକୁ ପ୍ରାର୍ଥନା କଲି । ଏବେ ମୁଁ ମୋ ରାବଣର ଭୟଙ୍କର ବେଶ ଛାଡ଼ି ବ୍ରାହ୍ମଣ ବେଶ ଧରିଲି । କଣ୍ଠରେ ରୁଦ୍ରାକ୍ଷର ମାଳ । ବାହୁବନ୍ଧ, କପାଳରେ ତିଳକ, ମୁଣ୍ଡରେ ଜଟା, ଠିକ୍ ଜଣେ ଭିକ୍ଷାର୍ଥୀ ବ୍ରାହ୍ମଣ ବେଶରେ ନିଜକୁ ସଜାଇ ନେଇ ଆଶ୍ରମର ଦ୍ୱାରଦେଶ ଆନେ ଚାଲିଲି । ମୋର ବେଶଭୂଷା ଯେମିତି ସୀତାମାତାଙ୍କୁ ଆକର୍ଷିତ କରିବ, ସେ ଦିଗରେ ଯତ୍ନବାନ ହେଲି । ଏ ଛଦ୍ମବେଶ ମୋ ଜୀବନର ପ୍ରଥମ ନୁହେଁ ଏହା ପୂର୍ବରୁ ମଧ ଅନେକଥର ମୋତେ ଛଦ୍ମବେଶି ସାଜିବାକୁ ପଡ଼ିଥିଲା । କିନ୍ତୁ ସବୁ ବେଶ ଠାରୁ ଏ ବେଶ ସ୍ୱତନ୍ତ୍ର । ନିଆରା । ମୁଁ ନିଜେ ନିଜକୁ ଦେଖି ଚକିତ ହୋଇ ଯାଉଥିଲି। ବାହ୍ୟ ଆବରଣ ମୋର ଶୁଦ୍ଧ, ପୂତ ବ୍ରାହ୍ମଣ । ଅଥଚ ଅନ୍ତରରେ ମୁଁ ଜଣେ ପାପୀ, ଦୁରାଚାରୀ। ଭାବୁଥିଲି ଏ ବେଶରେ ମୁଁ ଆଉ ଧରାପଡ଼ିଯିବି ତ । ସୀତାଦେବୀ ମୋ ହାତରେ ଧରାଦେବେ ତ? ଏମିତି ଅନେକ କଥା ଭାବଭାବୁ ମୁଁ ଯେ କେତେବେଳେ ଆଶ୍ରମର ଦ୍ୱାରଦେଶରେ ପହଞ୍ଚି ଯାଇଥିଲି ଜାଣେନା । ଗବାକ୍ଷ ଫାଙ୍କରୁ ସୀତାଦେବୀଙ୍କୁ ପରିଷ୍କାର ଦେଖା ଯାଉଥିଲା । ଆଖିପୂରାଇ ଦେଖିନେଲି । ମୁଁ ଯେ ତାଙ୍କ ପ୍ରତି ଘୋର ପାପ କରିବାକୁ ଯାଉଛି, ସେଥିପାଇଁ ନିରବରେ କ୍ଷମା ମାଗିନେଲି ।

ଭିକ୍ଷାଂ ଦେହି, ଭିକ୍ଷାଂ ଦେହି । ହାତରେ କମଣ୍ଡଳୁ ଧରି ମୁଁ ଯେ ଜଣେ ଭିକ୍ଷାର୍ଥୀ । ଏହା ଯେ କେହି ହେଉନା କାହିଁକି ବିଶ୍ୱାସ କରିଯିବେ। ହେଲେ ସେ ଛଦ୍ମରୂପ ତଳେ ରହିଛି ଅନ୍ୟ ଏକ ଜାନୁଆର ରୂପ ସେ କଥା କେହି ନଜାଣିଲେ ବି ମୁଁ ତ ଜାଣେ । ଆଖପାଖ ସବୁଆଡ଼କୁ ଦୃଷ୍ଟି ପକାଇଲି । ନା କେହି ବି ନାହାନ୍ତି । ସୀତାଦେବୀ ଆଉ ମୋତେ ଛାଡ଼ି ଦେଇ କେହି ବି ଦୃଷ୍ଟିକୁ ଆସୁନଥିଲେ । ଗବାକ୍ଷ ଫାଙ୍କ ଦେଇ ମାଆ ସୀତା ମୋତେ ଅନାଇ ରହିଥିଲେ । ଭାବୁଥିଲି ତାଙ୍କ ମନରେ ମୋ ପ୍ରତି କୌଣସି ସନ୍ଦେହ ହେଉନି ତ? ନା ନା ଏ ସବୁ ମୋ ମନର ଭ୍ରମ । ମୁଁ ତେବେ ଭିକ୍ଷାର୍ଥୀ ବେଶରେ ଠିକ୍‌ଠାକ୍ ଅଛି । ଏବେ କେବଳ ତାଙ୍କର ଆସିବା ବାଟକୁ ମୋତେ ଅପେକ୍ଷା କରିବାକୁ ପଡ଼ିବ ।

## ॥ ସତେଇଶ ॥

ମୋ ମନର ସବୁ ସଂଶୟକୁ ଦୂର କରି ଦେବୀ ସୀତା, ଝରକା ଫାଙ୍କରୁ କହିଲେ ଅତିଥି ବ୍ରାହ୍ମଣ ମୋର ସୌଭାଗ୍ୟ ଯେ, ଆପଣ ମୋର ଅତିଥି । ମାତ୍ର ମୋ ଦେବର ମୋତେ ଦ୍ୱାରବନ୍ଧ ପାର ନହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ମୁଁ ଏଇ ଝରକାବାଟ ଦେଇ ଆପଣଙ୍କୁ ଭିକ୍ଷା ଦେଉଛି। ଗ୍ରହଣ କରନ୍ତୁ । ନହେଲେ ଆଉ ଅଳ୍ପସମୟ ଅପେକ୍ଷା କରନ୍ତୁ । ଭାଇ ଦୁହେଁ ଆସିଯିବେ । ଆପଣଙ୍କୁ ଦେଖି ବହୁତ ଖୁସିହେବେ । ଆହୁରି ଭଲକରି ଆପଣଙ୍କୁ ଆତିଥ୍ୟ ପ୍ରଦାନ କରିବେ । ଏତିକି କହି ସେ ଭିତରକୁ ଯିବାପାଇଁ ବ୍ୟଗ୍ରହ ହୋଇ ଉଠିଲେ । ମୋତେ କିନ୍ତୁ ପୁନର୍ବାର ଆଉ ଏକ କୌଶଳ ପ୍ରୟୋଗ କରିବାକୁ ପଡ଼ିଲା । କହିଲି, ଦେଖ ଏଭଳି ଭାବେ ଅତିଥିଙ୍କୁ ସ୍ୱାଗତ କରାଯାଏନି । ଆପଣଙ୍କ ସଂସ୍କୃତି ଆର୍ଯ୍ୟ ସଂସ୍କୃତି। ଆଉ ଆର୍ଯ୍ୟ ସଂସ୍କୃତିରେ ଏମିତି ପରମ୍ପରା ନାହିଁ। ଆପଣ ଯଦି ଭିକ୍ଷା ଦେବାକୁ ନ ଚାହୁଁଥାନ୍ତି ବରଂ ନ ଦିଅନ୍ତୁ ମୁଁ ଫେରିଯାଉଛି ମାତ୍ର ମୋର ଆଉ ଅପେକ୍ଷା କରିବାର ଧୈର୍ଯ୍ୟ ନାହିଁ । ସହଜରେ ମୁଁ କ୍ଷୁଧାର୍ତ୍ତ । ସେଥିରେ ପୁଣି ପ୍ରତୀକ୍ଷା । ନା ନା ଏହା ହୋଇପାରିବ ନାହିଁ । ମୁଁ ବରଂ ଚାଲିଯାଉଛି। ଲକ୍ଷ୍ୟ କଲି ଦେବୀ ସୀତା ଯେମିତି ଚିନ୍ତାରେ ପଡ଼ିଗଲେ । ତାଙ୍କ ମୁଖମଣ୍ଡଳରେ ଦ୍ୱନ୍ଦ୍ୱ ଭାବର ସ୍ପଷ୍ଟ ଚିହ୍ନ । ହଁ ନାହିଁ ମଧ୍ୟରେ ସେ କ'ଣ କରିବେ ଠିକ୍ କରିପାରୁ ନଥିଲେ । ବରଂ ଅତି ନମ୍ରତାର ସହ କହିଲେ "ମୋତେ ଭୁଲ୍ ବୁଝନ୍ତୁ ନାହିଁ । ମୁଁ କେବଳ ମୋ ପତିଦେବ ଆଉ ଦେବରଙ୍କ ଆଜ୍ଞା ପାଳନ କରୁଛି । ମୋତେ ବାହାରକୁ ନ ବାହାରିବା ପାଇଁ ତାଙ୍କର ନିର୍ଦ୍ଦେଶ ଅଛି । ଏ ପଟେ ଆପଣ ଯଦି ଭିକ୍ଷା ନନେଇ ଫେରିଯାଆନ୍ତି । ତେବେ, ଅତିଥିଙ୍କୁ ଫେରାଇଦେବା ପାପରେ ମୁଁ ଭାଗୀଦାର ହେବି। ତେଣୁ ଦୟାକରି ମୋତେ ଟିକିଏ ବୁଝିବାକୁ ଚେଷ୍ଟା କରନ୍ତୁ । ମୋତେ ବାଧ କରନ୍ତୁ ନାହିଁ । ଭିକ୍ଷା ନନେଇ ଶୂନ୍ୟ ହାତରେ ମଧ ଫେରିଯାଆନ୍ତୁ ନାହିଁ । ମନେମନେ ଖୁବ୍ ଖୁସିହେଉଥିଲି ସୀତା ଦେବୀଙ୍କ କଥାରେ । କେତେ ନମ୍ର, ସରଳ ସତରେ । ମୋତେ ପୁଣି ଆଉ ଟିକିଏ ଛଳନା କରିବାକୁ ପଡ଼ିବ । କ୍ରୋଧିତ ସ୍ୱରରେ କହିଲି ଆପଣ ଜନକ ନନ୍ଦିନୀ ପୁଣି ଦଶରଥଙ୍କ ପୁତ୍ରବଧୂ। ଉଭୟ ପିତୃକୁଳ ଓ ପତିକୁଳରେ ଖ୍ୟାତି ରହିଛି । ଅଥଚ ଆପଣଙ୍କ ସଦାଚାର ଦେଖି ଲଜ୍ଜା ଲାଗୁଛି। ଆପଣଙ୍କୁ କ'ଣ ସଂସ୍କାର ଶିକ୍ଷା ମିଳିନି । ଆପଣଙ୍କ ଭଳି ଜଣେ ମହିୟସୀ ଦେବୀପ୍ରତିମା ଠାରୁ ଏମିତି ବ୍ୟବହାର ଆଶା କରି ନଥିଲି । ହୋଇପାରେ ମୁଁ ଜଣେ ସାମାନ୍ୟ ଭିକ୍ଷୁକ । ହେଲେ ଆପଣ ତ ମହାନ୍, ମହାନ୍ ମଧ ଆପଣଙ୍କର ପରମ୍ପରା । ଅଥଚ ଆପଣଙ୍କ କାର୍ଯ୍ୟ ଏତେ ଛୋଟ କାହିଁକି ? ମୁଁ ଜଣେ ଦରିଦ୍ର ଭିକାରୀ ବୋଲି ହେୟଜ୍ଞାନ କରୁଛନ୍ତି ନା... । ତେବେ ଠିକ୍‌ଅଛି ମୁଁ ଫେରିଯାଉଛି ଆଗରେ ଆଉ କେଉଁଠାରେ ଭିକ୍ଷା ଯୋଗାଡ଼ କରିନେବି। ଏହାକହି ମୁହଁ ବୁଲାଇ ଫେରିଯିବାକୁ ଉଦ୍ୟତ ହେଉଛି ଲକ୍ଷ୍ୟକଲି ଦେବୀ ସୀତା ବ୍ୟସ୍ତ ହୋଇ କହିଲେ ନା ନା ଆପଣ ଆଜି ମୋ କୁଟୀରରେ ଅତିଥି । ଆପଣଙ୍କୁ ଫେରାଇ ଦେଇ ମୁଁ ଅଧର୍ମ ଅର୍ଜନ କରିପାରିବି ନାହିଁ । ଠିକ୍ ଅଛି ଆପଣଙ୍କ କଥା ରଖି କୁଟୀର ବାହାରକୁ ଯାଉଛି ।

ଭିକ୍ଷା ଗ୍ରହଣ କରନ୍ତୁ । ଏତକ କହି ସୀତାଦେବୀ କୁଟୀର ବାହାରକୁ ବାହାରି ଆସିଲେ । ମୁଁ କିନ୍ତୁ ତାଙ୍କୁ ସିଧାସଳଖ ଅନାଇ ପାରୁ ନଥିଲି କି ମୋ ହାତରେ ଥିବା ଭିକ୍ଷାପାତ୍ରକୁ ବଢ଼ାଇ ପାରୁ ନଥିଲି । ଏ କ'ଣ ମୁଁ ଦେଖୁଛି । ମୋ ଆଗରେ ଯେମିତି ଏକ ତେଜସ୍ୱିନୀ ଦେବୀ ମୂର୍ତ୍ତି । ସମଗ୍ର ଶରୀରରୁ ତାଙ୍କର ନିର୍ଗତ ହେଉଥିଲା ଏକ ତେଜଦୀପ୍ତ ରଶ୍ମି । ମୋ ହାତରେ ଭିକ୍ଷାପାତ୍ରଟି ଥରି ଉଠୁଥିଲା । ତାକୁ ଧରିବାର ଶକ୍ତି ମଧ ହରାଇ ବସିଥିଲି । ଅନୁଭବ କରୁଥିଲି ମୁଁ କ୍ରମଶଃ ଶକ୍ତିଶୂନ୍ୟ ହୋଇପଡୁଛି । ଏକ ତୀବ୍ର ଆଲୋକ ରଶ୍ମିରେ ଝଟକୁଥିବା ସୀତାଦେବୀଙ୍କ ତନୁକାନ୍ତିକୁ ମୁଁ ଅନାଇ ପାରୁନଥିଲି । ଭୟରେ ମୋର ସମଗ୍ର ଶରୀର ଥରି ଉଠୁଥିଲା । ଏ କ'ଣ ମୁଁ ଦେଖୁଛି । ଏକ ଜ୍ୱଳନ୍ତ ଅଗ୍ନି ପ୍ରତିମା ଭଳି ସୀତାଦେବୀ ମୋ ସମ୍ମୁଖରେ ଠିଆ ହୋଇଥିଲେ । ସତରେ ଯେମିତି, ତାଙ୍କ ଶରୀରରୁ ନିର୍ଗତ ଜ୍ୟୋତିରେ ମୁଁ କ୍ଷଣିକରେ ଦଗ୍ଧୀଭୂତ ହୋଇଯିବି । ଆତୁରତାର ସହ ଆମ କୁଳଦେବୀଙ୍କୁ ସ୍ମରଣ କଲି । ପ୍ରଣତି ଜଣାଇଲି ମୋର ଇପ୍‌ସିତ ପ୍ରଭୁ ଶିବଙ୍କୁ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

## ପରିବାର

ରତ୍ନକାନ୍ତି ମିଶ୍ର

ସ୍ନେହମୟୀ ମାତା ଅସୀମ ମମତା
ସତେ ଅମୃତର ଝର
ବାପାଙ୍କ ଆକଟ ଦେଖାଏ ସୁପଥ
ନିଆରା ତାଙ୍କ ଆଦର ।

ଭାଇ ଭଉଣୀଙ୍କ ସେନେହ ଶ୍ରଦ୍ଧାର
ପଟାନ୍ତର ସତେ ନାହିଁ
ଜେଜେ ମା କାହାଣୀ ବୁଢ଼ୀ ଅସୁରୁଣୀ
ପୁରୁଣା କେବେ ନୁହଇ ।

ସଂସ୍କାର ସଂସ୍କୃତି କେତେ ରୀତିନୀତି
ସଂସାର ନିୟମ କଥା
ଗୀତା ଭାଗବତ ପୁରାଣ ମାଧ୍ୟମେ
ଶୁଣେ କେତେ ପୂଣ୍ୟ ଗାଥା ।

ଆପଣାପଣର ସମ୍ବୋଧନ ଲାଗେ
ସତେ କି ମଳୟ ଛୁଆଁ
ଗୁରୁଜନଙ୍କର ଅମ୍ଳାନ ଆଶିଷେ
ବୁଝିଲି ଦେଶ ଦୁନିଆ ।

ସୁରକ୍ଷିତ ନୀଡ଼ ସମ୍ପର୍କ ସୁଦୃଢ
ସରଗ ସୁଖ ଠୁ ବଳି
ହାତ ଧରି ପରା ଶିଖାଇଲା ପାଠ
ସେଇ ଆଦ୍ୟ ଚାଟଶାଳୀ ।

ଶାଶ୍ୱତ ପ୍ରେମର ସମ୍ପର୍କେ ନିହିତ
ଏକତ୍ୱର ଉପଚାର
ଶାନ୍ତି ଶୃଙ୍ଖଳା ଓ ପ୍ରୀତି ବାରି ଧାରା
ଦୃଶ୍ୟ ଯହିଁ ନିରନ୍ତର ।

ହେଉ ଝାଟିମାଟି ଛପର ଘରଟି
ଲାଗେ ସତେ ଶ୍ରୀମନ୍ଦିର,
ସ୍ନେହ ସୋହାଗର ଅସୀମ ସାଗର
ସେଇ ମୋର ପରିବାର ।

+ଆଳି, କେନ୍ଦ୍ରାପଡା
ମୋ: ୮୨୪୯୭୯୯୯୬୧

## ନିଦାଘେ ବସନ୍ତ ସୁଷମା

ଅନୁପମା ବିଶ୍ୱାଳ

ଜୀବନ ବସନ୍ତ ଅମ୍ଳାନ କଥାଟି
ଗାଏ ଯୌବନର ଯଶ
ସମାଜ ସୁଧାରି ମଳୟ ବସନ୍ତ
ମନରେ ଭରେ ହରଷ।

ପୌଢ଼ ବୟସରେ କର୍ମେ ତତ୍ପରତା
ନିଦାଘେ ବସନ୍ତ ପରି
ଲୋକଙ୍କ ବିଶ୍ୱାସ ବଢ଼ାଇ ଦେଇ ସେ
ବୁହାଏ ବରଷା ବାରି।

ଶିକ୍ଷା ସଂସ୍କାରରେ ଜନ ମନ ଧୋଇ
କରି ଜ୍ଞାନ ବିତରଣ
ଦୁର୍ବଳ ଭାବନା ମନରୁ ଦୂରେଇ
ହୋଇଥାନ୍ତି ଦୃଢ଼ମନା।

ବୟସର ଖେଦ ନ ଆସେ ପାଖକୁ
ଯାଏ ବାଟ ଭାଙ୍ଗି ଦେଇ
ସୂର୍ଯ୍ୟ ସମ ହୋଇ ସତତ ଭାସ୍ୱତ
ସମାଜେ ଝଲସୁ ଥାଇ।

ଅଳସ ବିଳାସ କରି ବେଖାତିର
ଗାଇ ଗୌରବର ଗୀତି
ଯୌବନ ସୁଲଭ ଅର୍ଜି ଯଶ କୀର୍ତ୍ତି
ନ ଯାଏ ପ୍ରମୋଦେ ମାତି।

ପ୍ରତିଟି କାର୍ଯ୍ୟରେ ହୋଇ ଯତ୍ନଶୀଳ
କରେ ସମାଜର ହିତ
ତାଙ୍କ ସୌରଭରେ ମହକି ଉଠଇ
ଚିର ଶାଶ୍ୱତ ବସନ୍ତ।

+ସମ୍ବଲପୁର
ମୋ: ୭୯୭୮୫୬୮୩୨୨

## ମିଛ ଅଭିନୟର ରଙ୍ଗଖେଳ

ଶ୍ରୀମତୀ ବନଶ୍ରୀ ଦାଶ

ମୁଠାଏ ଅବିର
ମସ୍ତକରୁ ପାଦ ପର୍ଯ୍ୟନ୍ତ
ରଙ୍ଗର ଆଢୁଆଳରେ ଲୁଚୁଛି
ବୟସ ଗୁଡିକ
ରଙ୍ଗୀନ ପ୍ରଜାପତି ସବୁ
ଉଡ଼ିବୁଲୁଛନ୍ତି ସ୍ମୃତିର ଅନ୍ଧାରୀ ଦିଗରେ
ନିଖୋଜ ଥିବା ଲାଜସିକ୍ତ ପ୍ରେମକୁ
ଫଗୁଣର ବାସ୍ନାଛୁଇଁ ଛୁଇଁ ଯାଉଛି।

ଲାଲ ଗୋଲାପୀ ଶାଗୁଆ ରଙ୍ଗର
ପିଚକାରୀ ପାଣିରେ
ଲିଭାଇବାରେ ଜୋର ସୋର ଲାଗିଛି
ପ୍ରେମ ଛାତିତଳର ଗଦାଏ ନିଆଁକୁ
ଗୋଟିଏ କି
ଅନେକ ହୃଦୟ ସହ ଚାଲିଛି ଖେଳ।

କାହା କାହା ଛାତିରୁ ବୋହିପଡୁଛି
ରକ୍ତମିଶା ଲାଲ ଫଗୁ
ଅସହାୟ ଅଭିନୟର ପିଚକାରୀଖେଳ
ଚାଲିଛି ପୁଣି ସେହି ବଦନାମଗଳିରେ
ପରସ୍ତ ପରସ୍ତ ସାଇତା ଅଲିଭାଦାଗକୁ
ଧୋଇବାର ଅଭିନୟ ମାତ୍ର
ଛାଡ଼ ଏସବୁ ବଜେକଥା
ପ୍ରେମର କଥା ହେବା।

ହଁ ପ୍ରେମର କଥା
ମୁଁ ତ ରଙ୍ଗୀନ ହୋଇସାରିଛି
ଯେବେଠାରୁ ବାସ୍ନାହୀନ ପଳାସଗଛରେ
କାଢି ଧରିବା ଆରମ୍ଭ ହେଲା
ମୁଁ ତ ରଙ୍ଗୀନ ହୋଇସାରିଛି ଯେବେଠାରୁ
ଫଗୁଣର ବାସ୍ନା ଛୁଁଉଁ ଥିଲା
ତମାମ ଶରୀର
ମିଛ ଅଭିନୟ ଟିକେ କରିନେବା।

ଆସ ରଙ୍ଗୀନ କରିଦେବି
କେହିଯେମିତି ଚିହିଁପାରିବେନି
ଲୁଚାଇଦେବି ମୋ ପ୍ରୀତିବହଳ
ପଦ୍ମରଗର ହୃଦୟ ଭିତରେ
ଘୋଡ଼ାଇ ଦେବି ମୁଠାଏ ଅବିରରେ
ମସ୍ତକରୁ ପାଦ ପର୍ଯ୍ୟନ୍ତ ।

+ (ଆଚାର୍ଯ୍ୟା )
ବେତାରଉଦଘୋଷିକା, ଭବାନୀପାଟଣା



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୮୬ ॥

ଦାନବ ମାନଙ୍କ ସଂଖ୍ୟା ବଢାଇବା ପାଇଁ ବ୍ରହ୍ମା କଶ୍ୟପଙ୍କୁ ପୁଣି ତାଙ୍କର ଦୁଇ ପୌତ୍ରୀଙ୍କ ସହିତ ବିବାହ ଦେଇଥିଲେ ।

କାଳକା ଓ ପୁଲୋମାଙ୍କଠାରୁ ବୈଜ୍ଞାନିକ ପଦ୍ଧତିରେ କଶ୍ୟପ ଷାଠିଏ ସହସ୍ର (ଛ ଶହ) ଅସୁରଙ୍କୁ ସୃଷ୍ଟି କରିଥିଲେ । ଏଥିପାଇଁ ନବ ବୟସୀ କିଶୋରୀ ଦୁଇ ଜଣଙ୍କ ଠାରେ ବହୁ ସଂଖ୍ୟକ ଡିମ୍ବାଣୁ ସୃଷ୍ଟି କରି କଶ୍ୟପଙ୍କର ଶୁକ୍ରାଣୁରେ ମିଳିତ କରି ଭ୍ରୁଣ ସୃଷ୍ଟି କରାଯାଇଥିଲା ଏବଂଶହ, ଶହ ନାରୀଙ୍କ ଗର୍ଭ ମଧ୍ୟରେ ରଖାଯାଇଥିଲା । ଦନୁଙ୍କଠାରୁ ମଧ ଏହି ପଦ୍ଧତିରେ ଦାନବ ମାନଙ୍କୁ ସୃଷ୍ଟି କରାଯାଇଥିଲା । ପୌତ୍ରୀ ପତ୍ନୀ ଦୁଇଜଣ କଶ୍ୟପଙ୍କ ନିକଟରେ ରହିଥିଲେ । ସ୍ୱର୍ଭାନୁର କନ୍ୟା ସୁପ୍ରଭାଙ୍କୁ ନମୁଚି ବିବାହ କରିଥିଲେ । ବୃଷପର୍ବାଙ୍କଠାରୁ ଶର୍ମିଷ୍ଠା ଜନ୍ମ ହୋଇ ନହୁଷଙ୍କ ପୁତ୍ର ଯଯାତିଙ୍କୁ ବିବାହ କରିଥିଲେ । ହିରଣ୍ୟ କଶ୍ୟପଙ୍କ ଭଉଣୀ ସିଂହିକା ବିପ୍ର ଚିତ୍ତଙ୍କ ସ୍ତ୍ରୀ ଥିଲେ । ପ୍ରହ୍ଲାଦଙ୍କର ଭଉଣୀ ହୋଲିକା ଥିଲେ । ସିଂ ହିକାଙ୍କର ଶହେ ଏକ ପୁତ୍ର ଥିଲେ । ଏମାନଙ୍କ ମଧ୍ୟରେ ରାହୁ ବଡ଼ ଏବଂ ହେତୁ (ହେତୁବାଦୀ) ସାନ ଥିଲେ । ଏମାନେ ଗ୍ରହ ମାନଙ୍କ ମଧ୍ୟରେ ବିଖ୍ୟାତ ଥିଲେ । ବ୍ୟତିକ୍ରମ ମାନବ ମାନଙ୍କ ଶୁକ୍ରରୁ ସୃଷ୍ଟି (ଯେଉଁ ମାନେ ବାରମ୍ୱାର ଗୋଟିଏ ବଂଶ ରେ ବିବାହ କରିଥିଲେ) କରାଯାଇଥିବା କେତେକ ଅସୁର ମାନଙ୍କର ଆକୃତି ଜୀବ,ଜନ୍ତୁ,ଅସୁର ମିଶ୍ରିତ ଆକୃତି ଥିଲା । କାହାର ମସ୍ତକରେ ଦୁଇଟି ଶୃଙ୍ଗ ଥିଲା, କାହାର କର୍ଣ୍ଣ ହସ୍ତୀପରି ଥିଲା, କାହାର ଦାନ୍ତ ବଡ଼ ବଡ଼ ଥିଲା । କାହାର ଦୁଇଟି ମୁଣ୍ଡ ତ କାହାର ଦଶଟି ହସ୍ତ ଥିଲା । ଏମାନେ ବିକଟକାୟ ଥିଲେ । ଅବା ସେମାନେ ଏହିଭଳି ବିକୃତ ମୁଖା ଓ ଅଙ୍ଗ, ପ୍ରତ୍ୟଙ୍ଗ ବ୍ୟବହାର କରୁଥିଲେ । ହିରଣ୍ୟାକ୍ଷ ଅସୁର ମାନଙ୍କର ରାଜା ତଥା ସେନାପତି ଥିଲେ । ଅସୁର ରାଜ୍ୟ ଛୋଟ ଛୋଟ ରାଜ୍ୟ ମାନଙ୍କରେ ବିଭକ୍ତ ଥିଲା ଏବଂ ସେଠାରେ ବିଭିନ୍ନଭିନ୍ନ ଦାନବ ରାଜା ମାନେ ରାଜତ୍ୱ କରୁଥିଲେ । ସମ୍ଭବତଃ ଏମାନଙ୍କ ରାଜଧାନୀ ଓଡ଼ିଶା, ମଧ୍ୟ ପ୍ରଦେଶ ଆଦି କୌଣସି ସ୍ଥାନ ଥିଲା, ଯେତେବେଳେ କି ଆର୍ଯ୍ୟ ରାଜଧାନୀ ରାଜସ୍ଥାନ ଥିଲା । ସିନ୍ଧୁ ସଭ୍ୟତାକୁ ଜୟଦ୍ରଥଙ୍କ ସମୟ ର ସଭ୍ୟତା ଧାରା ଗଲେ, ରାକ୍ଷୀଗଡ ସଭ୍ୟତା ଏହି ସମୟ ବା ବଳିଙ୍କ ସମୟର ସଭ୍ୟତା ହୋଇପାରେ !! ଯକ୍ଷ ମାନେ ମଧ ପ୍ରାୟ ଦାନବ ଜାତିର ଥିଲେ । ତାଙ୍କର ମାଆ ଇଡ ବିଡା ପାର୍ବତ୍ୟ ଅଞ୍ଚଳର ଝିଅ ଥିଲେ । ଓଡ଼ିଶା, ମଧ୍ୟପ୍ରଦେଶର ଗୁହା ମାନଙ୍କରେ ମଧ ଗୁହ ନାମରେ ଏକ ଜାତି ବାସ କରୁଥିଲେ । ଗୁହ ଶବ୍ଦ ସୁନ୍ଦର ଓ କାର୍ତ୍ତିକଙ୍କ ସହିତ ସମ୍ପର୍କିତ । ହୁଏତ ସ୍ୱର୍ଗପୁର ସ୍ଫଟିକ ଏବଂ ସୁବର୍ଣ୍ଣରେ ତିଆରି ହୋଇଥାଇ ପାରେ ବା ବରଫାବୃତ ଗୃହରେ ସୂର୍ଯ୍ୟ କିରଣ ସ୍ୱର୍ଣ୍ଣ, ମଣି ବା ସ୍ଫଟିକର ଭ୍ରମ ସୃଷ୍ଟି କରୁଥିଲା । ସେହିପରି ଉଭୟ ଦେବତା ଓ ଅସୁର କୃତ୍ରିମ ମୁଖା ଓ ଅଙ୍ଗ ପ୍ରତ୍ୟଙ୍ଗ ବ୍ୟବହାର କରୁଥିଲେ । ପ୍ରାଚୀନ ବିଦେଶୀ ଚିତ୍ରରେ ଶୁକ, ଛାଗଳ ଆଦି ମୁଖ ଦେଖାଯାଏ । ହାତରେ ଗଡୁ ଓ ଶୁକ ପରି ମୁଖ ଥିବା ଏକ ଚିତ୍ର ଠିକ୍ ଶୁକ ମୁନିଙ୍କ ପରି ମନେ ହୁଏ । ଅବଶ୍ୟ ଆଧୁନିକ ବିଜ୍ଞାନରେ ବିଭିନ୍ନ ପ୍ରାଣୀଙ୍କ ମିଶ୍ରିତ ରୂପ ସୃଷ୍ଟି କରାଯାଇ ପାରୁଅଛି । ଦାନବ ମାନଂକ ଗୁରୁ ଥିଲେ ଶୁକ୍ରଚାର୍ଯ୍ୟ । ବରୁଣ ଏବଂ ଚର୍ଷଣୀଙ୍କଠାରୁ ଭୃଗୁ ମୁନୀ ଏବଂ ତାଙ୍କଠାରୁ ଶୁକ୍ରାଚାର୍ଯ୍ୟ ଜନ୍ମ ହୋଇଥିଲେ । ମତାନ୍ତର ରେ ସେ ମହାଦେବଙ୍କ ଉପସ୍ଥ ଦ୍ୱାରରୁ ବହିର୍ଗତ ହୋଇଥିବାରୁ ଏହାଙ୍କ ନାମ ଶୁକ୍ର ହୋଇଅଛି ।ଏହାର ବୈଜ୍ଞାନିକ କାରଣ ହୋଇପାରେ, ଶୁକ୍ରଙ୍କ ବଂଶ ଗତ ସମ୍ପର୍କ ମହାଦେବଙ୍କ ଉପସ୍ଥରେ ଥିଲା ବା ରୁଦ୍ର ମାନେ ତାଙ୍କର ପ୍ରଥମ ପୂର୍ବଜ ଥିଲେ । ଅନ୍ତର୍ବିଜ୍ଞାନରେ ନିଶ୍ଚୟ ନିର୍ଦ୍ଦିଷ୍ଟ କାରଣ ଥିବ । ଶୁକ୍ରଙ୍କର ଦୁଇଜଣ ପୁତ୍ରଙ୍କ ନାମ ଷଣ୍ଡ ଓ ଅମର୍କଏବଂ ଦୁଇ ଜଣ କନ୍ୟାଙ୍କ ନାମ ଅରଜା ଓ ଦେବଯାନୀ । ଶୁକ୍ରଙ୍କର ପତ୍ନୀ ଥିଲେ ପ୍ରିୟବ୍ରତଙ୍କର କନ୍ୟା ଉର୍ଜସ୍ୱତୀ । ଶୁକ୍ର ଅମୃତ ସଞ୍ଜିବନୀ ମନ୍ତ୍ର ଦ୍ୱାରା ମୃତ ରାକ୍ଷସ ମାନଙ୍କୁ ବଞ୍ଚାଇ ଦେଇ ପାରୁଥିଲେ । ଅସୁର ମାନଙ୍କର ଶିଳ୍ପୀଙ୍କ ନାମମୟ ଥିଲା । ଅସୁରମାନେ ଇନ୍ଦ୍ରଜାଲ ଓ ବସ୍ତୁ ବିଜ୍ଞାନରେ ଅତ୍ୟନ୍ତ ବଳ ଶାଳୀ ଥିଲେ । ହିରଣ୍ୟାକ୍ଷ ଓ ହିରଣ୍ୟ କଶ୍ୟପ ବ୍ରହ୍ମାଙ୍କ ବଳରେ ବିଜ୍ଞାନ ଶକ୍ତି ରେ ଅତ୍ୟନ୍ତ ଦକ୍ଷତା ଅର୍ଜ୍ଜନ କରିଥିଲେ । ସେମାନଙ୍କର ବିଜ୍ଞାନର ଉଦ୍ଭାବନ ଦେଖି ଦେବତା ମାନେ ତାଙ୍କୁ ଭୟ କରୁଥିଲେ । ଉଭୟ ଅସୁର ଓ ଦେବତା ମାନେ ଯୋଗ ବଳରେ ଇନ୍ଦ୍ରିୟ ମାନଙ୍କୁ ପରାଜିତ କରି ସିଦ୍ଧି ମାନ ଲାଭ କରୁଥିଲେ ଏବଂ ପଦ ପଦବୀ ମାନ ଗ୍ରହଣ କରିଥିଲେ । ଦେବତାଙ୍କ ସ୍ତୁତିରେ ସୂର୍ଯ୍ୟ, ସମୁଦ୍ର, ତରୁ ଲତା, ବାୟୁ ଏବଂ ପଞ୍ଚଭୂତ ସନ୍ତୋଷ ହୋଇ ସେମାନଙ୍କ ଇଚ୍ଛା ପୂର୍ଣ୍ଣ କରୁଥିଲେ । କିନ୍ତୁ ହିରଣ୍ୟାକ୍ଷ ଓ ହିରଣ୍ୟ କଶ୍ୟପଙ୍କ ମତରେ ସେମାନେ ନିଜେ ହିଁ ଈଶ୍ୱର ଥିଲେ । ଦାନବ ମାନେ ଖୁବ୍ ବଳବାନ୍ ଥିଲେ । ସେମାନେ କେବଳ ବ୍ରହ୍ମା ବା ଶିବଙ୍କ ପାଇଁ ତପସ୍ୟା କରୁଥିଲେ । ସେମାନେ ବିଷ୍ଣୁଙ୍କ ବିରୋଧୀ ଥିଲେ । ବ୍ରହ୍ମାଙ୍କୁ ସନ୍ତୋଷ କରି ସେମାନେ ତପସ୍ୟା ଓ କଠିନ ଅଧ୍ୟବସାୟ ବଳରେ ଜଳ ଶକ୍ତି , ବଜ୍ର ଶକ୍ତି, ଆଲୋକ ଶକ୍ତି, ତାପ ଶକ୍ତି, ବାୟୁ ଶକ୍ତି, ବିଦ୍ୟୁତ୍ ଶକ୍ତି ଇତ୍ୟାଦିକୁ ସ୍ୱୟଂ ହିଁ ପରିଚାଳିତ କରୁଥିଲେ । ତେଣୁ ଗରୁଡ଼ଙ୍କର ଭୟରେ ସର୍ପମାନେ ଯେପରି ପଳାୟନ କରନ୍ତି ସେହିପରି ସେମାନଙ୍କ ଭୟରେ ଦେବତା ମାନେ ସ୍ୱର୍ଗରୁ ପଳାୟନ କଲେ । ଅର୍ଥାତ ସ୍ୱର୍ଗକୁ ବିଶ୍ୱାସ କରିବା ଭଳି ପୃଥିବୀ ରେ ଆଉ କେହି ନଥିଲେ । ନିଜର ବିଶାଳ ଲୌହ ଗଦାକୁ ନିଜ କାନ୍ଧରେ ପକାଇ ହିରଣ୍ୟାକ୍ଷ ମାତାଙ୍କର ଚିର ଶତ୍ରୁ ଦ୍ୱେତା ମାନଙ୍କର ଶାନ୍ତି ଧାମ ସ୍ୱର୍ଗ ପରିକ୍ରମା କରିବାକୁ ଚାଲିଗଲେ । ତାଙ୍କର ଏହି ଅଭିଯାନରେ ତାଙ୍କ ନିକଟରେ ରହିଥିବା ମାତା ଦିତି, ଦନୁ ଓସୁରସା ଅତ୍ୟନ୍ତ ଆନନ୍ଦିତ ହେଲେ । ପୁତ୍ରର ସ୍ୱର୍ଗ ଅଭିଯାନର ଆନନ୍ଦ ଦାୟକ ବାର୍ତ୍ତା ଦେବାପାଇଁ ଦିତି ଦାନବ ମାନଙ୍କୁ କହି ଶୀଘ୍ର ଯାନ ପ୍ରସ୍ତୁତ କଲେ ଓ କଶ୍ୟପଙ୍କ ନିକଟକୁ ଆସି ହସି ହସି ଏହି ଶୁଭ ବାର୍ତ୍ତା ଜଣାଇଲେ । ତାଙ୍କର ଏହି ସମ୍ବାଦ ଦେବାରେ ଅଦିତିଙ୍କର ସନ୍ତାନ ମାନଙ୍କ ପାଇଁ ତୀବ୍ର ଆକ୍ଷେପ ଭରି ରହିଥିଲା । ସେ ବିଦ୍ରୁପ କରି କହିଲେଯେ 'ପ୍ରଜାପତି, ମୋର ପୁତ୍ର ମାନେ ସିନା ଅଭିଶାପରୁ ଦୈତ୍ୟ ହୋଇ ଜନ୍ମ ନେଲେ, କିନ୍ତୁ ତୁମ୍ଭର ମହାଯୋଗୀ ପୁତ୍ର ମାନେ, ଏବେ ହିରଣ୍ୟାକ୍ଷର ବୀରତ୍ୱ ପୂର୍ଣ୍ଣ ସ୍ୱର୍ଗ ଅଭିଯାନର ବାର୍ତ୍ତା ଶୁଣି ସ୍ୱର୍ଗପୁର ଛାଡି ଶୃଗାଳ ପରି ପଳାୟନ କରିଛନ୍ତି । 'ଦିତିଙ୍କ କଥା ଶୁଣି ଚମକି ଉଠିଥିଲେ କଶ୍ୟପ । ପିଲାମାନଙ୍କ ଶୈଶବର ସ୍ମୃତି ତାଙ୍କର ମନେ ପଡିଗଲା । ବେଳେ ବେଳେ ଭୋଜନ ପରେ କଶ୍ୟପ ପ୍ରଶ୍ନ କରୁଥିଲେ,'ଦେବୀ ଅଦିତି, ତୁମେ ତୁମର ଭୋଜନ ଗ୍ରହଣ କରି ସାରିଛତ ?'

'ନାହିଁ ପ୍ରଜାପତି, ଆପଣଙ୍କ ଭୋଜନ ପୂର୍ବରୁ ମୁଁ କେବେ ମଧ ଭୋଜନ କରେନାହିଁ । ତାହା ବ୍ୟତୀତ ଆଦିତ୍ୟ ମାନେ ସିନା ଗୁରୁ ଗୃହରେ ଅଛନ୍ତି, ମୋର ଜ୍ୟୋଷ୍ଠ ପୁତ୍ର ମାନଙ୍କୁ ଶୁକ୍ରାଚାର୍ଯ୍ୟ ଏ ପର୍ଯ୍ୟନ୍ତ ରାଜ ଭବନର ପାଠଶାଳାରୁ ଛାଡି ନାହାନ୍ତି । ବେଳେ, ବେଳେ କଶ୍ୟପ ପଚାରୁଥିଲେ, 'ଦେବୀ, ତୁମେ ନିଜର ସପତ୍ନୀ ଓ ସପତ୍ନୀଙ୍କ ସନ୍ତାନ ମାନଙ୍କର ଏତେ ଯତ୍ନ ନେଉଛ । ସେମାନଙ୍କ ପ୍ରତି ତୁମ ମନରେ ହିଂସା ଭାବ ଆସୁନାହିଁ ? 'ଅଦିତି ମୃଦୁ ହସି ଉତ୍ତର ଦେଉଥି ଲେ,'ଥରେ ତ କହିଛି ଆର୍ଯ୍ୟ, ମୁଁ ଯେଉଁଦିନ ଆପଣଙ୍କୁ ବିବାହ କରିଥିଲି ସେହିଦିନ ଠାରୁ ଆପଣଙ୍କ ସହିତ ଆପଣ ଙ୍କର ପିତା, ମାତା, ଭାଇ, ଭଗ୍ନୀ, ବନ୍ଧୁ, କୁଟୁମ୍ବ ସମସ୍ତଙ୍କ ସହିତ ଏକ ନିବିଡ ଆତ୍ମିକ ବନ୍ଧନରେ ବାନ୍ଧି ହୋଇଯାଇଛି । ନିଜ ପରିବାରକୁ ତ୍ୟାଗକରି ଆପଣଙ୍କ ବଂଶ ଓ ପରିବାରର ରୀତିନୀତି, ପରମ୍ପରା ଓ ସଂସ୍କୃତିକୁ ଆପଣାର କରି ନେଇଛି । ଯାହା ଆପଣଙ୍କର, ତାହା ମଧ ମୋର ଅଟେ । ମୁଁ ଜାଣେ, ଜଣେ ପତ୍ନୀ ତାର ପତିଙ୍କୁ ସନ୍ତୋଷ କରିବା ଅପେକ୍ଷା ତାଙ୍କର ଆତ୍ମୀୟ ମାନଙ୍କୁ ସନ୍ତୋଷ କରି ପାରିଲେ ସେ ଅଧିକ ସନ୍ତୋଷ ହୁଅନ୍ତି । ମୋହର ମନ ନିର୍ମଳ ଅଟେ । ଚତୁର୍ବର୍ଗ ଫଳ ଲାଭ କରିବାରେ ମୋର କୌଣସି ଅଭିଳାଷ ନାହିଁ । ମୁଁ ଜାଣେ, ମୁଖରେ ନକହିଲେ ମଧ ଏହି ଗୃହର ସୁପରି ଚାଳନା ପାଇଁ ଆପଣ ମୋ ଉପରେ ନିର୍ଭର କରନ୍ତି । ଏହି ଗୃହର ସେବକୀ ଭାବରେ ଆପଣଙ୍କର ସମସ୍ତ ପ୍ରିୟ କାର୍ଯ୍ୟ କରିଯିବାରେ ହିଁ ମୋର ଆନନ୍ଦ । ମୋହ ଭିତରେ ଏପରି କୌଣସି ଅପୂର୍ଣ୍ଣତା ନାହିଁ ଯେ ଅନ୍ୟ ଜଣେ ତାହା ଆପଣଙ୍କୁ ଦେଇ ପାରୁଛି ଭାବି ମୁଁ ତାକୁ ଈର୍ଷା କରିବି ।'

' ଯଥାର୍ଥ ଦେବୀ, ତୁମେ ସ୍ୱୟଂ ସଂପୂର୍ଣ୍ଣା ଅଟ' ।

ଅଦିତିଙ୍କର ହସ, ହସ ମୁଖ, ନିରଳସ କାର୍ଯ୍ୟ ତତ୍ପରତାରୁ ପ୍ରେରଣା ପାଇ ସେ ପୁଣି ନିଜ ବିଜ୍ଞାନ ଶାଳାକୁ କାର୍ଯ୍ୟ କରିବାକୁ ଚାଲି ଯାଉଥିଲେ । ସେତେବେଳକୁ ଏକ ଭୟଙ୍କର ପ୍ରଳୟ ଓ ମୀନ ଅବତାର ସଂଘଟିତ ହୋଇ ସାରିଥିଲା ।

ପୃଥିବୀର ଅଧିକାଂଶ ସ୍ଥାନରେ ଏହି ପ୍ରଳୟ ଜନ ଜୀବନକୁ ବିପର୍ଯ୍ୟସ୍ତ କରି ଦେଇଥିଲା । କାହା ମତରେ ଦେବତା ସମୁଦ୍ର ଭିତରକୁ ଏକ ବାଣ ମାରିଥିଲେ ଓ ସେହି ବାଣର ଆଘାତରେ ପ୍ରଳୟ ହୋଇଥିଲା । ବାସ୍ତବରେ ସମୁଦ୍ର ଭିତରେ ଏକ ଭୂମିକମ୍ପ ଏହି ପ୍ରଳୟର କାରଣ ଥିଲା । ଈଶ୍ୱର ବିଭିନ୍ନ ସ୍ଥାନକୁ ଡ଼ଙ୍ଗା ଓ ବୋଇତ ଆଦି ପଠାଇ ଲୋକ ମାନଙ୍କୁ ଉଦ୍ଧାର କରିଥିଲେ । କିନ୍ତୁ ଆୟୁର୍ବେଦ ଆଦି ଥିବା ଏକ ନୌକାକୁ ଏକ ବିଶାଳ ମୀନ ବାହି ନେଇଥିଲେ । ସେହି ସମୟରେ ବ୍ରହ୍ମାଙ୍କ କଳ୍ପ ବଟ ବା ସୃଷ୍ଟିକୁ ରକ୍ଷା କରିବା ପାଇଁ ଏକ ନୌକାରେ ଲୋକ ମାନଙ୍କୁ ଉଦ୍ଧାର କରି ନେଉଥିବା ବେଳେ ଗୋଟିଏ ବିଶାଳ ମୀନ ବୋଧ ହୁଏ ଏହି କୈବର୍ତ୍ତଙ୍କୁ ଗିଳି ଦେଇଥିଲା । ସେହି ଦିନରୁ ପ୍ରତି ବଦଳ ନେବା ପାଇଁ ମାଛ ମାରି ବିକ୍ରି କଲେ କୈବର୍ତ୍ତ ମାନଙ୍କର ର କୌଣସି ପାପ ହେବନାହିଁ ବୋଲି ବ୍ରହ୍ମା ବର ଦେଇଥିଲେ । କିନ୍ତୁ ତାଙ୍କଠାରୁ ଜନ୍ମିତ ଦନୁଙ୍କର ସେହି ଅଶ୍ୱ ମୁହାଁ, ରସିକିଆ, ସବୁବେଳେ ହିଁ, ହିଁ ହୋଇ ହସୁଥିବା ସେହି ହୟଗ୍ରୀବ ଯେ ଏତେ ଧୂର୍ତ୍ତ, ଏତେ ବିଶ୍ୱାସ ଘାତକ ହେବ, ସେକଥା କିଏ ଜାଣିଥିଲା ? ତାର ମାଆ ମଧ ସେହି ଦତ୍ତ କୈବର୍ତ୍ତ ବଂଶ ର କନ୍ୟା ଥିଲେ । ପିଲା ଦିନରୁ ସେ ମୁନି, ଋଷି, ଆର୍ଯ୍ୟ ଓ ଦେବତା ମାନଙ୍କୁ ବହୁତ ହଇରାଣତ କରୁଥିଲା, ତଥାପି ତାକୁ କଶ୍ୟପ ସଂଭାଳି ନେଉଥିଲେ । କିନ୍ତୁ ଯେଉଁ ଦିନ ସେ ବ୍ରହ୍ମାଙ୍କ ଲିଖିତ ବେଦକୁ ଅପହରଣ କରି କ୍ରୌଞ୍ଚ ଦ୍ୱିପକୁ ଚଂପଟ ମାରିଥିଲା ?

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ବିଜୟା ଦଶମୀ ମହୋତ୍ସବ ପାଳିତ

ଭଦ୍ରକ,୦୯/୪(ନି।ପ୍ର): ଭଦ୍ରକ ଜିଲା ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ସେମବାର ବିଜୟା ଦଶମୀ ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ବ୍ଲକର ବିଭିନ୍ନ ଅଂଚଳରୁ ୪୧ଟି ସୁସଜ୍ଜିତ ମେଢ଼ ଶୋଭା ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହୋଇଥିଲା। ତିହିଡ଼ି କଲେଜ ଛକ ଓ ତହସିଲଛକ ନିକଟରୁ ପ୍ରଜ୍ଞାପନ ମେଢ଼ ବାହରି ସ୍ଥାନୀୟ ପକ୍କାଘାଟ ପୋଖରୀ ନିକଟରେ ଥିବା ଶ୍ରୀରାମ ମନ୍ଦିର ନିକଟରେ ପହଂଚିଥିଲେ। ସେଠାରେ ମେଢ଼ଙ୍କୁ ପୂଜାର୍ଚ୍ଚନା କରାଯାଇ ଭୋଗ ଲଗାଯିବା ପରେ ମେଢ଼ ଗୁଡ଼ିକ ନିଜ ନିଜ ସ୍ଥାନକୁ ପ୍ରତ୍ୟାବର୍ତନ କରିଥିଲେ। ଏହି ଶୋଭାଯାତ୍ରା ସନ୍ଧ୍ୟା ୭ଟା ଠାରୁ ଆରମ୍ଭ ହୋଇ ଭୋର ୫.୩୦ ପର୍ଯ୍ୟନ୍ତ ଚାଲିଥିଲା। ବିଶେଷ ଭାବେ ମଙ୍ଗରାଜପୁର, ତିହିଡ଼ି, ହରିପୁର, ବାହାବଳପୁର, ସୟା, ବିଦ୍ୟାଧରପୁର, ଆରସା, ଝିଙ୍କିରିଆ, ଶର୍ଙ୍ଗିଡ଼ା, ଫତେପୁର, ବିନ୍ଧା, ସିନ୍ଦୋଳ, ମଙ୍ଗଳପୁର, କୋହ୍ଲ, ବାଉଁଶବାଗ, ବାଲିଚତୁରୀ, ସହିଦନଗର, ଗୁଡୁପାଳ, ମହରମପୁର, ପାଳିଆ ହାଟ, ଧଳିପୋଲ, ନନ୍ଦୋର, ବିଭୂତିପୁର, ଦୋଳସାହି, ଇଟାଗଡ଼ି, ସାଠିବାଟି, ତାଳପଦା, ନୂଆଶାସନ, ବିଲଣା, ବାରୋ, କୁବେରା, ବୋଡ଼କ, ତଳଗୋପବିନ୍ଧା, ଦୋଳସାହି ଇତ୍ୟାଦି ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁ ବାଜା ରୋଷଣୀ ଓ ଡିଜେ ବଜାଇ 'ଜୟ ଶ୍ରୀରାମ' ଧ୍ୱନିରେ ଶୋଭାଯାତ୍ରା କରି ମେଢ଼ ଗୁଡ଼ିକୁ ଶ୍ରୀରମ ମନ୍ଦିର ନିକଟକୁ ଆଣିଥିଲେ। ଶୋଭାଯାତ୍ରାରେ ହଜାର ହଜାର ରାମଭକ୍ତ ଓ ଶ୍ରଦ୍ଧାଳୁ ଗେରୁଆ ପୋଷାକ ଓ ପଗିଡ଼ି ପିନ୍ଧି ଜୟ ଶ୍ରୀରାମ ଧ୍ୱନିରେ ତିହିଡ଼ି ଅ ଳକୁ ପ୍ରକମ୍ପିତ କରିଥିବା ବେଳେ ଡିଜେ ସାଉଣ୍ଡ ଓ ଆଲୋକମାଳା ବେଶ୍ ଆକର୍ଷିତ କରିଥିଲା। ଶ୍ରୀରାମ ନବମୀ ସମିତିର ସମିତିର ସଭାପତି କିଶୋର ନାୟକ, ସମ୍ପାଦକ ଯଯାତି ଦାସ, କୋଷାଧ୍ୟକ୍ଷ ନୀଳମଣି ସାବତ, ସର୍ବବ୍ୟବସ୍ଥା ପ୍ରମୁଖ ସୀତାକାନ୍ତ ନାୟକ, ଉପଦେଷ୍ଟା ରଘୁନାଥ ପାତ୍ର, ବିଶ୍ୱଜିତ ବେହେରା, ଦେବବ୍ରତ ପାଢ଼ୀ, ଶୁକଦେବ ମଲିକ, ଗଙ୍ଗାଧର ଦତ, କାର୍ଯ୍ୟକର୍ତା ଅଜୟ ନାୟକ, ପ୍ରଶାନ୍ତ ବଳ, ତପନ ପଣ୍ଡା, କେଶବ ବେହେରା, ତପୁନୁ ପାଣି, ଜୟପ୍ରକାଶ ବେହେରା, ହରିଶ୍ଚନ୍ଦ୍ର ନାୟକ, ନିତ୍ୟାନନ୍ଦ ନାୟକ, ଚନ୍ଦ୍ରକାନ୍ତ ନାଥ, ପ୍ରିୟବ୍ରତ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ସଭାପତି ଭଗବାନ ପଣ୍ଡା, ଦୀନବନ୍ଧୁ ପତି, ଉଦୟନାରାୟଣ ମଲ୍ଲିକ, ବୁଦ୍ଧଦେବ ଜେନା, ଅଜୟ ନାୟକ, ସରପ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ ଓ ସଂଜୀବ ବେହେରା, ରାଜକିଶୋର ନାୟକ, ଉଷାକାନ୍ତ ନାୟକ, ପ୍ରତାପ ଜେନା, ତପନ ପାଢ଼ୀ, ସଂଗ୍ରାମ ମହାନ୍ତି, ଦେବେନ୍ଦ୍ର ପୁହାଣ, ମୁକ୍ତିକାନ୍ତ ନାୟକ, ପ୍ରମୋଦ ଦାସ, ସରୋଜ ନାୟକ, ଉମାକାନ୍ତ ଦାସ, ଦେବବ୍ରତ ପାଢ଼ୀ, ସୂର୍ଯ୍ୟନାରାୟଣ ଭୋଇ, ଦୁର୍ଗାପ୍ରସନ୍ନ ନାୟକ, ରତିକାନ୍ତ ଦାସ, ଜୟନ୍ତ ନାୟକ, ବିଶିଷ୍ଟ କଥାକାର ପବିତ୍ର ପାଣିଗ୍ରାହୀ, ଶଶାଙ୍କ ଶେଖର ରାଉଳ, ଭରତ ସାହୁ, ଶିକ୍ଷାବିତ୍ ସୋମନାଥ ପାଢ଼ୀ, ଗାଳ୍ପିକ ଡ. ଲକ୍ଷ୍ମୀଧର ତ୍ରିପାଠୀ ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଅତିରିକ୍ତ ଏସପି ବାସୁଦେବ ସ୍ୱାଇଁ, ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ଏସଆଇ ଅରୁନ୍ଧତୀ ବେହେରା, ଏସଆଇ କମଳାକାନ୍ତ ଶତପଥି, ପ୍ରଣବ ଗିରି, ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା ପ୍ରମୁଖଙ୍କ ସମେତ ୧୫ ପୁଲିସ ଅଧିକାରୀ ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ୭ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଶୋଭା ଯାତ୍ରା ସମୟରେ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀରାମନବମୀ ସମିତି, ବିଷ୍ଣୁ ସେନା, ତିହିଡ଼ି ଯୁବ ମଂଚ, ପକ୍ଷରୁ ଅନ୍ନ ପ୍ରସାଦ ବଂଟନ କରାଯାଇଥିବା ବେଳେ ଗୋପବନ୍ଧୁ ସେବା ସଂଘ, ମଣିଶଙ୍କର ସେବା ସଂଗଠନ, ଉତ୍କଳମଣି ସେବା ସଂଘ, ପ୍ରଦେଶ ସେବା ସଂଗଠନ, ଜୀବନଜ୍ୟୋତି ସଂଗଠନ, ମା' ଶ୍ୟାମା ଅଟୋ, ୟୁନିକ୍ ବୟେଜ, ଶ୍ରୀରାମ ସେବା ସଂଗଠନ, ତିହିଡ଼ି ୟୁଥ୍ କ୍ଲବ, ଡା. ଚିତରଂଜନ ଜେନା, ଜୀବନବିନ୍ଧୁ ମେଡିକେୟାର ଓ ତିହିଡ଼ି ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସର୍ବତ, ଲସି, ଟଙ୍କତୋରାଣି, ଓଆରଏସ ଓ ଜଳ ବଂଟନ କରାଯାଇଥିଲା।

# ୪ ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା : ପାରାଦୀପ ବନ୍ଦର, ବ୍ୟାଙ୍କ୍, କୋଷ୍ଟ ଗାର୍ଡ ବିଜୟୀ ଓ କେଆଇସିଟି ଓ ଜେଏସଡବ୍ଲୁ ମ୍ୟାଚଟି ଟାଇ



ପାରାଦ୍ୱୀପ ୯/୪ ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ୮ ତାରିଖ ଠାରୁ ଆରମ୍ଭ ହୋଇଥିବା ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିନ ପ୍ରଥମ ମ୍ୟାଚରେ ଆଇଓସିଏଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ୱିକେଟ ବିନିମୟରେ ୮୩ ରନ କରିଥିଲା । ବ୍ୟାଙ୍କରସ ଆଣ୍ଡ ଇଁସୁରଂସ୍ ପକ୍ଷରୁ ଶୁଭେନ୍ଦୁ ରାଉତ ୧୭ରନ ଦେଇ ୫ଟି ଉଇକେଟ ନେଇଥିଲେ । ଜବାବରେ ବ୍ୟାଙ୍କର ଆଣ୍ଡ ଇଁସୁରେଁସ୍ ୮.୩ ଓଭରରେ ୩ ୱିକେଟ ବିନିମୟରେ ୮୪ ରନ କରି ୭ ୱିକେଟରେ ବିଜୟୀ ହୋଇଥିଲା । ୨ୟ ମ୍ୟାଚ୍ ଗୋଆ କାର୍ବନ ଓ କୋଷ୍ଟ ଗାର୍ଡ ମଧରେ ଖେଳାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ଗୋଆ କାର୍ବନ ୯ ୱିକେଟ ହରାଇ ୬୨ ରନ କରିପାରିଥିଲା ଓ ଜବାବରେ କୋଷ୍ଟ ଗାର୍ଡ ୫.୩ ଓଭରରେ ୧ୱିକେଟ ବିନିମୟରେ ୬୭ରନ କରି ୯ ୱିକେଟରେ ବିଜୟୀ ହୋଇଥିଲା । ସେହିପରି ୩ୟ ମ୍ୟାଚରେ ଟୀଏମଆଇଏଲ ପାରାଦୀପ ପୋର୍ଟ ବିରୁଦ୍ଧରେ ସମସ୍ତ ୱିକେଟ ହରାଇ ମାତ୍ର ୨୮ ରନ କରିଥିଲା । ଜବାବରେ ପାରାଦୀପ ବନ୍ଦର ୩.୩ ଓଭରରେ ମାତ୍ର ୧ ୱିକେଟ ବିନିମୟରେ ୨୯ରନ କରି ୯ ୱିକେଟରେ ବିଜୟୀ ହୋଇଥିଲା । ୪ର୍ଥ ମ୍ୟାଚରେ ଜେଏସଡବ୍ଲୁ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୬୩ ରନ କରିଥିଲା । ଜବାବରେ ନିର୍ଧାରିତ ଓଭରରେ କେଆଇସିଟି ୯ ଉଇକେଟ ହରାଇ ୬୩ ରନ କରିଥିଲା । ଫଳରେ ମ୍ୟାଚଟି ଟାଇ ହୋଇଥିଲା । ଦୁଇ ଦଳ ପଏଣ୍ଟ ଭାଗ କରିଥିଲେ।

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

କେନ୍ଦୁଝର,୦୯/୪(ନି।ପ୍ର): କେନ୍ଦୁଝର ଏଡିଜେ କୋର୍ଟର ବିଚାରପତି ମମିତା ଦାସ ମଙ୍ଗଳବାର ଏକ ନରହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଅମର ସିଂ ବିରୁଆ(୩୫), ପିତା-ଦୁବରାଜ ବିରୁଆ, ଗ୍ରାମ-ଦୁବିଲା, ଥାନା-ମଞ୍ଜହରି, ଜିଲ୍ଲା-ୱେଷ୍ଟସିଂହଭୁମ କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ମୃତକ ରାମଚନ୍ଦ୍ର ନାଏକ ସୁଣ୍ଡୁରା ଗ୍ରାମ ତା ୨୫।୩।୨୦୧୫ ରିଖରେ କାହାକୁ ନକହି କେଉଁଆଡେ ଘରୁ ଚାଲି ଯାଇଥିଲେ ଏବଂ ଘରକୁ ନଫେରିବାରୁ ତାଙ୍କ ପୁଅମାନେ ଖୋଜାଖୋଜି କରିବାରୁ ବସନ୍ତପୁର ରାସ୍ତାରେ ମରି ପଡିଥିବାର ପାଇଥିଲେ ଏବଂ ମୃତକଙ୍କ ଶରୀରରୁ ଗନ୍ଧ ବାହାରୁଥିଲା ଏବଂ ତାର ପରିଧାନରୁ ତାଙ୍କ ପୁଅମାନେ ମୃତକ ଜଣକ ତାଙ୍କ ବାପା ବୋଲି ଚିହ୍ନି ପାରିଥିଲେ ଏବଂ ତା ୩୧।୩।୨୦୧୫ ରିଖରେ ନୟାକୋଟ ଥାନାରେ ମୃତକଙ୍କ ପୁଅ ମନ ନାଏକ ଏକ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନଂ ୧୩ ତା ୩୧।୩।୨୦୧୫ ରିଖରେ ଏକ କେଶ ରୁଜୁ ହୋଇ ପୋଲିସ ଅନୁସନ୍ଧାନ କରି ଉପରୋକ୍ତ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମଙ୍ଗଳବାର ଦିନ କେନ୍ଦୁଝର ଏଡିଜେ କୋର୍ଟର ବିଚାରପତି ମମିତା ଦାସ ୧୯ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତି କରି ଅଭିଯୁକ୍ତକୁ ଉକ୍ତ ହତ୍ୟା ମାମଲାରେ ଦୋଷୀ ପାଇ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ଅଭିଯୁକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ କୁମାର ପାତ୍ର କେଶ ପରିଚାଳନା କରୁଥିଲେ।

# ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ ମିଶ୍ରଙ୍କୁ ଜନ୍ମ ଦିନରେ ସମ୍ବର୍ଦ୍ଧନା

ଭୁବନ,୦୯/୪(ନି।ପ୍ର): ଭୁବନ ଗାୟତ୍ରୀ ଭବନ ଠାରେ ଓଡିଶା ପୂଜ୍ୟ ପୂଜା ପରିଷଦ ଓ ଭୁବନ ଆଂଚଳିକ ସାହିତ୍ୟ କଳା ସେବା ପରିଷଦ ମିଳିତ ଆନୁକୁଲ୍ୟରେ ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ରଙ୍କ ୭୯ ତମ ଜୟନ୍ତୀ ( ଜନ୍ମ ଉତ୍ସବ ) ପାଳନ କରାଯାଇଅଛି । ସେବରନ୍ ଶିକ୍ଷାବିତ୍ ବିପ୍ରବର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ପ୍ରମୋଦ ବାବୁ ଢ଼େଙ୍କାନାଳ ଜିଲ୍ଲାର ଗର୍ବ ଗୌରବ ଓ ଏକ ଅନନ୍ୟ ପ୍ରତିଭା । ଶ୍ରୀ ମିଶ୍ର ୯ ଟି ଜିଲ୍ଲାର ଇତିହାସ ଲେଖି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବହୁବାର ପୁରସ୍କୃତ ହୋଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂସ୍କୃତି ବିଭାଗ ଉପ ସଭାପତି ବିଶିଷ୍ଟ ପାଲା ଗାୟକ ଅଶୋକ କୁମାର ସାମଲ ଯୋଗଦେଇ ପଣ୍ଡିତ ମିଶ୍ର ସର୍ବ ପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ କୁ ସଂସ୍କୃତ,ହିନ୍ଦୀ ଓ ଇଂରାଜୀ ଭାଷାରେ ଲେଖି ପଦ୍ମଶ୍ରୀ ଡ଼ଃ ରାଧାନାଥ ରଥ ଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଏଭଳି ମହାନ ବ୍ୟକ୍ତି ଅଦ୍ୟାବଧି କେନ୍ଦ୍ର ସରକାରଙ୍କ ପଦ୍ମଶ୍ରୀ ପୁରସ୍କାର ନପାଇବା ଦୁଃଖର ବିଷୟ ବୋଲି କହିଥିଲେ । ପଣ୍ଡିତ ମିଶ୍ର ୪୫ ଖଣ୍ଡ ଉପାଦେୟ ପୁସ୍ତକ ର ସୁଲେଖକ ବୋଲି ଅନ୍ୟତମ ସମ୍ମାନିତ ଅତିଥି କବି,ନାଟ୍ୟକାର ପ୍ରଶାନ୍ତ ଦ୍ୱିବେଦୀ ସୂଚନା ଦେଇଥିଲେ। ଏହି ଅବସରରେ ସାରସ୍ୱତ ସାଧକ ବାଣୀଶ୍ରୀ ରବୀନ୍ଦ୍ର କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଭୁବନ ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟ ଅଧକ୍ଷା ଶ୍ରୀମତୀ ସୁପ୍ରିମୟୀ ସେନ, କବୟିତ୍ରୀ ବିଳାସିନୀ ପୃଷ୍ଟି, ତୁଳସୀ ରାଣୀ ବେହେରା, ବିଳାସିନୀ ମିଶ୍ର,ବାସନ୍ତୀ ମିଶ୍ର,ଶାନ୍ତିଲତା ମିଶ୍ର, କବି ଚିତ ରଞ୍ଜନ ମିଶ୍ର, କମଳାଦିତ୍ୟ ନାଥ, ସୁବାଷ ଚନ୍ଦ୍ର ମିଶ୍ର,ମହେନ୍ଦ୍ର ମହାପାତ୍ର, ଅମ୍ବିକେଶ ମିଶ୍ର, ଚିତ୍ରଶିଲ୍ପୀ ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ ମାଧମରେ ପଣ୍ଡିତ ମିଶ୍ର ଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ ।

# ବିଜ୍ଞାନ କାରିଗରୀ, ଶ୍ରମ ଏବଂ ରାଜ୍ୟ କର୍ମଚାରୀ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ୩ ଦିନିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତ

ଖୋର୍ଦ୍ଧା,୦୯/୪(ନି।ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମିଳନ୍ନୀ କକ୍ଷରେ ଖୋର୍ଦ୍ଧା ଜିଲ୍ଲା ଉନ୍ନୟନ ତଦାରାଖ ଦାୟିତ୍ୱରେ ଥିବା ଓଡିଶା ସରକାରଙ୍କ ବିଜ୍ଞାନ କାରିଗରୀ, ଶ୍ରମ ଏବଂ ରାଜ୍ୟ କର୍ମଚାରୀ ବୀମା ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲକ୍ଷ ମାଜିଷ୍ଟ୍ରେଟ ଚଂଚଳ ରାଣାଙ୍କ ଉପସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଗୁଡ଼ିକର ଅଗ୍ରଗତି ରେ ଉପୁଜୁଥିବା ସମସ୍ୟା ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖଭାବେ ସମୀକ୍ଷା କରି କ୍ଷେତ୍ର ପରିଦର୍ଶନ କରିଛନ୍ତି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା ନିଜ ନିଜ ବିଭାଗ ଦାୟିତ୍ୱରେ ଥିବା କାର୍ଯ୍ୟାବଳୀ ସମ୍ପର୍କରେ ପ୍ରମୁଖ ଶାସନ ସଚିବ ଏବଂ ଜିଲ୍ଲାପାଳଙ୍କୁ ବୁଝାଇଥିଲେ। ପରେ ପ୍ରମୁଖଶାସନ ସଚିବ ବିଭାଗୀୟ ସମସ୍ତ ଅଧିକାରୀ ଓ ଲାଇନ ଡିପାର୍ଟମେଂଟ ଯନ୍ତ୍ରୀଙ୍କୁ ପ୍ରକଳ୍ପର ଅଗ୍ରଗତି ଓ ରୁପାୟାନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ ପଚାରି ବୁଝି ଥିଲେ । ବର୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଜନସାଧାରଣଙ୍କ ସୁରକ୍ଷା, ପାନୀୟ ଜଳ, ଜଳଛତ୍ର କେନ୍ଦ୍ର, ପଶୁପକ୍ଷୀ ମାନଙ୍କ ନିମନ୍ତେ ଜଳକୁଣ୍ଡ ବ୍ୟବସ୍ଥା, ନଳକୂପ ବ୍ୟବସ୍ଥା, ଜଳକ୍ଲିଷ୍ଟ ଅଂଚଳରେ ପାନୀୟ ଜଳ ଯୋଗାଇଦେବା ଉପରେ ଗୁରୁତ୍ୱଆରୋପ କରିଥିଲେ । ଜିଲ୍ଲାରେ ୩୬୮ଟି ଜଳଛତ୍ର କେନ୍ଦ୍ର ମଧ୍ୟରୁ (ଗ୍ରାମାଂଚଳ ୨୭୩ ଓ ସହରାଂଚଳରେ ୯୫),ଛାମୁଡ଼ିଆ ୮୨ ଗୋଟି ନିର୍ମାଣ କରାଯାଇଅଛି । ଜିଲ୍ଲାରେ ୧୭୧୯୩ ଟି ନଳକୂପ ଥିବାବେଳେ, ଅଭିଯୋଗ ଆସିଲେ ୪୮ଘଂଟା ମଧରେ ସମାଧାନ କରାଯାଉଛି ବୋଲି ଗ୍ରାମ୍ୟ ଜଳାଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ । ଜଳକ୍ଲିଷ୍ଟ ପ୍ରଭାବିତ ୬୪ ଟି ପକେଟରେ ଟ୍ୟାଙ୍କରଯୋଗେ ଜଳ ଯୋଗାଇବା, ଯେନସେଟ ମହଜୁଦ କରି ରଖିବା, ଅଂଶୁଘାତ ରୋଗୀଙ୍କ ସେବା ନିମନ୍ତେଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ଟି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ଟି ଏବଂ ପ୍ରତ୍ୟକ ପ୍ରାଥମିକ ଚିକିତ୍ସା ଳୟରେ ଗୋଟିଏ ଶୀତାତାପ ନିୟନ୍ତ୍ରଣ କକ୍ଷ ସଂରକ୍ଷଣ କରି ରଖାଯାଇଛି । ୩୧ଗୋଟି ପାଣି ଟ୍ୟାଙ୍କର ଓ ୮ଗୋଟି ଯେନସେଟ ରଖା ଯାଇଛି କ୍ଷ ଗତ ୨୦୧୩ ରେ ଜଣେ, ୨୦୨୪ ରେ ୨ ଜଣ ଅଂଶୁଘାତ ମୃତ୍ୟୁ ହୋଇଥିବା ବେଳେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ କୌଣସି ଅଂଶୁଘାତ ଜନିତ ମୃତ୍ୟୁ ହୋଇନାହିଁ ବୋଲି ଡେପୁଟି କଲେକ୍ଟର ଜରୁରୀ ପ୍ରମୁଖ ସଚିବଙ୍କୁ ତଥ୍ୟ ପ୍ରଦାନ କରିଥିଲେ। ସେହିପରି ରାଜସ୍ୱ ଏବଂ ବିପର୍ଯ୍ୟୟ ପରି ଚାଳନା ବିଭାଗ ଅଧୀନ ଏକହଜ୍ରତ ମହଲ, ରାଜସ୍ୱ ଭବନ, ଟାଙ୍ଗୀ ତହସିଲ ଅଧିନ ପ୍ରତ୍ୟାକ୍ଷିତ ବଙ୍ଗାଳୀ ପରିବାର ପାଇଁ ରହିବା ସ୍ଥାନ, ଉପ ନିବନ୍ଧକ କାର୍ଯ୍ୟାଳୟରେ ବିଜୁଳି ଆଲୋକ ଯୋଗାଣ, ବିଭାଗରେ କର୍ମଚାରୀ ନିଯୁକ୍ତି ଆଦି ସମସ୍ୟା ଗୁଡିକ ଉପରେ ପ୍ରମୁଖ ଶାସନସଚିବ ଙ୍କୁ ଅବଗତ କରାଯାଇଥିଲା ସେହିପରି ସ୍ୱାସ୍ଥ୍ୟ ବିଭାଗରେ ଆଇ ସି ୟୁ ଡାକ୍ତର,ଅକ୍ସି ଜେନ ପ୍ଲାଂଟର ଭିତିଭୂମି ମଜବୁତ କରିବା, ଭେଷଜ ବିଶେଷଜ୍ଞ ନିଯୁକ୍ତି, ଅଲଟ୍ରା ସାଉଣ୍ଡ, ସିଟି ସ୍କାନ, ଏମ ଆର ଆଇ ଯନ୍ତାଂଶକୁ ଆଧୁନିକରଣ କରିବା ପମୁଖ ସଚିବଙ୍କୁ ଅବଗତ କରାଯାଇଥିଲା । ଜିଲ୍ଲାରେ ୫୧୬ ଡାକ୍ତର ମଞ୍ଜୁରୀ ପଦବୀ ଥିବାବେଳେ ୨୪୭ କାର୍ଯ୍ୟରତ ଅଛନ୍ତି ୨୬୯ ଟି ଖାଲି ପଦବୀ ଅଛି । ଜିଲ୍ଲାରେ ଖାଉଟି କଲ୍ୟାଣରେ ୪୪୬୭୪ ନୂତନ ରେଶନ କାର୍ଡ ପାଇଁ ଆବେଦନ କରିଛନ୍ତି । ଜିଲ୍ଲାରେ ୩୧୯ ଅର୍ଦ୍ଧ ନିର୍ମିତ ଅଙ୍ଗନବାଡି କେନ୍ଦ୍ରକୁ ସମ୍ପୂର୍ଣ ନିର୍ମାଣ କରିବା ପାଇଁ ୫କୋଟି ୮୬ ଲକ୍ଷ ୫୦ହଜାର ଆବଶ୍ୟକ । ନୂତନ ଭାବେ ୩୮ ଗୋଟି ଅଙ୍ଗନ ୱାଡ଼ି ନିର୍ମାଣ ନିମନ୍ତେ ୨କୋଟି ୫୬ଲକ୍ଷ ଆବଶ୍ୟକ ଅଛି । ଜିଲ୍ଲାରେ ୨୫୧୪ ଟି ଅଙ୍ଗ୍ୱାଡି କେନ୍ଦ୍ରରେ ୧ଲକ୍ଷ ୧୬ହଜାର ୮୦୧ପିଲା ଅଛନ୍ତି । ଜିଲ୍ଲା ରେ ଅନୁସୂଚିତ ଜନଜାତି ଓଡ଼ିଆ ଅନୁସୂଚିତ ଜାତି ଛାତ୍ର ବୃତି, ରାସ୍ତା ଓ କୋଠାବାଡି ବିଭାଗ କାର୍ଯ୍ୟ, ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକାରଣ ସଡ଼କ ପଥ, ଓ ପି ଟି ସି ଏଲ କାର୍ଯ୍ୟ, ପ୍ରାଚୀ ଡିଭିଜନ କାର୍ଯ୍ୟ ଜଳ ସମ୍ପଦ, ଉଦ୍ୟନ କୃଷି, କୃଷି, ଅଣୁ କ୍ଷୁଦ୍ର ମଧମ ଶିଳ୍ପର ବିକାଶ ତଥା ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନକ୍ଷଗମନ ଉପରେ ସମୀକ୍ଷା କରି ଅଧିକାରୀ ମାନଙ୍କୁ ଜନକଲ୍ୟାଣ ଯୋଜନା ଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ପ୍ରମୁଖ ସଚିବ ଏବଂ ଜିଲ୍ଲାପାଳ ଧଉଳି ଓ ବାଲିଅନ୍ତା ଅଂଚଳର ବିଭିନ୍ନ ପ୍ରକଳ୍ପ ପରିଦର୍ଶନରେ ଯାଇଥିଲେ ।

# ଓଡ଼ିଶା ପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ ଶିବିର

ଭଦ୍ରକ,୦୯/୪(ନି।ପ୍ର): ଓଡ଼ିଶା ପକ୍ଷ ପାଳନ ଅବସରରେ ଆଜିର ଅଷ୍ଟମ ଦିନରେ ରକ୍ତଦାନ ଶିବିର ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିଉପଲକ୍ଷେ ଭଦ୍ରକ ରକ୍ତଭଣ୍ଡାର ପକ୍ଷରୁ ଜିଲାରେ ୩ଟି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଭଦ୍ରକ ବ୍ଲଡ୍ ବ୍ୟାଙ୍କ, ଧାମନଗର କଲେଜ ଓ ମୋ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବ୍ରାହ୍ମଣୀଗାଁ ଭଳି ୩ଟି ରକ୍ତଦାନ ଶିବିରରେ ଆଜି ୮୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଏହି ଶିବିରକୁ ଜିଲାପାଳ ଦିଲ୍ଲୀପ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ ଅବସରରେ ବର୍ତମାନର ଅବକ୍ଷୟମୁଖୀ ସମାଜରେ ରକ୍ତଦାନ ଭଳି ମହତ୍ ଦାନରୁ ଲୋକେ ଦୂରେଇ ଯାଉଥିବାରୁ ଏଥିପ୍ରତି ଅନୁଗ୍ରହଭାବ ପୋଷଣ କରିବା ଉଚିତ୍ ବୋଲି କହିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଉପଜିଲାପାଳ ସୌରଭ ଚକ୍ରବର୍ତୀ, ଡେପୁଟି କଲେକ୍ଟର କାର୍ତିକନାଥ ମଣ୍ଡଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ବଳ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ରକ୍ତଭଣ୍ଡାରର ଡାକ୍ତର ବିମଳା ମିଶ୍ର ଓ ସହଯୋଗୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଡିଫା କପ ଫୁଟବଲ ଟୁର୍ଣ୍ଣାମେଂଟ: ୟଙ୍ଗ ଉତ୍କଳ କ୍ଲବ କଟକ ବିଜୟୀ

ଧର୍ମଶାଳା,୦୯/୪(ନି।ପ୍ର): ଯାଜପୁର ଜିଲା ଧର୍ମଶାଳା ଅଂଚଳର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ଧର୍ମଶାଳା ଫୁଟବଲ ଆସୋସିଏସନର ୩୪ ତମ ବାର୍ଷିକ ଉତ୍ସବ ଅବସରରେ ୨୭ତମ ରାଜ୍ୟସ୍ତରୀୟ ଡିଫା କପ ଫୁଟବଲ ଟୁର୍ଣ୍ଣାମେଂଟ ଆଜି ଉଦଘାଟିତ ହୋଇଯାଇଛି । ଉଦଘାଟନୀ ମ୍ୟାଚରେ ପଶ୍ଚିମବଙ୍ଗ ଖଡଗପୁରର ରୁଦ୍ରାଂଶ ଏକାଡେମୀକୁ ୨/୩ ଗୋଲରେ ପରାସ୍ତ କରି ୟଙ୍ଗ ଉତ୍କଳ କ୍ଲବ କଟକ ସେମିଫାଇନାଲରେ ପ୍ରବେଶ କରିଛି । ଉଦଘାଟନୀ ଉତ୍ସବରେ ଉଦଘାଟକ ଭାବେ ଯାଜପୁର ଜିଲା ବିଜେପି ସଭାନେତ୍ରୀ ଦେବୟାନୀ ପ୍ରଧାନ ଯୋଗଦେଇ ମ୍ୟାଚକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ସମାଜସେବୀ ମିନାତି ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଚହଟା ପଂଚାୟତର ସମିତିସଭ୍ୟା ସସ୍ମିତା ନାୟକ, ମୁଖ୍ୟବକ୍ତା ଭାବେ ଚହଟା ପଂଚାୟତ ସରପଂଚ ସୁମିତ୍ରା ନାୟକ ଯୋଗଦେଇ ଖେଳ ମାଧ୍ୟମରେ ପରସ୍ପର ସହିତ ଭାଇଚାରା ରକ୍ଷା ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ଆଜିର ମ୍ୟାଚରେ କଟକ ଟିମ ତରଫରୁ ଗଣେଶ ସେଠୀ, ବବଲୁ ଦାସ,ଦୀନବନ୍ଧୁ ଦାସ ଗୋଟିଏ ଲେଖାଏଁ ଗୋଲ କରିଥିବା ବେଳେ ଖଡଗପୁର ଟିମ ତରଫରୁ ହରିରାମ ହାଲଦାର ଓ ସୌରଭ ସେନ ଗୋଟିଏ ଲେଖାଏଁ ଗୋଲ କରିଥିଲେ । ଆଜିର ମ୍ୟାଚର ପ୍ରଥମାର୍ଦ୍ଧରେ କଟକ ଟିମ ୩ଟି ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଖଡଗପୁର ଟିମ ୨ଟି ଗୋଲ କରିଥିଲେ । ଏହି ମ୍ୟାଚକୁ ମାନସ ବିଶ୍ୱାଳ ପରିଚାଳନା କରିଥିବା ବେଳେ ଶୈଳେଶ ପାଣି, ଚିତରଞ୍ଜନ ଓଝା ଓ ସଲିମ ଅହମଦ ଲାଇନରେ ସହୟତା କରିଥିଲେ । ଆସନ୍ତା କାଲି ଶୁକ୍ରବାର ମିଶନ ଟାଇଗର କ୍ଲବ ବାଲେଶ୍ୱର ଓ ସିଟି କ୍ଲବ ସାମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଡିଫା କ୍ଲବର ସଭାପତି ପ୍ରମୋଦ ଦାସ ଓ ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି ।

# ମିଳିତ ଜନଶୁଣାଣିରେ ଲାପଟପ ଓ ବିବାହ ପ୍ରୋତ୍ସାହନ ରାଶି ବଂଟନ

ଭଦ୍ରକ,୦୯/୪(ନି।ପ୍ର): ଭଦ୍ରକ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଭଦ୍ରକ ତରଫରୁ ୩ ଗୋଟି ଲାପଟପ ଓ ୫ ଯୋଡି ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ଲେଖାଏ ଜିଲ୍ଲାପାଳ, ଦିଲୀପ ରାଉତରାଏ ଙ୍କ ଦ୍ୱାରା ବଂଟନ କରାଯାଇଥିଲା । ଚକ୍ଷୁବାଧିତ ଛାତ୍ରଛାତ୍ରୀ +୩ କିମ୍ବା ତଦୁର୍ଦ୍ଧ ଶିକ୍ଷା ଲାଭ କରୁଥିବା ପ୍ରିୟବ୍ରତ ଦାସ, ପୂଜାରିଣୀ ପଣ୍ଡା ଓ ମମତା ମୁଖୀ ଲାପଟପ ଏବଂ ବିବାହ ପ୍ରସ୍ାହନ ରାଶି ଅଜୟ କୁମାର ସାହୁ ଓ ନିବେଦିତା ସାହୁ, ସୁମନ୍ତ ସାହୁ ଓ ସସ୍ମିତା ସାହୁ, ପ୍ରକାଶ ଭୋଳ ଓ କବିତା ଦାସ , ଲିପ୍ସାରାଣୀ ଗ୍ରହାଚାର୍ଯ୍ୟ ଓ ଅଭିମନ୍ୟୁ ବାହାଳି, ରାଜେନ୍ଦ୍ର ଜେନା ଓ ଲକ୍ଷ୍ମୀପ୍ରିୟା ଜେନା ୩ ବର୍ଷୀୟା ଫିକ୍ସ ଡିପୋଜିଟ ବଣ୍ଡ ଜିଲ୍ଲାପାଳଙ୍କଠାରୁ ଗ୍ରହଣ କରିଥିଲେ । ଏହି ବଂଟନ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ, ମାଦକର ସନ୍ଦୀପ ସମ୍ପତ, ଅତିରିକ୍ତ ଜିଲ୍ଲାପାଳ, ସରୋଜ କୁମାର ଦତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧାଂଶୁ ବଳ, ଡେପୁଟି କଲେକ୍ଟର ତଥା ଭାର ପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବାଶ ଚନ୍ଦ୍ର ନାୟକ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆଠମାସ ହେଲା ସିଲ ହୋଇଥିବା କାଏମା ମିଶନଶକ୍ତି ଗୃହ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି

ଧର୍ମଶାଳା,୦୯/୪(ନି।ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କଏମା ପଂଚାୟତ ମହାସଂଘରୁ ଲକ୍ଷାଧିକ ଟଙ୍କା ଅନିୟମିତା ଅଭିଯୋଗ ପରେ ମିଶନ ଶକ୍ତି ଗୃହକୁ ବ୍ଲକ ପ୍ରଶାସନ ପକ୍ଷରୁ ସିଲ କରାଯାଇଥିଲା। ସିଲ୍ ହେବାର ଆଠ ମାସ ପରେ ବି ମିଶନ ଶକ୍ତି ଗୃହ ଅଦ୍ୟାବଧି ଖୋଲା ନଯିବା ଏବଂ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନା ମୁତାବକ ୨୦୨୩ ମସିହା ସେପ୍ଟେମ୍ବର ମାସ ରୁ କାଏମା ମିଶନ ଶକ୍ତି ଅଧୀନରେ ଥିବା ମହାସଂଘର ସି ଆର ପି, ଇ ସି , ବ୍ୟାଙ୍କ୍ ମିତ୍ର ମାନେ ଦଶ ମାସର ଦରମା ନ ପାଇବାରୁ ଏ ବିଷୟରେ ବ୍ଲକ କର୍ତୃପକ୍ଷଙ୍କୁ ଜଣାଇ ଥିଲେ। ଯେଁଉ ସମୟରେ ମହାସଂଘ ଖାତାରେ କୋଡ଼ିଏ ଲକ୍ଷରୁ ଅଧିକ ଟଙ୍କା ରହିବା କଥା କିନ୍ତୁ ମହାସଂଘ କୌଣସି ଖାତାରେ ଟଙ୍କା ନଥିବା ବ୍ଲକ ପ୍ରଶାସନଙ୍କ ପାଖରୁ ଜାଣିବାକୁ ପାଇଥିଲେ। ଅନିୟମିତତା ହୋଇଥିବା ଜାଣିବା ପରେ ମହାସଂଘ ର ସଭାପତି , ଏମ ବି କେ ଓ ସଂପାଦକ ଙ୍କ ନାମରେ ସି ଆର ପି, ବ୍ୟାଙ୍କ ମିତ୍ର ଓ ଇ ସି ସଦସ୍ୟ ମାନେ ଥାନାରେ ଏତଲା ଦେବା ସହ ବ୍ଲକ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାଇ ଥିଲେ। ଏହାକୁ ଆଧାର କରି ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରିୟଦର୍ଶୀ ଦାସ ଓ ବି ଏଲ ସି ଇତିଶ୍ରୀ ସାହୁ ଓ ଅନ୍ୟ ଅଧିକାରୀ ମାନେ ପହଂଚି କାଗଜ ପତ୍ର ଯାଂଚ କରିବା ସହ ଅଗଷ୍ଟ ୬ ତାରିଖ ରେ ମିଶନ ଶକ୍ତି ଗୃହ ଟିକୁ ସିଲ୍ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସଭାପତି ଓ ତାଙ୍କ ସମ୍ପର୍କୀୟ ଏବଂ ଏମ ବି କେ ଓ ତାଙ୍କ ସମ୍ପର୍କୀୟ ଙ୍କ ଖାତା କୁ ଟଙ୍କା ଯାଇଥିବା ଜାଣିବାକୁ ପାଇଲା ପରେ ଚାରି ଜଣ ଙ୍କ ନାମରେ ବ୍ଲକ ପ୍ରଶାସନ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା ପୁଲିସ କାଏମା ମିଶନ ଶକ୍ତିର ସଭାପତି ବିଦ୍ୟୁଲତା ବିଶ୍ୱାଳଙ୍କୁ ଗିରଫ କରିଥିଲା । ହେଲେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ମାନଙ୍କୁ ଧରିବାରେ ବିଫଳ ହୋଇଥିଲା । ଏହି ମିଶନ ଶକ୍ତି ଅଧୀନରେ କାଏମା ପଂଚାୟତର ମହାସଂଘ ରେ ୧୨୮ ଟି ଏସଏଚଜି ଗ୍ରୁପ ରହିଛି। ସଭାପତି ବିଦୁଲତା ବିଶ୍ୱାଳ, ସଂପାଦକ ଦମୟନ୍ତି ଜେନା ଏବଂ ଏମ ବି କେ ମୁକ୍ତାରାନୀ ନାୟକ ପ୍ରମୁଖ ସେ ସ।୧ମୟରେ ଦାୟିତ୍ୱ ରେ ଥିବା ବେଳେ ୧୦ ଜଣ ସି ଆର ପି ୩୦ଜଣ ଇ ସି ମେମ୍ବର ଓ ଜଣେ ବ୍ୟାଙ୍କ୍ ମିତ୍ର ଏବଂ ଅନ୍ୟ କର୍ମଚାରୀ ମାନେ କାର୍ଯ୍ୟ କରିଥାନ୍ତି।

# ଭଦ୍ରକରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ: ଭଦ୍ରକ ଜିଲା ଇଂଟରପ୍ରିନିୟରଙ୍କ ପାଇଁ ହବ୍ ହେବ

ଭଦ୍ରକ,୦୯/୪(ନି।ପ୍ର): ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ଏହି ଜିଲା ଇଂଟରପ୍ରିନୟରଙ୍କ ପାଇଁ ଏକ ହବ୍ ହେବାକୁ ଯାଉଛି ବୋଲି ସୂଚନା ଦେଇଛନ୍ତି । ଏହି ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଜିଲା ଆରକ୍ଷୀ ଅଧୀକ୍ଷକ ମାଡକର ସନ୍ଦୀପ ସମ୍ପତଙ୍କ ସମେତ ଜିଲାର ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିଥିଲେ। ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସମୀକ୍ଷା କାଳରେ ଦୁଇମାସ ମଧରେ ଭଦ୍ରକ ଜିଲାରେ ଥିବା ଲଘୁ ଖଣିଜର ସ୍ଥିତି ସହ ଆର୍ଥିକ ସ୍ଥିତି ବିଷୟରେ ସଂପୂର୍ଣ୍ଣ ଡାଟାବେସ୍ ତିଆରି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜିଲାରେ ଧାମରା ଶିଳ୍ପକ୍ଷେତ୍ରରେ ସମଗ୍ର ଦେଶରେ ଏକ ହବ୍ ହେବାପାଇଁ ଯାଉଥିବାବେଳେ ଜିଲାରେ ଇଂଟରପ୍ରିନିୟରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ। ତେବେ ଜିଲାରେ ଶିଳ୍ପପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତିଭୂମି, ଗମନାଗମନର ସୁବିଧା ସହ ଅନ୍ୟାନ୍ୟ ସୁବିଧା ଏଥିଯୋଗୁଁ ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଛନ୍ତି। ବସୁନ୍ଧରା ଯୋଜନାରେ ପ୍ରତ୍ୟେକ ଭୂମିହୀନଙ୍କୁ ୪ ଡିସିମିଲ୍ ଜମି ପ୍ରଦାନ କରାଯିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ସଂଯୋଗୀକରଣ ଭଳି ବିଷୟ ଉପରେ ସେ ଗଣମାଧମକୁ ସମୀକ୍ଷା କାଳରେ ସୂଚନା ଦେଇଛନ୍ତି । ଜିଲାର ସଂପୂର୍ଣ୍ଣ ଡାଟାବେସ୍ ଆସିବା ପରେ ପୁନର୍ବାର ଏକ ସମୀକ୍ଷା କରାଯାଇ କାର୍ଯ୍ୟଗୁଡିକର ଭିତିଭୂମି ଆରମ୍ଭ ହେବ। ସେହିଭଳି ଗରିବ କଲ୍ୟାଣ ଯୋଜନାର ଅଗ୍ରଗତି, ଶିକ୍ଷାନୁଷ୍ଠାନ ଗୁଡିକୁ ଜମିପଟ୍ଟା ବଂଟନ, ଜଂଗଲ ଜମିର ସୁରକ୍ଷା ଭଳି ବିଷୟଗୁଡିକ ଉପରେ ସେ ଆଲୋଚନା କରି ଆଧୁନିକ ଓ ବିକଶିତ ଓଡ଼ିଶା ଗଠନ ହେବାକୁ ଯାଉଥିବାରୁ ୧୪୫ ଏମ୍‌ଓୟୁରେ ୧୩ ଲକ୍ଷ କୋଟିର ଅର୍ଥ ନିବେଶ ପାଇଁ ଚୁକ୍ତି ହୋଇଥିବାବେଳେ ଆହୁରି ଅଧିକ ୨୦ ଟି ଶିଳ୍ପ ସଂସ୍ଥା ଚୁକ୍ତି ପାଇଁ ଆସିବେ ବୋଲି ପ୍ରତିଶ୍ରୁତି ମିଳିଥିବା ବିଷୟ ସେ ଗଣମାଧମକୁ କହିଛନ୍ତି। ଏହି ସମୃଦ୍ଧ ଓଡ଼ିଶା ଗଠନ କ୍ଷେତ୍ରରେ ସମୁଦାୟ ୨୭ ଲକ୍ଷ କୋଟି ନିବେଶ ହେବ, ସେମାନଙ୍କ ପାଇଁ ଜଳ, ଜମି ଆଦି ଉପଲବ୍ଧ ହେବ ବୋଲି ସେ ସୂଚାଇଛନ୍ତି।

# ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା ଆରମ୍ଭ



ପାରାଦ୍ୱୀପ , ୯/୪ (ନି.ପ୍ର): ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଇଣ୍ଟର ଡିପାର୍ଟମେଣ୍ଟ କ୍ରିକେଟ ପ୍ରତିଯୋଗିତାର ସଫଳ ଆୟୋଜନ ପରେ ୮ ତାରିଖ ଠାରୁ ଆରମ୍ଭ ହୋଇଛି ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା । ପ୍ରଥମ ମ୍ୟାଚରେ ପିପିଏଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଓ୍ୱିକେଟ ବିନିମୟରେ ୯୪ ରନ କରିଥିଲା । ଜବାବରେ ଜେ ଏସ ଡବ୍ଲୁ ୯ ଓ୍ୱିକେଟ ହରାଇ ମାତ୍ର ୪୭ ରନ କରିପାରିଥିଲା ଏବଂ ପରାସ୍ତ ହୋଇଥିଲା । ସେହିପରି ୨ୟ ମ୍ୟାଚରେ ଏଏମଏନ୍‌ଏସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଓ୍ୱିକେଟ ବିନିମୟରେ ୧୧୬ ରନ କରିଥିଲା । ଜବାବରେ ଟିଏମଆଇଏଲଏଲ ନିର୍ଦ୍ଧାରିତ ଓଭରରେ ୬ ଓ୍ୱିକେଟ ବିନିମୟରେ ୧୧୭ ରନ କରି ବିଜୟୀ ହୋଇଥିଲା । ତୃତୀୟ ମ୍ୟାଚକୁ ପୋର୍ଟ ୟୁଜର ୧୬ ରନରେ ବିଜୟୀ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ଓ୍ୱିକେଟ ବିନିମୟରେ ୧୦୩ ରନ କରିଥିଲା ପୋର୍ଟ ୟୁଜର । ଜବାବରେ ପିଆଇସିଟି ନିର୍ଧାରିତ ଓଭରରେ ୮ ଓ୍ୱିକେଟ ହରାଇ ମାତ୍ର ୮୭ ରନ କରିପାରିଥିଲା ।

# ଓଡ଼ିଆ ପକ୍ଷ ଅବସରରେ ଆସ ବହିଟିଏ କିଣିବା ଦିବସ ପାଳିତ

ଭୁବନ, ୯/୪ (ନି.ପ୍ର): ଅପ୍ରେଲ ୧ ତାରିଖ ଠାରୁ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ସାରା ରାଜ୍ୟରେ ଉତ୍ସାହ ଉଦ୍ଦୀପନାର ସହ ପ୍ରଥମ ଥର ପାଇଁ ଓଡ଼ିଆ ପକ୍ଷ ପାଳନ କରାଯାଉଛି । ଏହି ଅବସରରେ ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ସ୍ଥାନୀୟ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଠାରେ ଆସ ବହିଟିଏ କିଣିବା ଦିବସ ପାଳିତ ହୋଇଯାଇଛି । ନଗରପାଳ ଶୁଭେନ୍ଦୁ କୁମାର ସାହୁ ଙ୍କ ସଭାପତିତ୍ୱ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଓ ଯୁକ୍ତ ତିନି ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ,ଯୁକ୍ତ ଦୁଇ ଅଧ୍ୟକ୍ଷା ସୂପ୍ତିମୟି ସେନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକର ମହତ୍ୱ ସମ୍ପର୍କରେ ଛାତ୍ରୀ ମାନଙ୍କୁ ଅବଗତ କରାଇବା ସହିତ ବହି କିଣିବାକୁ ପରାମର୍ଶ ଦେଇଥିଲେ। ଅନୁରୂପ ଭାବେ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ରେ ମଧ୍ୟ 'ଆସ ବହିଟିଏ କିଣିବା ଦିବସ ପାଳିତ ହୋଇଯାଇଛି। ଉଭୟ ମହାବିଦ୍ୟାଳୟରେ ୨୫ ଜଣ ଲେଖାଏଁ ଛାତ୍ର ଛାତ୍ରୀ ଙ୍କୁ ଓଡ଼ିଆ ଭାଷା,ସାହିତ୍ୟ, ସଂସ୍କୃତି ପର୍ଯ୍ୟବେସିତ ବହି ବଂଟନ କରାଯାଇଥିଲା।

# ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଦିନିକିଆ ମୟୁରଭଞ୍ଜ ଗସ୍ତ



ବାରିପଦା, ୯/୪ (ନି.ପ୍ର): ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀ ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀକକ୍ଷଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ, ଓଡିଶା ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସମେତ ମାନ୍ୟବର ବିଧାୟକ ଓ ବିଧାୟିକାଙ୍କ ମଧ୍ୟରେ ଉଦଳା ବିଧାୟକ ଶ୍ରୀ ଭାସ୍କର ମଢେଇ, ସାରସକଣା ବିଧାୟକ ଶ୍ରୀ ଭାଦବ ହାଁସଦା, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ଶ୍ରୀ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ, ବିଧାୟିକା ବାଙ୍ଗରିପୋଷୀ ସୁଶ୍ରୀ ସଞ୍ଜଲୀ ମୁର୍ମୁ ପ୍ରମୁଖଙ୍କ ସମେତ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲି, ରାଇରଙ୍ଗପୁର ଉପଜିଲ୍ଲାପାଳ ଶ୍ରୀ ସୌମ୍ୟ ରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ସମୀକ୍ଷା ଅବସରରେ ମାନ୍ୟବର ରାଜସ୍ୱ ମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ରାଜସ୍ୱ ଜମି ଅଧିଗ୍ରହଣ, ସରକାରୀ ଜମି ଜବରଦଖଲ ଉଚ୍ଛେଦ ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ପ୍ରସଙ୍ଗ ଉପରେ ସମୀକ୍ଷା କରିଥିଲେ । ବିଶେଷ କରି ଜିଲ୍ଲାରେ ଚାଲି ଥିବା ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଉପୁଜୁଥିବା ସମସ୍ୟା ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ପ୍ରସ୍ତୁତି ଓ କାର୍ଯ୍ୟକାରୀ ହେବା ସମ୍ପର୍କରେ ସେ ଆଲୋଚନା କରିଥିଲେ। ତହସିଲ ଅଫିସରୁ ଯେପରି କୌଣସି ହିତାଧିକାରୀ ସହାୟତା ବିନା ନ ଫେରେ, ସେ ବାବଦରେ ଯତ୍ନବାନ ହେବାକୁ ସେ ସମସ୍ତ ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ରାଜସ୍ୱ ବିଭାଗର କ୍ଷେତ୍ର ଅଧିକାରୀ ମାନଙ୍କ କାର୍ଯ୍ୟକୁ ସରଳୀକରଣ କରାଯିବା ପାଇଁ ଲାପଟପ ଯୋଗାଇ ଦେବାକୁ ବ୍ୟବସ୍ଥା ହେଉଛି ବୋଲି ପ୍ରକଶ କରିଥିଲେ ଏବଂ ତହସିଲ କାର୍ଯ୍ୟାଳୟ ରେ ଜମିଜମା ସମ୍ପର୍କିତ କାର୍ଯ୍ୟ ପାଇଁ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସଫ୍ଟୱାରକୁ ଅପଡେଟ କରିବା ପାଇଁ କାଯ୍ୟ ଚାଲିଛି। ସେହିଭଳି ଜାତି ପ୍ରମାଣ ପତ୍ର ପ୍ରଦାନ ନେଇ ଉପୁଜୁଥିବା ବିଭିନ୍ନ ଅସୁବିଧା ଗୁଡିକ ବିଷୟରେ ଆଲୋଚନା କରି ମନ୍ତ୍ରୀ ଅସାଧୁ ଭାବେ ଆଦିବାସୀ ଜମି ହଡପ କରୁଥିବା ଲୋକଙ୍କ ପ୍ରତି ସରକାର କଡା ପଦକ୍ଷେପ ନେବେ ବୋଲି ଜଣାଇଛନ୍ତି। ବସୁନ୍ଧରା ଯୋଜନାରେ ଯେଉଁ ମାନେ ଜମି ପାଇଁ ଯୋଗ୍ୟ ସେମାନଙ୍କୁ ଯଥା ଶୀଘ୍ର ଜମି ଦେବା, ଜିଲ୍ଲାରେ ତହସିଲ କାର୍ଯ୍ୟାଳୟ ଗୁଡିକର ଭିତ୍ତିଭୂମି ବିକାଶ ଓ ବିପର୍ଯ୍ୟୟ ପରିଚାଳନାର ଭିତ୍ତିଭୂମି ବିକାଶ ଏବଂ ଜରୁରୀକାଳୀନ ପରିସ୍ଥିତିରେ ପ୍ରଶାସନର ପ୍ରସ୍ତୁତିକୁ ସମୀକ୍ଷା କରିବା ସହିତ ଏଥିପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଜମିଜମା ସଂକ୍ରାନ୍ତୀୟ କିଛି ପୁରାତନ ନିୟମନୀତି ଯାହାକି ଅନୁପାଳନ ସମୟରେ ସମସ୍ୟା ସୃଷ୍ଟି କରୁଛି ସେସବୁକୁ ସଂଶୋଧନ କରି ସମୟଉପଯୋଗୀ କରିବା ପାଇଁ ସରକାରଙ୍କ ତରଫରୁ ପ୍ରୟାସ ଚାଲିଛି।

# ଦୀନକୃଷ୍ଣ ମହାବିଦ୍ୟାଳୟରେ ସଂସ୍କୃତ ବିଭାଗ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଓ ଗୀତାଶାସ୍ତ୍ର ଓ ବିଜ୍ଞାନ ଶୀର୍ଷକ ଆଲୋଚନାଚକ୍ର



ଜଳେଶ୍ୱର , ୯/୪ (ନି.ପ୍ର): ଉତ୍ତର ବାଲେଶ୍ୱର ଅଞ୍ଚଳରେ ୧୯୬୪ ମସିହାରେ ସ୍ଥାପିତ ହୋଇଥିବା ସର୍ବପୁରାତନ ଦୀନକୃଷ୍ଣ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ଦାସଙ୍କ ଅନୁମୋଦନ କ୍ରମେ ସଂସ୍କୃତ ବିଭାଗ ପକ୍ଷରୁ ଗତକାଲି ଅପରାହ୍ନରେ ବିଦାୟ ସମ୍ବର୍ଦ୍ଧନା ଓ 'ଗୀତାଶାସ୍ତ୍ର ଓ ବିଜ୍ଞାନ' ଶୀର୍ଷକ ଆଲୋଚନାଚକ୍ର ବରିଷ୍ଠ ପ୍ରାଧ୍ୟାପକ ଡ଼ଃ ହିମାଂଶୁ କୁମାର ସାମଲଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ଦୀନକୃଷ୍ଣ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟିର ସଭାପତି କମଳାକାନ୍ତ ଚାନ୍ଦ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ଦେବ ଭାଷା ସଂସ୍କୃତ ଭାଷା ସରଳ ଓ ଆମ ସଂସ୍କୃତି ଏବଂ ବିଜ୍ଞାନ ସହିତ ଜଡ଼ିତ ବୋଲି ମତ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ରୂପେ ନଳଗଜାସ୍ଥିତ ଉପେନ୍ଦ୍ର ନାଥ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କିଶୋର କୁମାର ପାଣିଗ୍ରାହୀ, ସମ୍ମାନିତ ବକ୍ତା ରୂପେ ଦୀନକୃଷ୍ଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ପ୍ରାଧ୍ୟାପକ ବିଭୁତି କୁମାର ଦାସ,ସମ୍ମାନିତ ଅତିଥି ରୂପେ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ପ୍ରାଧ୍ୟାପକ ଡଃ ଚିତ୍ତରଞ୍ଜନ ଭଞ୍ଜ,ପ୍ରାଧ୍ୟାପକ ସନ୍ୟାସୀ ଚରଣ ପାତ୍ର,ବାଲେଶ୍ୱର ଜିଲ୍ଲା ଖାଉଟି ଅଦାଲତର ପୂର୍ବତନ ସଭାପତି ସୁକୁମାର ରଣା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସଂସ୍କୃତ ବିଭାଗ ମୁଖ୍ୟ ପୁଷ୍ପାଞ୍ଜଳି ପାଇକରାୟ ଅତିଥି ପରିଚୟ ଓ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ଶେଷରେ ଅଧ୍ୟାପକ ରତନ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ସ୍ୱାତୀଶ୍ରୀ କାମିଳା ଗୀତାପାଠ କରିଥିଲେ ।ମହାବିଦ୍ୟାଳୟର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସଂସ୍କୃତ ବିଭାଗର ଛାତ୍ରଛାତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା ମାନେ ଯୋଗଦେଇଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବନ ବିଭାଗ ତରଫରୁ ମାଙ୍କଡ଼ା ପଥର ଟ୍ରକ୍ ଜବତ

ଭୁବନ, ୯/୪ (ନି.ପ୍ର): ଭୁବନ ବନ ବିଭାଗ ତରଫରୁ ଲଘୁ ଖଣିଜ ପଦାର୍ଥ ଚୋରା କାରବାର କୁ ବନ୍ଦ କରିବା ସକାଶେ ବିଭିନ୍ନ ସ୍ଥାନରେ ରୀତିମତ ଚଢ଼ାଉ ଚାଲିଛି । ଆଜି ବନ ବିଭାଗ ଅତିରିକ୍ତ ରେଞ୍ଜର ଙ୍କ ତତ୍ୱାବଧାନରେ ଫରେଷ୍ଟର କଳ୍ପନା ବେହେରା ଓ ଷ୍ଟାର୍ଡ ଭୁବନ ବ୍ଲକ ଅନ୍ତର୍ଗତ ମାଳୁଆ ଗୋଡା ଠାରେ ଏକ ବେଆଇନ ପଥର ବୋଝେଇ ଟ୍ରକ୍ କୁ ଜବତ କରିଥିଲେ । ବନ ବିଭାଗ କର୍ମଚାରୀ ଙ୍କୁ ଦେଖି ଟ୍ରକ୍ ଡ୍ରାଇଭର ଚମ୍ପଟ ମରିଥିଲା ବେଳେ ବେଆଇନ ମାଙ୍କଡ଼ା ପଥର ଚାଲାଣ କରୁଥିବା ଓ ଆର୍ ୦୯ଏଫ୍ ୪୩୮୦ ନମ୍ବର ବିଶିଷ୍ଟ ଛଅ ଚକିଆ ଟ୍ରକ କୁ ଜବତ କରି ରେଞ୍ଜ ଅଫିସ ପରିସରକୁ ଆଣିଥିଲେ । କେବଳ ଲୋକ ଦେଖାଣିଆ ଓ ରେକର୍ଡ ମେଂଟେନ୍ ପାଇଁ ଚଢ଼ାଉ ଚାଲିଛି, ପ୍ରତିଦିନ ଏକାଧିକ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ଦିନ ଦି ପ୍ରହରରେ ସହର ମଧ୍ୟରେ ବେଆଇନ ବାଲି ,ଚିପ୍ସ ଓ ମାଙ୍କଡ଼ା ପଥର ଚାଲାଣ ହେଉଥିବା ବେଳେ ବିଭାଗୀୟ ଅଧିକାରୀ ଜାଣି ପାରୁନାହାନ୍ତି ନା ମାସିକିଆ ନେଇ ଚୁପ ରହୁଛନ୍ତି ବୋଲି ଜନ ସାଧାରଣରେ ଆଲୋଚନା ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାଜ୍ୟରେ ବଦଳିଲା...

ସ୍ୱାଭାବିକଠାରୁ ଅଧିକ ରହିବ ଦେଶର ଅନେକ ଅଞ୍ଚଳରେ ତାପମାତ୍ରା । ଚଳିତ ଗ୍ରୀଷ୍ମ ଋତୁ ପାଇଁ ଏଭଳି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଗ୍ରୀଷ୍ମର ଅତ୍ୟଧିକ ପ୍ରଭାବ କେନ୍ଦ୍ରୀୟ, ପୂର୍ବ ଏବଂ ଉତ୍ତର ପଶ୍ଚିମ ଭାଗରେ ରହିବ । ଦେଶର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ବହୁ ଅଧିକ ରହିବ। ଆଇଏମଡି ଡିଜି ଆହୁରି କହିଛନ୍ତି, ଏପ୍ରିଲରୁ ଜୁନ୍ ମଧ୍ୟରେ ସାଧାରଣତଃ ୪ରୁ ୭ ଦିନ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥାଏ। ତେବେ ଏଥର କିନ୍ତୁ ତାଠୁ ଅଧିକ ୨ କିମ୍ବା ୪ ଦିନ ରହିବ ଗ୍ରୀଷ୍ମ ପ୍ରବାହ । ବିଶେଷକରି ରାଜସ୍ଥାନ, ଗୁଜରାଟ, ହରିୟାଣା, ପଞ୍ଜାବ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ଅଧିକ ରହିବ। ସେହିଭଳି କର୍ଣ୍ଣାଟକ ଓ ତାମିଲନାଡୁର ଉତ୍ତର ଭାଗରେ ମଧ୍ୟ ଅଧିକ ଗରମ ଅନୁଭୂତ ହେବ । ଏଥର ମୌସୁମୀରେ ଏଲ୍ ନିନୋ ସମ୍ଭାବନା ନାହିଁ ବୋଲି ଆଇଏମଡି ଡିଜି ସ୍ପଷ୍ଟ କରିଛନ୍ତି ।

### ଭାରତ ଆସିବ...

ଆସୋସିଏଟ୍ ଜଷ୍ଟିସ୍ ଏଲିନା କଗନଙ୍କୁ ଆବେଦନ କରାଯାଇଥିଲା । ତେବେ ସେ ଏହି ଆବେଦନ ଗ୍ରହଣ ନକରିବାରୁ ଆମେରିକା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଜରୁରୀ ଆବେଦନ କରିଥିଲା ତହବୁର। କାନାଡ଼ାର ନାଗରିକ ଓ ପାକିସ୍ତାନୀ ମୂଳ ତହଓ୍ୱର ରାଣାକୁ ଆମେରିକାର ଲସ ଏଞ୍ଜେଲସ୍ ଡିଟେନସନ ସେଣ୍ଟରରେ ରଖାଯାଇଛି। ୬୪ ବର୍ଷୀୟ ରାଣା ୨୦୧୧ରେ ଆମେରିକାରେ ଦୋଷୀ ସାବ୍ୟସ୍ତ ହୋଇ ୧୩ ବର୍ଷ ସଜା କାଟୁଛି । ତେବେ ୨୦୦୮ ନଭେମ୍ବର ୨୬ରେ ମୁମ୍ବାଇ ଆକ୍ରମଣ ଘଟଣାରେ ତହଓ୍ୱରର ସିଧାସଳଖ ସଂପୃକ୍ତି ରହିଛି ଏବଂ ସେ ପାକିସ୍ତାନୀ ଆତଙ୍କୀ ଡେଭିଡ୍ ହେଡଲି ସହ ମିଶି ଷଡ଼ଯନ୍ତ୍ରରେ ସାମିଲ ଥିଲା ବୋଲି ଭାରତ ଦାବି କରୁଛି । ଭାରତରେ ତାର ଜେରା ଓ ବିଚାର ପାଇଁ ପ୍ରତ୍ୟର୍ପଣ କରିବାକୁ ରାଜି ହୋଇଛି ଆମେରିକା ।

### ଡେରିରେ ଚେତିଲା ...

ଖୋଲି ବିଧାୟକ ଯୋଗେଶ ସିଂ କହିଛନ୍ତି, ମାଫିଆମାନେ ରାତି ପାହିଲେ ଦାମୀ ଗାଡି ନଗଦ ଟଙ୍କାରେ କିଣୁଛନ୍ତି । ଖଣି ଚୋରି ମାମଲାରେ ବିଜେଡି, ବିଜେପି କି ଯେଉଁ ଦଳର ରାଜନେତା ସାମିଲ ଅଛନ୍ତି ସେମାନଙ୍କୁ ପ୍ରଥମେ ଗିରଫ କରାଯାଉ। ସ୍ଥାନୀୟ ପ୍ରଶାସନ ଏଥିରେ ସାମିଲ ଥିବା ସେ ଅଭିଯୋଗ କରିଛନ୍ତି । ତାଙ୍କୁ ତଦନ୍ତ ଭାର ନଦେଇ ସିବିଆଇ କିମ୍ବା କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ସରକାର ଦିଅନ୍ତୁ ବୋଲି ଦାବି କରିଛନ୍ତି ବିଧାୟକ ।

### ସ୍ୱରାଷ୍ଟ୍ର ମନ୍ତ୍ରୀ ...

ଇନ୍‌ଭେଷ୍ଟର୍ସ ମିଟ୍ ଅବସରରେ ଆୟୋଜିତ ଚୁକ୍ତି ସ୍ୱାକ୍ଷର ସମାରୋହରେ ମୁଖ୍ୟମନ୍ତ୍ରୀ ଶିଳ୍ପନେତୃତ୍ୱଙ୍କୁ ସମ୍ବୋଧିତ କରି କହିଛନ୍ତି, ଶିଳ୍ପକ୍ଷେତ୍ରରେ ଅଗ୍ରଗତି ପାଇଁ ଓଡ଼ିଶା ପ୍ରସ୍ତୁତ ଅଛି। ରାଜ୍ୟର ଉଜ୍ଜ୍ୱଳ ଭବିଷ୍ୟତ ସକାଶେ ନିବେଶ କରିବା ପାଇଁ ଏହା ହିଁ ପ୍ରକୃଷ୍ଟ ସମୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍(ଆଇଓସିଏଲ), ପେଟ୍ରୋନେଟ୍ ଏଲ୍‌ଏନ୍‌ଜି, ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋକେମିକାଲ ରିଜର୍ଭସ୍ ଲିମିଟେଡ୍ ଏବଂ ଅନ୍ୟାନ୍ୟ କମ୍ପାନୀ ସହ ନିବେଶ ସଂକ୍ରାନ୍ତ ଆଲୋଚନା ପରେ ପୁଞ୍ଜିନିବେଶ ନେଇ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟରେ ହିମାଦ୍ରି ସ୍ପେଶିଆଲିଟି ବାଲେଶ୍ୱରରେ ଟାୟାର ମ୍ୟାନୁଫାକ୍‌ଚରିଂ ୟୁନିଟ୍ ସ୍ଥାପନ କରିବ। ଆଇନକ୍ସ ଜିଏଫ୍‌ଏଲ୍ କେମିକାଲ ୟୁନିଟ୍ ଏବଂ ବମ୍ବେ ଡାଇଙ୍ଗ ମ୍ୟାନୁଫାକ୍ଚରିଂ କୋ. ଲିମିଟେଡ୍ ଟେକ୍ସଟାଇଲ କ୍ଷେତ୍ରରେ ପୁଞ୍ଜି ନିବେଶ କରିବ। ଏହାବ୍ୟତୀତ ଆସୋସିଏଶନ ଅଫ୍ ଇଣ୍ଡିଆନ ମାନ୍ୟୁଫାକ୍ଚର୍ସ ଅଫ୍ ମେଡିକାଲ ଡିଭାଇସେସ୍ (ଏଆଇଏମ୍ଇଡି), ଟଏ ଆସୋସିଏଶନ ଅଫ୍ ଇଣ୍ଡିଆ, ୟୁନାଇଟେଡ୍ ଷ୍ଟେଟ୍‌ସ ଇଣ୍ଡିଆ ବିଜନେଶ୍ କାଉନସିଲ୍ ଏବଂ ଅନ୍ୟାନ୍ୟ କମ୍ପାନୀ ସହ ଆଲୋଚନା ଫଳପ୍ରଦ ହୋଇଛି। ଏହା ରାଜ୍ୟରେ ଶିଳ୍ପ ଭିତ୍ତିଭୂମି ବିକାଶ କରିବା ସହ ଅର୍ଥନୀତି ଅଭିବୃଦ୍ଧିକୁ ନୂଆରୂପ ଦେବ। ସେହିପରି ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଦକ୍ଷତା ବୃଦ୍ଧିରେ ମଧ୍ୟ ସହାୟକ ହେବ। ଆଇଓସିଏଲ୍ ସହ ଚୁକ୍ତି ଅନୁଯାୟୀ ୫୮,୦୪୨ କୋଟି ଟଙ୍କାର ପୁଞ୍ଜି ନିବେଶ ଦ୍ୱାରା ପାରାଦୀପରେ ଡୁଆଲ୍ ଫିଡ୍ ନାପଥା କ୍ରାକର ଏବଂ ଡାଉନ୍‌ଷ୍ଟ୍ରିମ୍ ୟୁନିଟ୍ ସ୍ଥାପନ ପୂର୍ବକ ଶିଳ୍ପ ଅଭିବୃଦ୍ଧିରେ ସହାୟକ ହେବ। ଏହି ପ୍ରକଳ୍ପ ୨୪ ହଜାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ। ପୂର୍ବୋଦୟ ଯୋଜନା ଅଧୀନରେ ପୂର୍ବଭାରତ ବିଶେଷକରି ଓଡ଼ିଶାରେ ଥିବା ଶିଳ୍ପ ସମ୍ଭାବନାକୁ ନୂଆ ରୂପ ଦେବାରେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସହାୟକ ହେବ ବୋଲି ଆଶା କରାଯାଉଛି। ଏଥିସହ ରାଜ୍ୟରେ କେମିକାଲ, ପେଟ୍ରୋକେମିକାଲ ଓ ଖାଦ୍ୟ ଶିଳ୍ପ ସୁଦୃଢ଼ୀକରଣ ଆଶା ଉଜ୍ଜୀବିତ ହୋଇଛି। ସେହିପରି କିରି ଇଣ୍ଡଷ୍ଟ୍ରିଜ୍ ପାରାଦୀପରେ ସ୍ୱତନ୍ତ୍ର କେମିକାଲ ୟୁନିଟ୍ ସ୍ଥାପନ କରିବାକୁ ଥିବାବେଳେ ଏସ୍‌ଏଲ୍‌ଏମ୍‌ଜି ବେଭେରେଜ୍‌ସ ପ୍ରାଇଭେଟ ଲିମିଟେଡ୍ ରାଜ୍ୟରେ ବେଭେରେଜ ମ୍ୟାନୁଫାକ୍ଚରିଂ ୟୁନିଟ୍ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରିଛି। ଏହାବ୍ୟତୀତ ଜଳଜାହାଜ ନିର୍ମାଣ ଓ ମରାମତି ସୁବିଧା ଓଡ଼ିଶାରେ ଉପଲବ୍ଧ କରାଇବା ପାଇଁ ଚୌଗୁଲେ ଗ୍ରୁପ୍ ପ୍ରସ୍ତୁତ ଅଛି। ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟରେ ହିମାଦ୍ରି ସ୍ପେଶିଆଲିଟି ବାଲେଶ୍ୱରରେ ଟାୟାର ମ୍ୟାନୁଫାକ୍‌ଚରିଂ ୟୁନିଟ୍ ସ୍ଥାପନ କରିବ। ଆଇନକ୍ସ ଜିଏଫ୍‌ଏଲ୍ କେମିକାଲ ୟୁନିଟ୍ ଏବଂ ବମ୍ବେ ଡାଇଙ୍ଗ ମ୍ୟାନୁଫାକ୍ଚରିଂ କୋ. ଲିମିଟେଡ୍ ଟେକ୍ସଟାଇଲ କ୍ଷେତ୍ରରେ ପୁଞ୍ଜି ନିବେଶ କରିବ। ଏହାବ୍ୟତୀତ ଆସୋସିଏଶନ ଅଫ୍ ଇଣ୍ଡିଆନ ମାନ୍ୟୁଫାକ୍ଚର୍ସ ଅଫ୍ ମେଡିକାଲ ଡିଭାଇସେସ୍ (ଏଆଇଏମ୍ଇଡି), ଟଏ ଆସୋସିଏଶନ ଅଫ୍ ଇଣ୍ଡିଆ, ୟୁନାଇଟେଡ୍ ଷ୍ଟେଟ୍‌ସ ଇଣ୍ଡିଆ ବିଜନେଶ୍ କାଉନସିଲ୍ ଏବଂ ଅନ୍ୟାନ୍ୟ କମ୍ପାନୀ ସହ ଆଲୋଚନା ଫଳପ୍ରଦ ହୋଇଛି। ଏହା ରାଜ୍ୟରେ ଶିଳ୍ପ ଭିତ୍ତିଭୂମି ବିକାଶ କରିବା ସହ ଅର୍ଥନୀତି ଅଭିବୃଦ୍ଧିକୁ ନୂଆରୂପ ଦେବ। ସେହିପରି ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଦକ୍ଷତା ବୃଦ୍ଧିରେ ମଧ୍ୟ ସହାୟକ ହେବ। କେମିକାଲ, ପେଟ୍ରୋକେମିକାଲ, ବସ୍ତ୍ର ଓ ଅନ୍ୟାନ୍ୟ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରି ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ରପ୍ତାନି ବୃଦ୍ଧି କରିବ।

### ଶାନ୍ତି ବାର୍ତ୍ତା ପାଇଁ ...

ସମସ୍ତେ କୌଣସି ଏଭଳି କାଣ୍ଡ ଘଟାଇବେ ନାହିଁ, ଯାହା ଶାନ୍ତି ବାର୍ତ୍ତାର ଖିଲାପ ହେବ। ରାଜ୍ୟ ଗୃହମନ୍ତ୍ରୀ ବିଜୟ ସିଂଙ୍କ ଯେଉଁ ବୟାନ ଆସିଛି ତାହା ଗ୍ରହଣୀୟ ନୁହେଁ। ସେ କଗାର ଯୁଦ୍ଧକୁ ଜାରି ରଖିବେ ବୋଲି କହିଛନ୍ତି। ଏଭଳି ହେଲେ ଶାନ୍ତି ପାଇଁ ଆରମ୍ଭ ହୋଇଥିବା ଏହି ପଦକ୍ଷେପ କେବେ ବି ସଫଳ ହେବ ନାହିଁ ବୋଲି ସେ କହିଛନ୍ତି। ଯବାନମାନଙ୍କୁ ଆମେ ଭାଇ ବୋଲି ସମ୍ବୋଧନ କରୁଛୁ। ଆମେ କେବେ ବି ତାଂକୁ ଶତ୍ରୁ ଭାବି ନାହୁଁ। କିନ୍ତୁ ସେମାନେ ଆମ ଉପରେ ଗୁଳି ଚଳାଇବା ବନ୍ଦ କରନ୍ତୁ। ଗତ ଏକ ବର୍ଷ ମଧ୍ୟରେ ବହୁ ହିଂସାକାଣ୍ଡ ଘଟିଛି। ବହୁ ଲୋକଙ୍କର ଜୀବନ ଗଲାଣି। ଏଥର ଏହା ବନ୍ଦ କରାଯାଉ। ଆମେ ଶାନ୍ତି ବାର୍ତ୍ତା ପାଇଁ ପ୍ରସ୍ତୁତ ଅଛୁ। ସରକାର ଯେତେବେଳେ ଯେଉଁଠି ଚାହିଁବେ ସେଠାକୁ ଆସି କଥାବାର୍ତ୍ତା ହେବୁ। କିନ୍ତୁ ହିଂସାକାଣ୍ଡ ବନ୍ଦ ହେବା ଉଚିତ। ଗାଁ ଗାଁରେ ଲୋକଙ୍କ ମଧ୍ୟରେ ଯେଉଁ ଭୟ ରହିଛି ତାକୁ ଦୂର କରିବା ଉଚିତ ବୋଲି କୁହାଯାଇଛି। ଶାନ୍ତିବର୍ତ୍ତା ପାଇଁ ଆମେ ସ୍ଥାନୀୟ ନେତାଙ୍କ ସହଯୋଗ ଲଢ଼ିବୁ। ସେମାନେ କଣ କହୁଛନ୍ତି ତାହାରି ଉପରେ ଆମର ନଜର ରହିଛି। ସବୁ ବର୍ଗର ଲୋକେ ଏହି ଶାନ୍ତିବାର୍ତ୍ତା ପାଇଁ ସରକାରଙ୍କୁ ଅନୁରୋଧ କରନ୍ତୁ ବୋଲି ନକ୍ସଲ ସଂଗଠନ ଅନୁରୋଧ କରିଛି। ନକ୍ସଲ ଛତିଶଗଡ ଛାଡି ଅନ୍ୟ ରାଜ୍ୟକୁ ଚାଲିଗଲେ ବୋଲି ପୁଲିସ ଯେଉଁ ପ୍ରଚାର କରୁଛି ତାହା ମିଥ୍ୟା ଅଟେ। ଆଣେ କୌଣସି ପ୍ରକାରେ ରାଜ୍ୟ ଛାଡିବୁ ନାହିଁ। ଏହାର ଉଦାହରଣ ହେଉଛି କମ୍ରେଡ ରେଣୁକା। ରେଣୁକାଙ୍କ ସ୍ୱାସ୍ଥ୍ୟ ଖରାପ ଥିଲେ ମଧ୍ୟ ସେ ଏହି ଜାଗା ନଛାଡି ପୁଲିସ ଗୁଳିର ଶିକାର ହୋଇଥିଲେ। ଆମ ତରଫରୁ ଗୋଟିଏ ଦୁଇଟି ସ୍ଥାନରେ ଭୁଲ ହୋଇଛି। ସେଥିପାଇଁ ଆମେ କ୍ଷମା ପ୍ରାର୍ଥନା ମଧ୍ୟ କରିଛୁ। ତେଣୁ ଏକ ସୁସ୍ଥ ପରିବେଶ ସୃଷ୍ଟି କରି ତୁରନ୍ତ ଶାନ୍ତି ବାର୍ତ୍ତା ଆରମ୍ଭ କରିବା କଥା ବୋଲି ନକ୍ସଲ ସଚିବ ରୂପେଶ ଅନୁରୋଧ କରିଛି।


## ନିଯୁକ୍ତି ବିଜ୍ଞାପନ

**BASUDEV SANSKRIT MAHAVIDYALAYA**
**AT/PO- TOTAPADA, VIA- ANLA**
**DIST- MAYURBHANJ**
**PIN- 757056 dt- 09.04.2025**

ଅଧ୍ୟକ୍ଷ/ସମ୍ପାଦକ ବାସୁଦେବ ସଂସ୍କୃତ ମହାବିଦ୍ୟାଳୟ, ତୋଟାପଡ଼ା, ଭାୟା-ଅଁଳା, ଜିଲ୍ଲା- ମୟୂରଭଞ୍ଜ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପତ୍ର ସଂଖ୍ୟା CSU/36010/ Odisha/ MISC/ S-11/2024-25/73 dated. 08.04.2025 ଅନୁଯାୟୀ ନିମ୍ନଲିଖିତ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି ।

| କ୍ରମିକ ନଂ | ପଦବୀ | ପଦବୀ ସଂଖ୍ୟା | ଶିକ୍ଷାଗତ ଯୋଗ୍ୟତା |
|---|---|---|---|
| ୧. | ଅଧ୍ୟାପକ/ ଅଧ୍ୟାପିକା ଦର୍ଶନ (ଅଦ୍ୱୈତ ବେଦାନ୍ତ) | ୧ | ଦର୍ଶନାଚାର୍ଯ୍ୟ/ ବେଦାନ୍ତ ଚାର୍ଯ୍ୟ |

ଇଚ୍ଛୁକ ପ୍ରାର୍ଥୀମାନେ ଶିକ୍ଷାଗତ ଯୋଗ୍ୟତା, ପ୍ରମାଣପତ୍ର ସହ ତା- ୨୧.୦୪.୨୦୨୫ରିଖ ପୂର୍ବରୁ ଆବେଦନ କରିବା ଆବଶ୍ୟକ । ସାକ୍ଷାତକାର ସମୟରେ ଶିକ୍ଷାଗତ ଯୋଗ୍ୟତାର ମୂଳ ପ୍ରମାଣପତ୍ର ସହ ଉପସ୍ଥିତ ରହିବା ବିଧେୟ । ଅନୁଷ୍ଠାନ କୌଣସି ଗସ୍ତ ଖର୍ଚ୍ଚ ବହନ କରିବ ନାହିଁ ।

ଅଧ୍ୟକ୍ଷ/ ସମ୍ପାଦକ
ଅରୁଣ କୁମାର ମହାପାତ୍ର
ବାସୁଦେବ ସଂସ୍କୃତ ମହାବିଦ୍ୟାଳୟ
ତୋଟାପଡ଼ା, ମୟୂରଭଞ୍ଜ


# ଖୋର୍ଦ୍ଧା ପୌରପରିଷଦ ୱାର୍ଡ ନମ୍ବର ୫, ହାଟ ପୋଖରୀ ଗାଧୁଆତୁଠ ସରକାରି ଜାଗା ଜବରଦଖଲକାରୀଙ୍କ କବଜାରେ

ଖୋର୍ଦ୍ଧା , ୯/୪ (ନି.ପ୍ର): ଖୋର୍ଦ୍ଧା ପୌର ପରିଷଦ ୱାର୍ଡ ନମ୍ବର ୫, ମୌଜା ସାନପଲା, ବହୁ ପୁରାତନ ,ହାଟ ପୋଖରି, ପାଖେ ଥିବା ସରକାରି ଜାଗା ଜବର ଦଖଲ କାରିଙ୍କ କବଜାରେ । ପୋଖରୀ ୪ ଟି ତୁଠ, ନିତ୍ୟକର୍ମ ପାଇଁ ଥିବା ବେଳେ ଗୋଟିଏ ତୁଠ କାର୍ଯ୍ୟରେ ଆସୁଛି। ପୂର୍ବ ପଟ ତୁଠ ଏକ ସଂଘ ତାର ସଙ୍ଘ ସ୍ତାୟୀ କୋଠା ସରକାରି ଯାଗାରେ କରି ଭଡ଼ା ଦେଇ ଅଛନ୍ତି। ଏହି ତୁଠ ରେ ମହିଳା ମାନଙ୍କ କାର୍ଯ୍ୟରେ ଆସେ ଓ ଗାନ୍ଧି ପଡିଆ ବାସିନ୍ଦା, ୱାର୍ଡ ,୫,୬,ଓ ୮ ନମ୍ବର ବାସିନ୍ଦା ଦଶାହ କାର୍ଯ୍ୟ କରନ୍ତି ।ମାତ୍ର ଏହି ତୁଠ କୁ ଯିବା ଆସିବା କରିବାକୁ ଥିବା ରାସ୍ତା ଜବର ଦଖଲ ଥିବା ଯୋଗୁ, କାର୍ଯ୍ୟରେ ଆସୁନାହିଁ। ଦକ୍ଷିଣ ପାଖ ପୋଖରି ହୁଡା ଉପରେ କିଛି ବାହାରୁ ଆସି ଜବର ଦଖଲ କରି ସ୍ଥାୟୀ ଘର କରିବା ଯୋଗୁ ତୁଠ ରେ ପୁରୁଷ ଓ ମହିଳା ନିତ୍ୟ କର୍ମ ପାଇଁ ଲଜ୍ୟା ଅନୁଭବ କରନ୍ତି ।କାରଣ ପୋଖରୀକୁ ମୁଁହ କରି ସେମାନେ ଘର କରି ଥିବରୁ ଅସୁବିଧା ହୁଏ। ଉତ୍ତର ପଟ ତୁଠ ଟି ଜଙ୍ଗଲିଆ ହୋଇ ପଡିଛି ଏଠି ଲୋକ ମାନେ ଝାଡ଼ା କରନ୍ତି, ଦୁର୍ଗନ୍ଧ , ଆବର୍ଜନା ଯୋଗୁ କେହି ବେବହାର୍ କରନ୍ତି ନାହିଁ। କେବଳ ପଶ୍ଚିମ ପଟ ତୁଠ କାର୍ଯ୍ୟ କାରୀ ହୁଏ। କିଛି ଗୁଣ୍ଡା, ହୁଣ୍ଡା , ଅସାମିଯିକ ସ୍ଥାୟୀ ବାସିନ୍ଦା ଏ, ସି, ଲୋକ ଜାଗା କୁ ବାଡ କାରୀ ବାହାର ଲୋକଙ୍କୁ ପ୍ଲଟିଙ୍ଗି କରି ପ୍ଲଟ ପ୍ରତି ଲକ୍ଷ ଲକ୍ଷ ଟଙ୍କା ନେଇ ବାହାର ମଫସଲ ଲୋକଙ୍କୁ ବିକୀ ଥିବାର ଶୁଣା ଯାଏ ଓ ପ୍ରମାଣ ଅଛି। ସ୍ଥାନୀୟ ରାଜସ୍ୱ ଅଧିକାରୀ ତାଙ୍କ କର୍ମ ଚାରି ହାତ ଗୁଞ୍ଜା ନେଇ ଦଖଲ ଦେବା ଶୁଣିବାକୁ ମିଳେ । ଏହି ହାଟ ପୋଖରୀ ପାଖ ଘରେ ଓ କୂଳରେ ନିଶା ବ୍ରାଉନ ସୁଗାର ଓ ଅସାଜୀମିକ କାର୍ଯ୍ୟ ରାତିରେ ଓ ଖରା ସମୟ ହେବାର ସ୍ଥାନୀୟ ଲୋକ କହନ୍ତି ଓ ଶୁଣିବାକୁ ମିଳେ। ହାଟ ପୋଖରୀ କିପରି ଲୋକଙ୍କ କାମରେ ଲାଗିବ, ଜବର ଦଖଲ ଉଚ୍ଛେଦ ହେବ, ସ୍ଥାନୀୟ ବୁଦ୍ଧି ଜିବୀ ଓ ସ୍ଥାୟୀ ବାସିନ୍ଦା ଜିଲ୍ଲାପାଳଙ୍କୁ ସମୂହ ଦସଖସ୍ତ କରି ଆପତ୍ତି ଦରଖାସ୍ତ ଦେବା ଆମର ହସ୍ତ ଗତ ହୋଇଛି। ଆଶା ଖୋର୍ଦ୍ଧା ଜିଲ୍ଲା ପାଳ, ପୋଲିସ ଅଧିକାରୀ ତଦନ୍ତ କରି କାରଯ୍ୟାନୁଷ୍ଠାନ କରିବା ହେବେ।

# ସରକାରୀ ପ୍ରାଥମିକ ବିଦ୍ୟାଳୟ ଭାଲୁଘେରାରେ ବାର୍ଷିକ ଉତ୍ସବ ପାଳିତ

ଉଦଳା, ୯/୪ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଭାଲୁଘେରା ଠାରେ ଚଳିତ ବର୍ଷର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଉତ୍ସବକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସମବାରୀ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପାଟଶାଣିପୁର କ୍ଲଷ୍ଟରର ସିଆରସିସି କୃଷ୍ଣଚନ୍ଦ୍ର ମହାନ୍ତ ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାମଚନ୍ଦ୍ର ସିଂ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୁଧଦେବ ସିଂ ଉପସ୍ଥିତ ରହିଥିଲେ । ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରକାର ଖେଳକୁଦ କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି କହିଥିଲେ ଚଳିତ ବର୍ଷ ଠାରୁ ଏନଇପି ୨୦-୨୦ ସରକାର ଲାଗୁକରିଥିବାରୁ ବିଦ୍ୟାଳୟ ମାନଙ୍କରେ ବାଲବାଟିକା ମାନଙ୍କୁ ଗ୍ରହଣ କରାଯାଇ ଶିକ୍ଷା ପ୍ରଦାନ କରାଯିବ । ବିଦ୍ୟାଳୟର ସମସ୍ତ ପିଲା ମାନଙ୍କର ଅବିଭାବକ ସହିତ ଗ୍ରାମବାସୀ ଉତ୍ସବରେ ଉପସ୍ଥିତ ଥିଲେ । ଶେଷରେ ଶିକ୍ଷକ କିଶୋର କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।




# ସ୍ୱର୍ଣ୍ଣଚୂଡ଼ କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

ନୀଳଗିରି, ୯/୪ (ନି.ପ୍ର): ନୀଳଗିରି ବ୍ଲକ ମିତ୍ରପୁର ସ୍ୱର୍ଣଚୂଡ଼ କଲେଜରେ ଯୁକ୍ତତିନି ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦଯାପିତ ହୋଇଯାଇଛି। ଗତ ମାର୍ଚ୍ଚ ୨୮ ତାରିଖରେ ଶିବିରକୁ କଲେଜର ଅଧକ୍ଷ ଶ୍ରୀଯୁକ୍ତ ଶକ୍ତି ପ୍ରସନ୍ନ ଚାନ୍ଦ ଉଦଘାଟନ କରିଥିଲେ । ଉକ୍ତ କଲେଜର ଅଧାପିକା ଶ୍ରୀମତୀ ରଶ୍ମିତା ପଣ୍ଡା, ସ୍ମରଣିକା ଧଳ , ମାନସୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ୮ଦିନିଆ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷିକା ରଞ୍ଜିତା ସ୍ୱାଇଁ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ କଳାକୌଶଳର ତାଲିମ ପ୍ରଦାନ କରିଥିଲେ । ଉଦଯାପନୀ ଦିବସରେ ତାଲିମପ୍ରାପ୍ତ ୧୧୦ ଜଣ ଛାତ୍ରୀଙ୍କୁ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଚାନ୍ଦ ପୁରସ୍କାରପତ୍ର ପ୍ରଦାନ କରିଥିଲେ। 'ନାରୀ ସଶକ୍ତିକରଣରେ ଆତ୍ମସୁରକ୍ଷାର ତାଲିମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ' ଅଧକ୍ଷଙ୍କ ଦ୍ୱାରା ଏକ ସାରଗର୍ଭକ ଭାଷଣ ପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରରେ ମହା ବିଦ୍ୟାଳୟର ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ଉଦଯାପନୀସଭା ଆୟୋଜିତ ହୋଇଥିଲା ବେଳେ ଏଥିରେ ଆତ୍ମସୁରକ୍ଷା ବିଭାଗର ଅନ୍ୟତମ ସଦସ୍ୟା ଅଧାପିକା ଉତ୍କର୍ଷା ଦାସ ଏବଂ ଡ. ନବନୀତା ଦାସଙ୍କ ସକ୍ରିୟ ସହଯୋଗରେ ସଭାକାର୍ଯ୍ୟ ଶୃଙ୍ଖଳିତଭାବେ ସମ୍ପନ୍ନ ହୋଇଥିଲା ।




## ରାଜ୍ୟସ୍ତରୀୟ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜିଲ୍ଲା ଦଳ ପାଇଁ ଚୟନ ଶିବିର ୧୩ ଓ ୧୪ ତାରିଖରେ

ବାରିପଦା, ୯/୪ (ନି.ପ୍ର): ରାଜ୍ୟ ସ୍ତରୀୟ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅବସରରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ମୟୁରଭଞ୍ଜ ଜିଲ୍ଲା ଦଳ ପାଇଁ ଚୟନ ଶିବିର ଚଳିତ ମାସ ୧୩ ଓ ୧୪ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି ଓ ଇଚ୍ଛୁକ ଖେଳାଳି ବାରିପଦା ଷ୍ଟାଡିୟମ ଅଫିସରେ ୧୧ ଓ ୧୨ ତାରିଖ ମଧ୍ୟରେ ନିଜ ନିଜର ଆଧାର କାର୍ଡ ଓ ପାସପୋର୍ଟ ଫୋଟୋ ଦାଖଲ କରି ନିଜର ନାମ ପଞ୍ଜିକରଣ କରିପାରିବେ ବୋଲି କ୍ରିକେଟ ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତିଙ୍କ ସୂତ୍ରରୁ ପ୍ରକାଶ ଓ ପ୍ରକାଶ ଥାଉକି ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ କଟକ ଠାରେ ୧୬ ତାରିଖ ଠାରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ ବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି ।

# ଭାରତୀୟ ତଟ ରକ୍ଷକ ତରଫରୁ ପାରାଦୀପଠାରେ ରାଜ୍ୟସ୍ତରୀୟ ସାମୁଦ୍ରିକ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟଶାଳା

ପାରାଦୀପ, ୯/୪ (ନି.ପ୍ର): ଭାରତୀୟ ତଟ ରକ୍ଷକ ମୁଖ୍ୟାଳୟ, ଜିଲ୍ଲା ସଂଖ୍ୟା ୭(ଓଡିଶା) ଦ୍ୱାରା ଦୁଇଦିନିଆ ରାଜ୍ୟସ୍ତରୀୟ ସାମୁଦ୍ରିକ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟଶାଳାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୦୮ ଓ ୦୯ ଏପ୍ରିଲ୍ ୨୫ ରେ ପାରାଦୀପରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟାଳୟରେ ଓଡିଶା ରାଜ୍ୟର ବିଭିନ୍ନ ସୁରକ୍ଷା ଓ ଉଦ୍ଧାର ବିଭାଗ ମାନେ ଅଂଶଗ୍ରହଣ କରିଥିଲେ, ଯଥା ଓଡିଶା ରାଜ୍ୟ ବିପର୍ଯ୍ୟୟ ବ୍ୟବସ୍ଥାପନ ପ୍ରାଧିକରଣ , ପାରାଦୀପ ବନ୍ଦର ପ୍ରାଧିକରଣ, ମତ୍ସ୍ୟ ବିଭାଗ, କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ, ଓଡିଶା ଆରକ୍ଷୀ ବାହିନୀ, ସାମୁଦ୍ରିକ ଆରକ୍ଷୀ ବାହିନୀ, ବନ ବିଭାଗ ଓ ଅନ୍ୟ ବେସରକାରୀ ସଂସ୍ଥା । ଭାରତୀୟ ତଟ ରକ୍ଷକ ଦେଶର ସାମୁଦ୍ରିକ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟର ଅଗ୍ରଣୀ ବିଭାଗ ଭାବେ କାର୍ଯ୍ୟ କରେ। ଏହି କାର୍ଯ୍ୟଶାଳ ର ଲକ୍ଷ୍ୟ ବିଭିନ୍ନ ବିଭାଗ ମଧ୍ୟରେ ସହଯୋଗ ,ମାନକ କାର୍ଯ୍ୟ ପ୍ରଣାଳୀ ବିଷୟରେ ପୁନଃଆଲୋଚନା କରି ଏକ ଉତ୍ତମ ସହଯୋଗିତା ସୃଷ୍ଟି କରିବା। ଏହି କାର୍ଯ୍ୟଶାଳାର କୁ ତଟ ରକ୍ଷକ କମାଣ୍ଡର (ଓଡ଼ିଶା) ଉପ ମହାନିରିକ୍ଷକ ସଂଜୟ ନେଗି ଉଦ୍ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଏଜେନ୍ସିମାନେ ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରି ତାଙ୍କର ଭୂମିକା, ପ୍ରତିକ୍ରିୟା ଓ ଉଦ୍ଧାର କ୍ଷମତା ବୃଦ୍ଧି କରିପାରିବେ ବୋଲି ଉଲ୍ଲେଖ କରିଥିଲେ। ଏହି ପ୍ରକାରର କାର୍ଯ୍ୟକ୍ରମ ସାମୁଦ୍ରିକ ଅପତ୍ତା ପରିସ୍ଥିତିରେ ଏକ ଏକତାବଦ୍ଧ ଉଦ୍ୟମ ଦ୍ୱାରା ଜୀବ ଓ ସମ୍ପତ୍ତି ରକ୍ଷା କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିବାହ କରିବା ବୋଲି ଉଲ୍ଲେଖ କରିଥିଲେ। ପ୍ରଥମ ଦିନରେ ବିଭିନ୍ନ ଏଜେନ୍ସିଙ୍କ ଦ୍ୱାରା ସନ୍ଧାନ ଓ ଉଦ୍ଧାର ସମ୍ପର୍କିତ ପ୍ରସ୍ତୁତି, ଉପକରଣ, ପ୍ରତିକ୍ରିୟା ବ୍ୟବସ୍ଥା ଓ ନୂତନ ପ୍ରଯୁକ୍ତି ସମ୍ପର୍କରେ ପ୍ରସ୍ତୁତି ଦିଆଯାଇଥିଲା। ଦ୍ୱିତୀୟ ଦିନ ଏକ ଟେବୁଲ୍ ଟପ୍ ଅଭ୍ୟାସ ଆୟୋଜିତ ହୋଇଥିଲା, ଯାହା ମାଧ୍ୟମରେ ବିଭିନ୍ନ ଏଜେନ୍ସି ଏକତାବଦ୍ଧ ଭାବେ କିପରି ସନ୍ଧାନ ଓ ଉଦ୍ଧାର ଅଭିଯାନ କରିପାରିବେ ତାହାର ଅନୁଭୂତି ଦିଆଯାଇଥିଲା।




## ଲଙ୍ଗଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ସଭାପତିଙ୍କ ପରଲୋକ



ଲଙ୍ଗଳେଶ୍ୱର , ୯/୪ (ନି.ପ୍ର): ଲଙ୍ଗଳେଶ୍ୱର ଉତ୍କଳ ମଣି ବରିଷ୍ଠ ନାଗରିକ ମଞ୍ଚର ସଭାପତି ମନମୋହନ ସେଠୀ ଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲର ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ସକାଳ ୧୦:୨୭ ସମୟରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ସ୍ୱର୍ଗତ ମନମୋହନ କେନ୍ଦ୍ର ସରକାରଙ୍କ ବି,ଏଚ,ଇ, ଏଲ୍,ର ଜେନେରାଲ ମ୍ୟାନେଜର ଭାବରେ କାର୍ଯ୍ୟ କରି ୨୦୧୬ ମସିହାରେ ଅବସର ଗ୍ରହଣ କରିଥିଲେ। ତାଙ୍କର ପରଲୋକ ରେ ଲଙ୍ଗଳେଶ୍ୱର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ପାର୍ଥିବ ଶରୀରକୁ ଲଙ୍ଗଳେଶ୍ୱର ବଜାର ଓ ଶିକ୍ଷା ଅନୁଷ୍ଠାନରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ମହେଶ୍ୱର ଜେନା, ପୂର୍ବତନ ସରପଂଚ ଭଗବାନ ଗିରି, ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ଗଗନ ବିହାରୀ ସାହୁ, ସମାଜସେବୀ ଚିତ୍ତରଞ୍ଜନ ଜେନା,ଜଗତ ଜୀବନ ଦାସ, ବିନୋଦ ବିହାରୀ ଦାସ,ସୁଦର୍ଶନ ଜେନା, ପ୍ରମୁଖ ତାଙ୍କ ବାସଭବନରେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବିଧାୟିକା ସୁବାସିନୀ ଜେନା, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସତ୍ ସଙ୍ଗ ବିହାରର ସମ୍ପାଦକ ସଞ୍ଜୟ କୁମାର ପାତ୍ର,ଯୁବକ ସଂଘ ର ସଭାପତି ତୁଷାରକାନ୍ତ ବେହେରା, ୨୨ନ.ଜୁନ୍ ର ଜିଲ୍ଲାପରିଷଦ ନିସାକର ସେଠୀ ,ଅଜୟ କୁମାର ସାମଲ, ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ପୁଅ ସଞ୍ଜୀବ ସେଠୀ ମୁଖାଗ୍ନି ଦେଇଥିଲେ।

# ଓଡ଼ିଆ ପକ୍ଷର ନବମ ଦିବସରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ

ବାଲେଶ୍ୱର, ୯/୪ (ନି.ପ୍ର): ଓଡ଼ିଶାର ସମୃଦ୍ଧ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସଂରକ୍ଷଣ ଏବଂ ପ୍ରଚାର କରିବା ଲକ୍ଷ୍ୟରେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି ଓଡ଼ିଆ ପକ୍ଷ ପାଳନ ଅବସରର ନବମ ଦିବସରେ ବାଲେଶ୍ୱର ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ସହିତ ବିଭିନ୍ନ ବ୍ଲକ, ପୌରାଞ୍ଚଳ ଓ ପୌରପାଳିକା ପରିସରରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି ଓ ଏହି ଅବସରରେ ବହି ବିକ୍ରୟ ଅନୁଷ୍ଠାନଙ୍କ ସହଯୋଗରେ ଅସ୍ଥାୟୀ ପୁସ୍ତକ ପ୍ରଦର୍ଶନୀ ତଥା ବିକ୍ରୟ କେନ୍ଦ୍ର ଖୋଲାଯାଇଥିଲା। ଏହି କେନ୍ଦ୍ରଗୁଡ଼ିକରେ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା କବିତା, ଉପନ୍ୟାସ, ପ୍ରବନ୍ଧ, ନାଟକ ଓ ଶିଶୁ ସାହିତ୍ୟ ଆଦିରେ ଲିଖିତ ବହି ଉପଲବ୍ଧ ଥିଲା। ପୂର୍ବାହ୍ନ ଘ ୧୦.୩୦ ଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଅସ୍ଥାୟୀ କେନ୍ଦ୍ରକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ହେମନ୍ତ କୁମାର ସିଂ ମିଳିତ ଭାବେ ଉଦ୍ଘାଟନ କରିଥିଲେ ଓ ଉଦ୍ଘାଟନ ପରେ ଉଭୟ ଅଧିକାରୀ ଏହି ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଓଡ଼ିଆ ଭାଷାର ଗୁରୁତ୍ୱ ଓ ଏହାର ସଂରକ୍ଷଣ ପାଇଁ ସମସ୍ତଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ ଓ ସାଧାରଣ ଲୋକେ ନିଜ ପସନ୍ଦର ଓଡ଼ିଆ ବହି ସବୁ କ୍ରୟ କରିଥିଲେ।



# ଓଡ଼ିଆପକ୍ଷ ପାଳନ ଉତ୍ସବ: ଜାତୀୟ ସେବା ଯୋଜନା ତରଫରୁ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ




ଉଦଳା, ୯/୪ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର +୨ ଓ +୩ରେ ଥିବା ଜାତୀୟ ସେବା ଯୋଜନା ତରଫରୁ ମିଳିତ ଭାବରେ ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସରେ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉଦଳା ସ୍ଥିତ ଉପଖଣ୍ଡ ସରକାରୀ ଚିକିତ୍ସାଳୟର ରକ୍ତଭଣ୍ଡାର ଦାୟିତ୍ୱରେ ଥିବା ଡ଼ା. ପ୍ରଜ୍ଞାପାରମିତା ବେହେରା ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ରକ୍ତଦାନ କରିବା ଦ୍ୱାରା ଅନ୍ୟର ଜୀବନ ବଂଚାଇବା ସହିତ, ଦାତା କିପରି ଅନେକ ଗୁଡ଼ିଏ ରୋଗରୁ ମୁକ୍ତି ପାଇଥାନ୍ତି ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଓଡ଼ିଆ ପକ୍ଷ ପାଳନର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ବାରମ୍ବାର ରକ୍ତଦାନ କରି ଅନ୍ୟର ଜୀବନ ବଂଚାଉଥିବା ଜିତେନ୍ଦ୍ର ହେମ୍ବ୍ରମ, ଗଜେନ୍ଦ୍ର ମହାନ୍ତି ଓ ହରିଶ୍ଚନ୍ଦ୍ର ପରିଡ଼ାଙ୍କୁ ମହାବିଦ୍ୟାଳୟ ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । +୨ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଗିରିଜା ଶଙ୍କର ପାତ୍ର ଓ +୩ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ମେରିନା ପଣ୍ଡା ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ଚଳିତ ଏପ୍ରିଲ ୧୦ ତାରିଖ ଗୁରୁବାର ଦିନ ସ୍ଥାନୀୟ ରକ୍ତଭଣ୍ଡାର ପରିସରରେ ହେବାକୁ ଥିବା ରକ୍ତଦାନ ଶିବିରରେ ବହୁ ସଂଖ୍ୟାର ବ୍ୟକ୍ତି ବିଶେଷ ରକ୍ତଦାନ କରିବାକୁ ଅନୁରୋଧ ଜଣାଇଥିଲେ । କ୍ଷୀରୋଦ ରଂଜନ ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଞ୍ଝାରପୁରରେ ଓୟୁଜେର ପ୍ରାନ୍ତୀୟ ସମ୍ମିଳନୀ ଅନୁଷ୍ଠିତ: ବାଲେଶ୍ୱରରୁ ୭ ସଦସ୍ୟଙ୍କ ଯୋଗଦାନ




ବାଲେଶ୍ୱର, ୯/୪ (ନି.ପ୍ର): ଯାଜପୁର ଜିଲ୍ଲାର ବିଞ୍ଝାରପୁର ଠାରେ ଓଡିଶା ସାମ୍ବାଦିକ ୟୁନିଅନ ର ପ୍ରାନ୍ତୀୟ ସମ୍ମିଳନୀ ଓ ବିଞ୍ଝାରପୁର ଶାଖାର ଏକାଦଶ ତମ ବାର୍ଷିକ ଉତ୍ସବ ଆଜି ବରୁଣେଶ୍ୱର କଲ୍ୟାଣ ମଣ୍ଡପ ରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟ କ୍ରମ ରେ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖାର ୭ଜଣ ସଦସ୍ୟ ଯୋଗ ଦେଇଥିଲେ। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ ସଂଘର ବରିଷ୍ଠ ସଦସ୍ୟ ରାମନାରାୟଣ ଶତପଥୀ,ଅନାମ ଚରଣ ପଣ୍ଡା,ରବୀନ୍ଦ୍ର ମହାକୁଡ, ଉତ୍କଳ ବନ୍ଧୁ ପଣ୍ଡା,କୈଳାଶ ଚନ୍ଦ୍ର ଦାସ,ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ବିଞ୍ଝାରପୁର ର ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମ୍ବାଦିକ ମାନେ ଜନତା ଙ୍କ ସର୍ବନିମ୍ନ ସମସ୍ୟା କୁ ପ୍ରାଥମିକତା ଦେବା ସହ ସରକାରଙ୍କ ଜନ କଲ୍ୟାଣ କାରି ଯୋଜନାର ସଫଳତା ସମ୍ପର୍କରେ ଜନ ସାଧାରଣ ଙ୍କୁ ଅବଗତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱ ଆରୋପ କରିଥିଲେ।ସେ କହିଲେ ଯେ,ସାମ୍ବାଦିକ ବୃତ୍ତି ଆପଣାଇ ଥିବା ବ୍ୟକ୍ତିଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟ ସ୍ୱଚ୍ଛ ହେବା ଦରକାର। ସେମାନଙ୍କ ଦାବିଗୁଡିକୁ ପ୍ରତି ସରକାର ଦୃଷ୍ଟି ଦେଲେ ସେମାନେ ଅଧିକ ଉତ୍ସାହିତ ହୋଇ କାର୍ଯ୍ୟ କରିବାକୁ ପ୍ରେରଣା ପାଇପାରିବେ। ଓୟୁଜେ ର ରାଜ୍ୟ ଶାଖା ସଭାପତି ପ୍ରସନ୍ନ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସତ୍ୟର ସ୍ୱର ଚାପି ଦିଆଯାଉ ଥିବାରୁ ଗଭୀର ଉଦବେଗ ପ୍ରକାଶ କରିଥିଲେ। କ୍ଷମତା,ପ୍ରତିପତ୍ତି ପାଇଁ ସତ୍ୟ ସମ୍ବାଦ ପରିବେଷଣ ଓ ବାକ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଯିବା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। କେତେକ ଉଦାହରଣ ଛଳରେ ସେ କହିଲେ ଯେ,ରାଜ୍ୟ ତଥା ଦେଶର କେତେକ ଗଣ ମାଧ୍ୟମ ସଂସ୍ଥା,ଓ ସେଥିରେ କାର୍ଯ୍ୟ କରୁଥିବା ବରିଷ୍ଠ ସାମ୍ବାଦିକ ଙ୍କ ଶାଣିତ ସ୍ୱର୍ କୁ ସବୁ ଦିନ ପାଇଁ ଚାପି ଦେବାକୁ ହୀନ ଉଦ୍ୟମ କରାଯାଇଥିବା ର ଜ୍ୱଳନ୍ତ ଦୃଷ୍ଟାନ୍ତ ରହିଛି।ଉଚ୍ଚ ନ୍ୟାୟାଳୟ ନ ଥିଲେ ପରିସ୍ଥିତି ଅତି ସଙ୍କଟାପନ୍ନ ଓ ଭୟଙ୍କର ହୋଇଥାନ୍ତା ବୋଲି ସେ ଉଦବେଗ ପ୍ରକାଶ କରିଥିଲେ। ଏହି କାର୍ଯ୍ୟ କ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଉଦବୋଧନ ଦେଇ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।ଏହି କାର୍ଯ୍ୟକ୍ରମ ରେ ଓୟୁଜେ ର ବରିଷ୍ଠ କର୍ମକର୍ତ୍ତା ଯୋଗଦେବା ସହ ବାଲେଶ୍ୱର, ଭଦ୍ରକ,ଯାଜପୁର, କେଉଁଝର, ଜିଲ୍ଲା ରୁ ବହୁ ସଦସ୍ୟ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ନୂତନ ରାମମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ୧୦୮ କଳସଯାତ୍ରା ଶୋଭାଯାତ୍ରା

ନୀଳଗିରି, ୯/୪ (ନି.ପ୍ର): ରାମନାମରେ ପ୍ରକମ୍ପିତ ହେଲା ନୀଳଗିରି ସହର।କଳସ ମୁଣ୍ଡେଇ ଦୀର୍ଘ ୮ କିମି ଚାଲିଲେ ଶ୍ରଦ୍ଧାଳୁ। ସୂଚନା ଅନୁଯାୟୀ ଔପଦା ବ୍ଲକ ବାଉଁଶବଣିଆ ଗ୍ରାମରେ ନୂତନ ରାମମନ୍ଦିର ପ୍ରତିଷ୍ଠା ନିମନ୍ତେ ଏକ ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ବିଜିପୁର ଗ୍ରାମୀଣ ମେଳାରେ 'କର ଯୋଗ ରୁହ ନିରୋଗ' ଆଲୋଚନା ଚକ୍ର ଅନୁଷ୍ଠିତ

ବଡ଼ସାହି , ୯/୪ (ନି.ପ୍ର): ବଡସାହି ବ୍ଲକର ମାଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ବିଜିପୁରଗ୍ରାମରେ ପ୍ରଥମ ବାର୍ଷିକ ଗ୍ରାମୀଣ ମେଳାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପାଟଲିପୁରା ଗୀତା ପାଠଶାଳା ଏବଂ ବାଲେଶ୍ୱର ରେମୁଣା ବ୍ଲକରେଥିବା ବାଲିପାଳ ଗୀତା ପାଠଶାଳା ତଥା ଇଣ୍ଟରନ୍ୟାସନାଲ ନେଚରପାଥି ଅର୍ଗାନାଇଜେସନର ମିଳିତ ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ 'କରଯୋଗ ରୁହ ନିରୋଗ 'ଶୀର୍ଷକ ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ ପେଟ୍ରୋନ ତଥା ଇଣ୍ଟରନ୍ୟାସନାଲ ନେଚରପ୍ୟାଥି ଅର୍ଗାନାଇଜେସନର ଉତ୍ତର ଓଡିଶା ସଂଯୋଜକ କବି ଡ଼କ୍ଟର ରମାକାନ୍ତ ମହାନ୍ତଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବିହାର ପ୍ରଦେଶ ଅନ୍ତର୍ଗତ ମୁଜଫାପୁରର ବରିଷ୍ଠ ରାଜଯୋଗୀ ବିକେ ଦିଗବିଜୟ ଜୀ, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ରାଜଯୋଗୀ ହେମନ୍ତ କୁମାର ଜେନା, ବାସୁଦେବ ବାରିକ ଏବଂ ମୁଖ୍ୟ ବକ୍ତା ଭାବରେ ପ୍ରାକୃତିକ ଚିକିତ୍ସକ ବରିଷ୍ଠ ରାଜଯୋଗୀ ଭାସ୍କର ଚନ୍ଦ୍ର ଦୁର୍ଗା, ସମ୍ମାନିତ ବକ୍ତା ଭାବରେ ଡାକ୍ତର ଧ୍ରୁବ ଚରଣ ପ୍ରଧାନ ପ୍ରମୁଖ ଯୋଗଦାନ କରି ସୁସ୍ଥ ନିରାମୟ ସୁଖୀ ଜୀବନର ଆଧାର ରାଜ ଯୋଗ ବୋଲି କହିଥିଲେ । ଅଧକ୍ଷୀୟ ବକ୍ତବ୍ୟ ପ୍ରଦାନ କରି କବି ଡ଼କ୍ଟର ମହାନ୍ତ କହିଲେ ଯେ ସୁସ୍ଥ ରହିବା ଆମର ଜନ୍ମଗତ ଅଧିକାର, ଅସୁସ୍ଥ ହେଲେ ଆମେ ନିଜ ପାଇଁ, ପରିବାର ପାଇଁ ସମାଜ ପାଇଁ ଅକାମି ହୋଇ ଯିବା, ତେଣୁ ନିୟମିତ ଯୋଗ ଅଭ୍ୟାସକରି ସୁସ୍ଥ ରହିବାପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା ଏବଂ ପରିଚାଳନା କରିଥିଲେ ବାଲିପାଳ ଗୀତା ପାଠଶାଳାର ମୁଖ୍ୟ ବ୍ରହ୍ମାକୁମାରୀ ଉଷା । ଧନ୍ୟବାଦ ଅର୍ପଣ କରିଥିଲେ ଶରତ ଚନ୍ଦ୍ର ପାତ୍ର । ଏଥିରେ ବିଜିପୁରଗ୍ରାମୀଣ ମେଳାର ସଭାପତି ଦୀପକ କୁମାର ସାହୁ, ସମ୍ପାଦକ ଅଜିତ କୁମାର ବାରିକଙ୍କ ସମେତ ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida